

ମନମୋହନଙ୍କୁ ସୁପ୍ରିମକୋର୍ଟଙ୍କ କ୍ଲିନ୍‌ଚିଟ୍ ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 129 ଭାଗ ୩୪ | ସଂଖ୍ୟା ୧୨୯ | Thursday 30 July 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୩୦ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବନ୍ୟାରେ ୫ ଜିଲ୍ଲା ସର୍ବାଧିକ ପ୍ରଭାବିତ

- ଲଗାଣ ବର୍ଷାରେ ପଶ୍ଚିମ ଓ ଦକ୍ଷିଣର ୯ ଜିଲ୍ଲା କ୍ଷତିଗ୍ରସ୍ତ
- ଆଲର୍ଟରେ ବରଗଡ଼, ବଲାଙ୍ଗୀର, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା
- ୪୪ ବ୍ଲକ୍, ୨୪୩ ପଞ୍ଚାୟତ ଓ ୭୪୮ଟି ଗାଁ ପ୍ରଭାବିତ
- ଜଳବନ୍ଦୀରେ ୨୨୬ ଗାଁ; ୩୦ ହଜାର ଲୋକ ସ୍ଥାନାନ୍ତର
- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ


ଫୁଲୁଛି ମହାନଦୀ, ଉପକୂଳବାସୀ ଛାନିଆ

**ଭୁବନେଶ୍ୱର/ଧାମନଗର,୨୯।୭(ସଂଚାର ବ୍ୟୁରୋ):** ରାଜ୍ୟର ବନ୍ୟା ପରିସ୍ଥିତି ଉପରେ ସରକାର ଚବିଶଘଣ୍ଟିଆ କଡ଼ା ନଜର ରଖିଛନ୍ତି। ପ୍ରଭାବିତ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

ଏନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍., ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗ ଦେଇଥିଲେ। ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ସମୀକ୍ଷା କରାଯାଇଥିଲା।

ଲଗାଣ ବର୍ଷାଜନିତ ବନ୍ୟା ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ଅପରାହ୍ନ ସୁଦ୍ଧା ୪୪ଟି ବ୍ଲକ୍, ୨୪୩ଟି ଗ୍ରାମ ପଞ୍ଚାୟତ ଓ ୭୪୮ଟି ଗ୍ରାମ ବନ୍ୟା ପ୍ରଭାବରେ ରହିଛି। ଏହାବ୍ୟତୀତ ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳ ମଧ୍ୟ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଜିଲ୍ଲା ପ୍ରଶାସନର ସମନ୍ୱିତ ପ୍ରୟାସର ପ୍ରଶଂସା କରିଥିଲେ । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ପ୍ରାୟ ୩୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ସ୍ଥାନାନ୍ତରଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୨୬ଟି ଗ୍ରାମରେ ଜଳବନ୍ଦୀ ସ୍ଥିତି ରହିଛି। ତେବେ ବିଶେଷକରି ବାଲେଶ୍ୱର ଜିଲ୍ଲାରେ ଜଳସ୍ତର କମିବା ଆରମ୍ଭ କରିଥିବାରୁ ଅନେକ ଲୋକ ଧୀରେ ଧୀରେ ରିଲିଫ କେନ୍ଦ୍ରରୁ ନିଜ ଘରକୁ ଫେରୁଛନ୍ତି।

ସମସ୍ତ ରିଲିଫ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ଥାନାନ୍ତରିତ ଲୋକଙ୍କୁ ସ୍ୱଚ୍ଛ ଓ ରନ୍ଧା ଖାଦ୍ୟ ➪ପୃଷ୍ଠା-୬

## ବିଚଳିତ ଓ ଭୟଭୀତ ନହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ



- ସ୍ଥିତି ଉପରେ ପୂରା ନଜର ରଖିଛନ୍ତି ସରକାର
- ଲୋକଙ୍କ ସହ ସେ ଓ ପ୍ରଶାସନ ଛିଡ଼ା ହୋଇଛନ୍ତି

ଲଗାଣ ବର୍ଷା ପାଇଁ ରାଜ୍ୟରେ କିଛି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଲୋକଙ୍କୁ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସରକାର ଲୋକଙ୍କ ସହ ଛିଡ଼ା ହୋଇଛନ୍ତି ଓ ପ୍ରଶାସନର ସୂଚନାକୁ ପାଳନ କରି ସୁରକ୍ଷିତ ରହିବାକୁ ସେ ରାଜ୍ୟବାସୀଙ୍କୁ ଏକ ବାର୍ତ୍ତା ଦେଇଛନ୍ତି।

ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତି ଉପରେ ସରକାର ପ୍ରତିଟି ମୁହୂର୍ତ୍ତରେ ସିଧାସଳଖ ନଜର ରଖିଛନ୍ତି। ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ସେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲଫ୍ କମିଶନରଙ୍କ ସହ ଆଲୋଚନା କରିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ସେ ଦେଇଥିବା କହିଛନ୍ତି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜଳସ୍ତର ଓ ପରିସ୍ଥିତି ଉପରେ ସାକ୍ଷାତ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪×୭ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ଓ ପୋଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ➪ପୃଷ୍ଠା-୬

ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬

## ପଞ୍ଚମ ଦିନରେ ଭାରତକୁ ଡବଲ୍ ରୌପ୍ୟ







**ଗ୍ଲାସ୍‌ଗୋ(ସ୍କଟ୍‌ଲ୍ୟାଣ୍ଡ):** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଆଜି ପ୍ରତିଯୋଗିତାର ପଞ୍ଚମ ଦିନରେ ଭାରତ ଦୁଇଟି ରୌପ୍ୟ ପଦକ ହାସଲ କରିଛି। ଏହି ଦୁଇଟି ରୌପ୍ୟ ସହ ଭାରତ ୨ଟି ସ୍ୱର୍ଣ୍ଣ ସମେତ ମୋଟ ୧୨ଟି ପଦକ ସହ ତାଲିକାର ନବମ ସ୍ଥାନରେ ରହିଛି। ଆଜି ଭାରତ ପାଇଁ ଏହି ଦୁଇଟି ରୌପ୍ୟ ପଦକ ଭାରୋତ୍ତୋଳନ ଓ ଆଥଲେଟିକ୍ସରୁ ଆସିଛି। ଗୋଟିଏ ପଟେ ଭାରୋତ୍ତୋଳନରେ ମହିଳା ପ୍ରତିଯୋଗୀ ହରଜିନ୍ଦର କୌର୍ ରୌପ୍ୟ ହାସଲ କରିଥିବା ବେଳେ ଆଥଲେଟିକ୍ସରେ ଗୁଲ୍‌ବୀର ସିଂହ ରୌପ୍ୟ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଏହାଛଡ଼ା ଆଜି ପଞ୍ଚମ ଦିନରେ ଭାରତ ପାଇଁ ବକ୍ସିଂରେ ପ୍ରତିଯୋଗୀମାନେ ୫ଟି ପଦକ ସୁନିଶ୍ଚିତ କରିଛନ୍ତି।

ଗୁଲବୀର ୧୦ ହଜାର ମିଟର ପୁରୁଷ ବିଭାଗ ଦୌଡ଼ରେ ରୌପ୍ୟ ପଦକ ଜିତି ଐତିହାସିକ ସଫଳତା ପାଇଛନ୍ତି। ସେ ଏହି ଇଭେଣ୍ଟ୍‌ରେ ପ୍ରଥମ ଭାରତୀୟ ଭାବେ ପଦକ ଅର୍ଜନ କରିଛନ୍ତି। ସେ ୧୦ ହଜାର ମିଟର ଦୂରତାକୁ ➪ପୃଷ୍ଠା-୬

ରାଜ୍ୟର ଡିଜିଟାଲ୍ ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ ବଡ଼ ପଦକ୍ଷେପ

## ଗାଁରେ ପହଞ୍ଚିବ ଅପ୍ଟିକାଲ ଫାଇବର ଇଣ୍ଟରନେଟ୍



ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମଧ୍ୟରେ ଦୁଇଟି ଏମଓୟୁ

**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଞ୍ଚାୟତକୁ ଆଇପି ଏମ୍‌ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ। ଗାଁ ସ୍ତର ପର୍ଯ୍ୟନ୍ତ ଫାଇବର ଟୁ ହୋମ ସଂଯୋଗ ବିସ୍ତାର କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ ଭାରତ ନେଟ୍ ପରିଯୋଜନା ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ପ୍ରାୟ ୩୩୮୪ କୋଟିର ଅଧିକ ଟଙ୍କା ଖର୍ଚ୍ଚ କରିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ। ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଣ୍ଟରନେଟ ସେବା ଉପଲବ୍ଧ କରାଯିବ ଏବଂ ଏଥି ନିମନ୍ତେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ। ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଗାଁ ର ଘରକୁ ଘର ସଂଯୋଗ କରାଯିବ। ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ଲକକୁ ଡାଟା ଏକ୍ସଚେଞ୍ଜ ସେଣ୍ଟର ଏବଂ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଏକ ଡାଟା ଏକ୍ସଚେଞ୍ଜ ସେଣ୍ଟର ଭାବେ ବିକଶିତ କରାଯିବ। ସରକାରଙ୍କ ସଂକଳ୍ପ ପତ୍ର ଅନୁସାରେ ଆଜି ଡିଜିଟାଲ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା, ଉନ୍ନତ ପ୍ରଯୁକ୍ତିର ପ୍ରସାର ଏବଂ ନାଗରିକମାନଙ୍କୁ ଉନ୍ନତମାନର ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ➪ପୃଷ୍ଠା-୬

ବନ୍ୟାରେ ରିଲିଫ୍ ଦାୟିତ୍ୱ ତୁଲାଉଥିବା ବେଳେ ଅଘଟଣ

## ବିଦ୍ୟୁତ୍ ଆଘାତରେ ଅଗ୍ନିକଙ୍କ ମୃତ୍ୟୁ

ମୁଖ୍ୟମନ୍ତ୍ରୀଙ୍କ ଶୋକ ବ୍ୟକ୍ତ



**କେନ୍ଦୁଝର,୨୯।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଜନସାଧାରଣଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣି ଘେରରେ ଥିବା ଲୋକମାନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ଦିଗରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସହଯୋଗ କରୁଛନ୍ତି। ତେବେ ଏହି ରିଲିଫ୍ ବଣ୍ଟନ ବେଳେ କେନ୍ଦୁଝର ଜିଲ୍ଲାରେ ଘଟିଛି ଏକ ଅଘଟଣ। ଗତ ଦୁଇ ଦିନ ଧରି କେନ୍ଦୁଝରରେ ବନ୍ୟା ସ୍ଥିତି ଗମ୍ଭୀର ରହିଥିବା ବେଳେ ରିଲିଫ୍ ବଣ୍ଟନ ବେଳେ ଜଣେ ଅଗ୍ନିକ ଅଘଟଣର ସମ୍ମୁଖୀନ ହୋଇଛନ୍ତି। ଚନ୍ଦନ ପଟ୍ଟନାୟକ ନାମକ ଉକ୍ତ ଯୁବ ଅଗ୍ନିକ ଜଣଙ୍କ କେନ୍ଦୁଝର ମହାନଗର ନିଗମ ଅଧୀନରେ କାର୍ଯ୍ୟ କରୁଥିବା ଏକ ୧୦ଜଣିଆ ଟିମ୍‌ର ସଦସ୍ୟ ଥିଲେ। ସେ ଟିମ୍ ସହ ପୁଲିସ୍ କ୍ଲବ୍ ଓ ଆଖପାଖ ଅଞ୍ଚଳରୁ ବନ୍ୟାପାଣି ବାହାର କରିବା ସକାଶେ ନିୟୋଜିତ ଥିଲେ। ଏହି ସମୟରେ ସେ ପାଇପ୍ ପକାଇବା ସକାଶେ ଆଣ୍ଠୁଏ ଉଚ୍ଚର ପାଣି ଜମା ଥିବା ଏକ ଘରେ ପ୍ରବେଶ କରିଥିଲେ। ତେବେ ଏହି ସମୟରେ ଉକ୍ତ ଘରେ ଥିବା ଏକ ଜିଆଇ ତାର ଚାର୍ଜ ହୋଇଯାଇଥିବା ବେଳେ ଚନ୍ଦନ ତା' ସଂସ୍ପର୍ଶରେ ଆସିଯିବା ଫଳରେ ସେହିଠାରେ ହିଁ ଟଳିପଡ଼ିଥିଲେ। ଏହି ସମୟରେ ତାଙ୍କ ସହ କାର୍ଯ୍ୟରତ ଅନ୍ୟ ଅଗ୍ନିକମାନେ ଏକ ପ୍ଲାଷ୍ଟିକ୍ ପାଇପ୍ ସହାୟତାରେ ତାଙ୍କୁ ବିଦ୍ୟୁତ୍ ସରବରାହରୁ ମୁକ୍ତ କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟାଳୟ ➪ପୃଷ୍ଠା-୬

## ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ଗୃହୀତ

- ବିଲ୍‌ରେ କଠୋର କାର୍ଯ୍ୟାନୁଷ୍ଠାନ ପ୍ରାବଧାନ
- ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଇଚ୍ଛାଶକ୍ତି ପ୍ରତିଫଳିତ



**ନୂଆଦିଲ୍ଲୀ,୨୯।୭:** ବିରୋଧୀଙ୍କ ହୋହଲ୍ଲା, ହଟ୍ଟଗୋଳ ଓ ସରକାର ବିରୋଧୀ ନାରାବାଜି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିରାକରଣ) ସଂଶୋଧନ ବିଲ୍-୨୦୨୬ ବୁଧବାର ଲୋକସଭାରେ ବାଚନିକ ଭୋଟ୍‌ରେ ଗୃହୀତ ହୋଇଛି। ଅତୀତର ଅନୁଭୂତିକୁ ଆଧାରକରି ବିଭିନ୍ନ ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଘଟୁଥିବା ଦୁର୍ନୀତି ବିରୋଧରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଇଚ୍ଛାଶକ୍ତିକୁ ଏହି ବିଲ୍ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଦୃଢ଼ତାର ସହ ମତ ପୋଷଣ କରିଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଏହି ବିଲ୍‌କୁ ପୂର୍ଣ୍ଣାଙ୍ଗ ଆଇନ୍‌ରେ ରୂପାନ୍ତରିତ କରିବା ଲାଗି ଗୃହର ଉଚ୍ଚ ସଦନ 'ରାଜ୍ୟସଭା'ରେ ଆଗତ କରାଯିବ। ଦେଶର ପରୀକ୍ଷା ବ୍ୟବସ୍ଥାକୁ ➪ପୃଷ୍ଠା-୬

## କୁମାମୋଟୁ ଭୂକମ୍ପ, ୧୮ ମୃତ


ତଲାସୀ ଓ ଉଦ୍ଧାର କାର୍ଯ୍ୟ ଜାରି

**ଟୋକିଓ,୨୯।୭:** ମଙ୍ଗଳବାର ଜାପାନର କୁମାମୋଟୁ ପ୍ରଦେଶରେ ପ୍ରଳୟଙ୍କରୀ ଭୂକମ୍ପ ଓ ପରେପରେ ଲୋକଗହଳିପୂର୍ଣ୍ଣ ସପିଂମଲରେ ଘଟିଥିବା ଭୟାବହ ବିସ୍ଫୋରଣର ଦିନକ ପରେ ମଧ ବୁଧବାର ଉଦ୍ଧାରକାରୀଦଳଗୁଡ଼ିକ ଧ୍ୱଂସସ୍ତୂପ ଭିତରୁ ଜୀବିତ ଲୋକଙ୍କର ସନ୍ଧାନ ପାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଇତିମଧ୍ୟରେ ଅତିକମ୍‌ରେ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦକ୍ଷିଣ-ପଶ୍ଚିମ ପ୍ରଦେଶର ଏହି ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ➪ପୃଷ୍ଠା-୬

କେନ୍ଦ୍ର ସରକାରଙ୍କ ଖର୍ଚ୍ଚ କାଟ ଚିନ୍ତା

## 'ୱାନ୍ ଅଫିସର୍ ୱାନ୍ କାର୍' ପଲିସି ଲାଗୁ

ସରକାରୀ ଗାଡ଼ିର ଅପବ୍ୟବହାର ଉପରେ ଅଙ୍କୁଶ



**ନୂଆଦିଲ୍ଲୀ,୨୯।୭(ସଂଚାର ବ୍ୟୁରୋ):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତରେ ତୈଳ ସଂରକ୍ଷଣ ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରିବା ସହ ରାଜ୍ୟମାନଙ୍କୁ ଖର୍ଚ୍ଚକାଟ କରିବା ସକାଶେ ପରାମର୍ଶ ଦେଇଥିଲେ। ଏବେ ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଖର୍ଚ୍ଚକାଟ କରିବା ସହ ସରକାରୀ ଗାଡ଼ିର ଅପବ୍ୟବହାର ରୋକିବା ସକାଶେ ଠୋସ୍ ପଦକ୍ଷେପ ନେଇଛନ୍ତି। ଏଣିକି କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ସକାଶେ 'ୱାନ୍ ଅଫିସର୍ ୱାନ୍ କାର୍' ପଲିସି ଲାଗୁ ହେବ। ଅର୍ଥାତ୍ ଜଣେ ଅଧିକାରୀ ନିଜ ନାମରେ କେବଳ ➪ପୃଷ୍ଠା-୬

## ଶେୟାର ମାର୍କେଟ୍ ଫଣ୍ଡା ବୁଝିବେ ଜେନ୍-ଜି'

କଲେଜରେ ପଢ଼ାଯିବ ଶେୟାର ମାର୍କେଟ୍ ପାଠ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଜେନ-ଜି'ଙ୍କୁ ତାଙ୍କ ଅନ୍ଦାଜରେ ଶିଖାଯିବ ପାଠ। ସେୟାର ମାର୍କେଟର ଟିକିନିଖି ହାଲଚାଲ ବୁଝିବା ଏଣିକି ହେବ ସହଜ। ବେଶୀ କଷ୍ଟ ନୁହେଁ, ସିଧା କଲେଜରେ ମିଳିବ ନଲେଜ୍।

ସରକାରୀ ପିଜି ଏବଂ ଯୁକ୍ତ ତିନି କଲେଜଗୁଡ଼ିକରେ ଏହାକୁ ଆରମ୍ଭ କରିବାକୁ ଯାଉଛି ଉଚ୍ଚଶିକ୍ଷା ବିଭାଗ। ସେୟାର ମାର୍କେଟର ଖବର, ମ୍ୟୁଚୁଆଲ ଫଣ୍ଡରେ ଇନଭେଷ୍ଟ, ଫାଇଦା ଓ କ୍ଷତି କେମିତି ଜାଣିବେ, ସେସବୁ ବିଷୟରେ ଗୋଟି ଗୋଟି କରି ତାଲିମ ମିଳିବ। ଏନେଇ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍ ସହ ସ୍ୱାକ୍ଷରିତ ହୋଇଛି ଏମଓୟୁ। ପ୍ରଥମ ପର୍ଯ୍ୟାରେ ଭୁବନେଶ୍ୱର, ବ୍ରହ୍ମପୁର, ଭଦ୍ରକ, ଢେଙ୍କାନାଳ, ଜୟପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ରାଉରକେଲା ଏବଂ ସମ୍ବଲପୁର ଭଳି ୯ଟି ବଡ଼ ବଡ଼ ସହରର ୯୭ଟି କଲେଜ ଓ ବିଶ୍ୱବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ପ୍ରତି କଲେଜରେ ଏଥିପାଇଁ ଜଣେ ଜଣେ ନୋଡାଲ୍ ଅଧିକାରୀ ନିଯୁକ୍ତ ହେବେ। ଏଥିସହ ➪ପୃଷ୍ଠା-୬

ଥମୁନି ପାକ୍ ସେନାର ନରସଂହାର

## ୪୮ ଘଣ୍ଟାରେ ୩୦ ମୃତ

**ନୂଆଦିଲ୍ଲୀ,୨୯।୭:** ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନ ସୁରକ୍ଷା ବାହିନୀଙ୍କ ଗୁଳିରେ ୪୮ ଘଣ୍ଟାରୁ କମ୍ ସମୟରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି। ମୃତୁସଂଖ୍ୟା କମାଇବା ଲାଗି ପାକ୍ ସେନା ମୃତଦେହଗୁଡ଼ିକୁ ଲୁଚାଇ ଦେଉଥିବା ଆନ୍ଦୋଳନର ନେତୃତ୍ୱ ନେଉଥିବା ଜମ୍ମୁ-କଶ୍ମୀରରେ ଜଏଣ୍ଟ ଆୱାମୀ ଆକ୍ସନ କମିଟି ଅଭିଯୋଗ କରିଛି। ସେଭଳି ମାନବାଧିକାର ସଂଗଠନ ଆମନେଷ୍ଟି ଇଣ୍ଟରନ୍ୟାସନାଲ ପାକିସ୍ତାନୀ ପ୍ରଶାସନର ଅମାନବୀୟ କାର୍ଯ୍ୟାନୁଷ୍ଠାନ ନେଇ ବିଶ୍ୱର ଧ୍ୟାନ ଆକର୍ଷଣ କରିଛି।

■ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା

## ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ତ୍ରୁଟିକୁ ଖଣ୍ଡନ

**ନୂଆଦିଲ୍ଲୀ,୨୯।୭:** ଅହମଦାବାଦରେ ଏୟାର୍ ଇଣ୍ଡିଆର ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାପରେ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ନେଇ ଉଠିଥିବା ସନ୍ଦେହକୁ ସରକାର ଅସ୍ୱୀକାର କରିଛନ୍ତି। ତଦନ୍ତରେ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍‌ରେ କୌଣସି ତ୍ରୁଟି ମିଳିନଥିବା ସରକାର କହିଛନ୍ତି। ସିଭିଲ୍ ଏଭିଏସନ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏୟାର୍ ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନରେ ଥିବା ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ସମ୍ପର୍କରେ ଯାଞ୍ଚ କରାଯାଇଛି। ଏଥିରେ କୌଣସି ଯାନ୍ତ୍ରିକ ତ୍ରୁଟି ମିଳିନାହିଁ। ତଦନ୍ତକାରୀ ସଂସ୍ଥା ଦୁର୍ଘଟଣାର ସମସ୍ତ ସମ୍ଭାବ୍ୟ କାରଣ ଯାଞ୍ଚ କରୁଛି। ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର୍ ଇଣ୍ଡିଆର ଏହି ବିମାନ ଜୁନ୍ ୧୨ ତାରିଖରେ ଅହମଦାବାଦ ବିମାନବନ୍ଦର ନିକଟରେ ଥିବା ଏକ ଆବାସିକ ଅଞ୍ଚଳରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ବିମାନରେ ଥିବା ୨୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।



### କାନ ଡେରିଆ

ବନ୍ୟା ପାଣି ଏବେ ଗାଁ ଗଣ୍ଡା ସାରା
ଚୁଲି ଉବୁଟୁବୁ ହେଉଛି
ପ୍ରଶାସନ ଖାଲି ବୁଲିବାକୁ ଯାଇ
କାଗଜରେ ଲେଖି ଦେଉଛି
ପେଟର ଭୋକ ନ ଦିଶୁଛି...
ଗାଁଠୁ ସହର ସବୁ ନେତାଗଣ
ମରିବା କଥା ଯେ ମରୁଛି।

■ ଦେବାଶିଷ

## ନବୀନ ପ୍ରମାଣ କରିଦେଲେ ଧର୍ମେନ୍ଦ୍ର ହିଁ ପ୍ରତିଦ୍ୱନ୍ଦ୍ୱୀ

- ଇସ୍ତଫା ପରେ ବିରୋଧକୁ ନେଇ ପ୍ରଶ୍ନ
- ଧର୍ମେନ୍ଦ୍ରଙ୍କ କାଟ୍‌ତି ବଢ଼ାଇଲେ ନବୀନ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ପୁଣିଥରେ ପ୍ରମାଣ କରିଦେଲେ ଯେ ରାଜନୀତିରେ ତାଙ୍କର ଅସଲ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ରଙ୍କୁ ଆଜି ବିଜେଡି କର୍ମୀମାନେ ନବୀନଙ୍କ ଇସାରାରେ ବିରୋଧ କରିବା ପରେ ଏହି ଆଲୋଚନା ଜୋର ଧରିଛି। ନୂଆଦିଲ୍ଲୀରେ ହୋଇଥିବା ଆନ୍ଦୋଳନରେ ଯେତେବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି ହେଲା ସେତେବେଳେ ସମସ୍ତ ସୌଜନ୍ୟତା ଭୁଲିବା ସହ ଓଡ଼ିଶାର ସ୍ୱାର୍ଥକୁ ପଛରେ ପକାଇ ନବୀନ ନୂଆଦିଲ୍ଲୀରେ ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କଲେ। ଏପରିକି ନିଜ ଦଳର ନେତାଙ୍କୁ ଆନ୍ଦୋଳନସ୍ଥଳୀକୁ ଯିବାକୁ ଦେଲେ ନାହିଁ। ତେବେ ଧର୍ମେନ୍ଦ୍ର ଇସ୍ତଫା ଦେବା ପରେ ମଧ ନବୀନ ତାଙ୍କୁ ବିରୋଧ କରିବାରେ ଲାଗିଛନ୍ତି।

ଆଜି ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଫେରିବା ସମୟରେ ବିଜେପି ତାଙ୍କୁ ଜୋରଦାର ସ୍ୱାଗତ କରିଥିବା ବେଳେ ବିଜେଡି କିନ୍ତୁ ବିରୋଧ କରିଛି। ବିଜେଡି କର୍ମୀମାନେ ରାସ୍ତାରେ ପ୍ଲାକାର୍ଡ ଦେଖାଇ ବିରୋଧ କରିଛନ୍ତି। ଏହାକୁ ନେଇ ଖୋଦ୍ ବିଜେଡି ଦଳରେ ହଟଚମଟ ଆରମ୍ଭ ହୋଇଛି। ଧର୍ମେନ୍ଦ୍ର ଇସ୍ତଫା ଦେବା ପରେ କ'ଣ ପାଇଁ ତାଙ୍କୁ ପୁଣି ଦଳ ବିରୋଧ କରୁଛି ତାହା ଅନେକ କର୍ମୀ ଓ ନେତାଙ୍କୁ ଅଜଣା। ଏହା ନବୀନଙ୍କ ମାୟା ବୋଲି ଅନେକ ମତ ଦେଉଛନ୍ତି।

ତେବେ ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ଧର୍ମେନ୍ଦ୍ରଙ୍କୁ ବିରୋଧ କରି ନବୀନ ପୁଣିଥରେ ପ୍ରମାଣ କରିଛନ୍ତି ଯେ ସେ ହିଁ ତାଙ୍କର ଅସଲ ପ୍ରତିଦ୍ୱନ୍ଦ୍ୱୀ। କାରଣ ଜାତୀୟ ଗଣମାଧ୍ୟମରେ ଧର୍ମେନ୍ଦ୍ରଙ୍କୁ ବିରୋଧ କରି ପ୍ରଥମେ ଏହା ଜାହିର କରିଥିଲେ। ଏବେ ପୁଣି ତାହାକୁ ଦୋହରାଇଲେ। ରାଜ୍ୟରେ ଯଦିଓ ବିଜେପି ସରକାର ଚାଲିଛି ଓ ବିଜେପିର ଅନେକ ଆଗଧାଡିର ନେତା ରହିଛନ୍ତି, କିନ୍ତୁ ନବୀନ ଭଲ ଭାବେ ଜାଣିଛନ୍ତି ଧର୍ମେନ୍ଦ୍ର ହିଁ ଅସଲ ଖେଳାଳି। ଗତ ନିର୍ବାଚନ ସମୟରେ ମଧ୍ୟ ଧର୍ମେନ୍ଦ୍ରଙ୍କ ସଫଳ ରଣନୀତି ଯୋଗୁଁ ବିଜେଡି ଅଧିକ ଭୋଟ ପାଇଥିଲେ ମଧ୍ୟ ନିର୍ବାଚନ ହାରିଯାଇଥିଲା।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭିନ୍ନ ଦଳରେ ରହିଥିଲେ ମଧ୍ୟ ଧର୍ମେନ୍ଦ୍ର କେବେହେଲେ ନବୀନଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇନାହାନ୍ତି। ବରଂ ସମସ୍ତଙ୍କ ସାମ୍ନାରେ ନବୀନଙ୍କ ଯଥାରୀତି ସମ୍ମାନ ➪ପୃଷ୍ଠା-୬

## ନକଲି ମଦ ସହ ବାଇକ୍ ଜବତ, ୨ ଗିରଫ



ପାରାଦ୍ୱୀପ,୨୯।୭(ସଂଚାର ବ୍ୟୁରୋ)ଃ ପାରାଦୀପ ଥାନା ଅଞ୍ଚଳ ଅମ୍ବିକାପଦାରୁ ଆବକାରୀ ବିଭାଗ ବଡ ଧରଣର ନକଲି ମଦ କାରବାର ଧରିଛି। ଆବକାରୀ ପରିଦର୍ଶକ, ପାରାଦୀପ ରେଞ୍ଜଙ୍କ ଦାୟର କରିଥିବା ପିଆର ନମ୍ବର ୨୪/୨୦୨୬-୨୭ ମାମଲା ଆଧାରରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଅନିଲ କୁମାର ସାମଲ, ବୟସ ୩୩ବର୍ଷ, ପିତା - ସୁକଦେବ ସାମଲ, ଗ୍ରାମ - ଆଳିପୁର, ଥାନା-ମହାଙ୍ଗା, ଜିଲ୍ଲା - କଟକ, ଗୋଡବିନ ମହାନ୍ତି ବୟସ ୨୮ ବର୍ଷ, ପିତା-କମଳ ଲୋଚନ ମହାନ୍ତି, ଗ୍ରାମ କରଜଙ୍ଗ, ଥାନା କେନ୍ଦ୍ରାପଡା, ଜିଲ୍ଲା-କେନ୍ଦ୍ରାପଡା। ଅଭିଯୁକ୍ତଙ୍କ ଠାରୁ ୧୯.୩୪୦ ଲିଟର ନକଲି ବିଦେଶୀ ମଦ, ୬.୭୫୦ଲିଟର ଶୁଳ୍କ ପ୍ରଦତ୍ତ ବିଦେଶୀ ମଦ, ୪୫୫ଟି ଖାଲି ମଦ ବୋତଲ, ୫୪୪ ଟି କର୍କଏବଂ ୧୫୮ଟି ଖାଲି ବୋତଲ ଜବତ ହୋଇଛି। ଏହା ସହ ମଦ ଚାଲାଣ ପାଇଁ ବ୍ୟବହୃତ ଗୋଟିଏ ହୀରୋ ଗ୍ଲାମର ମୋଟର ସାଇକେଲ ମଧ୍ୟ ଜବତ କରାଯାଇଛି।

ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ ଏକ୍ସାଇଜ ଆଦ୍ୟଶା ସ୍ୱାଇଁଙ୍କ ନେତୃତ୍ୱରେ ମୋବାଇଲ ଇନ୍ସପେକ୍ଟର ପ୍ରବାଶ କୁମାର ଚୌଧୁରୀ, ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ, ପାରାଦୀପ ଏସ.ଆଇ ଧର୍ମପଦ ଦାସ, ତିର୍ତ୍ତୋଲ ଏସ.ଆଇ ରବି ବେହେରା, ମୋବାଇଲ ଏସ.ଆଇ ଭାଗ୍ୟଲକ୍ଷ୍ମୀ ଦଳେଇ, ଏଏସଆଇ ପିନାକୀ ରାଉତରାୟ, ଏଏସଆଇ ଗୟାଧର ସେଠୀ, ଇ/ଏସି ମନୋରଞ୍ଜନ ଦାସ, ବିଶ୍ୱରଞ୍ଜନ ସ୍ୱାଇଁ, ଦିନବନ୍ଧୁ ସେଠି, ଜୟ ଦେବ ପାତ୍ର , ଓମପ୍ରକାଶ ବସ୍ତିଆ ଅନୁରାଗ ଠାକୁର , ବର୍ଷାରାଣୀ ଖୁଣ୍ଟିଆ , ସନ୍ତୋଷୀ ସାହୁ , ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଅଭିଯୁକ୍ତ ମାନେ ନକଲି ମଦ ପ୍ରସ୍ତୁତ କରି କେନ୍ଦ୍ରାପଡା ଓ ପାରାଦୀପ ଅଞ୍ଚଳରେ ବିକ୍ରି କରୁଥିଲେ। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

**ତଟବନ୍ଧ ବିଭାଗର ଅବହେଳା**

# ଧାନ ଚାଷ ଉଜୁଡ଼ିବା ଆଶଙ୍କା



ମହାକାଳପଡ଼ା,୨୯।୭(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ପ୍ରଭାବରେ ମହାନଦୀ ଓ ଏହାର ଶାଖା ଲୁଣାନଦୀରେ ଜଳସ୍ତର ଦ୍ରୁତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋଜାବନ୍ଧ ସେକ୍ସନର ତେରଗାଁ ଘାଟ ନିକଟ ତଟବନ୍ଧରେ ସୃଷ୍ଟି ହୋଇଥିବା ଘାଇ ଏବଂ ନଦୀବନ୍ଧରେ ଥିବା କଲଭର୍ଟ ଖୋଲା ରହିଥିବାରୁ ବନ୍ୟାପାଣି ଚାଷଜମିକୁ ପ୍ରବେଶ କରୁଛି। ଫଳରେ ଚାଷୀଙ୍କ ମୁଣ୍ଡ ଉପରେ ଏବେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଗତ ୧୫ ଦିନରୁ ଅଧିକ ସମୟ ଧରି ଲଗାଣ ବର୍ଷା ଯୋଗୁଁ ତଳି ବିଲ ଓ ତଳି ରୁଆ ହୋଇଥିବା ଜମିରେ ଆଣ୍ଠୁଏ ପାଣି ଜମି ରହିଛି। ଏପରି ସ୍ଥିତିରେ ପୁଣି ବନ୍ୟାପାଣି ପ୍ରବେଶ କଲେ ତଳି ଓ ରୁଆ ଧାନ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ବଢ଼ିପାଣି ଆସିବା ପୂର୍ବରୁ କଲଭର୍ଟ ବନ୍ଦ କରାଯିବା ଦରକାର ଥିଲେ ମଧ୍ୟ ତଟବନ୍ଧ ବିଭାଗ ଏଥିପ୍ରତି ଉଦାସୀନ ରହିଛି। ଫଳରେ ବନ୍ୟାପାଣି ସିଧାସଳଖ ଚାଷଜମିକୁ ପ୍ରବେଶ କରି ହଜାର ହଜାର ଏକର ଧାନ ଚାଷକୁ ବିପଦ ମୁହଁରେ ପକାଇଛି। ଆଶ୍ଚର୍ଯ୍ୟର ବିଷୟ, ଘାଇ ସୃଷ୍ଟି ହୋଇଥିବା ସ୍ଥାନରୁ ତଟବନ୍ଧ ଉପବିଭାଗ କାର୍ଯ୍ୟାଳୟ ମାତ୍ର ଏକ କିଲୋମିଟର ଦୂରରେ ଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେଇନଥିବା ଅଭିଯୋଗ ହେଉଛି।

## ସମ୍ଭାବ୍ୟ ବନ୍ୟା ସ୍ଥିତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ବୈଠକ



କେନ୍ଦ୍ରାପଡ଼ା,୨୯।୭(ସଂଚାର ବ୍ୟୁରୋ)ଃ ବୈତରଣୀ ଓ ଖରସୋତ୍ରା ନଦୀରେ ଆସୁଛି ବଡ଼ ବନ୍ୟା ସତର୍କ କଲା ଜିଲ୍ଲା ପ୍ରଶାସନ। ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ଲଗାଣ ବର୍ଷା ଜନିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜକନିକା ବ୍ଲକର ଖରସ୍ରୋତା ଓ ବୈତରଣୀ ନଦୀ ଅବବାହିକା ଅଞ୍ଚଳର ଜନଗଣଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ପ୍ରଚାର କରି ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳ ବା ଉଚ୍ଚ ଜାଗାକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ଏ ବାବଦରେ ସନ୍ଧ୍ୟାରେ ଡାକବାଜି ଯୋଗେ ପ୍ରଚାର କରି ତଳିଆ ଅଞ୍ଚଳର ଜନଗଣଙ୍କୁ ନିଜ ସହ ଗାଈଗୋରୁଙ୍କୁ ଉଚ୍ଚ ଜାଗାକୁ ସ୍ଥାନାନ୍ତର ପାଇଁ କୁହାଯାଇଛି।

ପ୍ରଶାସନର ଏଭଳି ପ୍ରଚାର ପରେ ସାଧାରଣରେ ବନ୍ୟା ସ୍ଥିତିକୁ ନେଇ ଆତଙ୍କ ଖେଳିଯାଇ ଥିବା ବେଳେ ଆଜି ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆଳି ବ୍ଲକ୍ ଠାରେ ଏକ ଜରୁରୀ କାଳୀନ ବୈଠକ ଡାକି ବନ୍ୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ତଳିଆ ଅଞ୍ଚଳ ବୁଲି ଦେଖି ଥିଲେ। ସମସ୍ତ ଟିମ୍ ସଜାଗ ଥିବା ସେ କହିଛନ୍ତି।




## ଗୁରୁ ପୂର୍ଣ୍ଣିମାରେ 'ପରିବେଶ ବୀମା' ଶପଥ, ଭକ୍ତଙ୍କୁ ତୁଳସୀ ଚାରା ବଣ୍ଟନ

କେନ୍ଦ୍ରାପଡ଼ା,୨୯।୭(ସଂଚାର ବ୍ୟୁରୋ)ଃ ଗୁରୁ ପୂର୍ଣ୍ଣିମାର ପବିତ୍ର ଅବସରରେ କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀରେ 'ପରିବେଶ ବୀମା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଯିବା ସହ ଭକ୍ତମାନଙ୍କ ମଧ୍ୟରେ ତୁଳସୀ ଚାରା ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର ପରାମର୍ଶଦାତା ନିମାଇଁ ଚରଣ କର କହିଥିଲେ ଯେ, ତୁଳସୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ 'ପରିବେଶ ବୀମା' ଅଭିଯାନକୁ ବ୍ୟାପକ କରାଯାଉଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ସମାଜକୁ ସଚେତନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ପୁରୀକୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ତୁଳସୀ ଚାରା ଗ୍ରହଣ କରି ମା ତୁଳସୀଙ୍କ ପ୍ରତି ସମ୍ମାନ ଜଣାଇବା ସହ ନିଜ ଅଞ୍ଚଳରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇ ପରିବେଶ ସୁରକ୍ଷାରେ ସହଭାଗୀ ହେବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସାମାଜିକ କର୍ମୀ ସୁବାଶିଷ ଷଡଙ୍ଗୀ, ଚନ୍ଦନ ପୂଜାରୀ, ଆଶିଷ ରଥ ଏବଂ ଅକ୍ଷୟ ବଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଢଳେଇ ରାସ୍ତା ଉପରେ ପାଣିର ଲହଡ଼ି



### ବର୍ଷେ ପୁରିଲା ଜିଲ୍ଲାପାଳଙ୍କୁ ରାଜସ୍ୱ କମିଶନରଙ୍କ ନିର୍ଦ୍ଦେଶ

### ଏଯାଏଁ ହେଲାନି କାର୍ଯ୍ୟ, ଦହଗଞ୍ଜ ସାଧାରଣ ଲୋକେ

ମହାକାଳପଡ଼ା,୨୯।୭ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ପାରେଶ୍ୱରପୁର ଗ୍ରାମର ଢଳେଇ ରାସ୍ତା ଉପରେ ପାଣି ଲହଡ଼ି ମାରୁଥିବା ସମସ୍ୟାକୁ ନେଇ ରାଜସ୍ୱ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟ, କଟକ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶମୂଳକ ଚିଠି ପଠାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ଏକ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ।

ସୂଚନାଯୋଗ୍ୟ, ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ଦୈନିକ ଖବର କାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା। ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ସଦସ୍ୟ ପ୍ରଭାତ ରଞ୍ଜନ ଜେନା ଏହି ଘଟଣା ନେଇ ରାଜସ୍ୱ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟକୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ବିଭାଗୀୟ ଅଧିକାରୀ ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ପଠାଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିଥିଲେ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ। ତେବେ ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କିମ୍ବା ବ୍ଲକ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଲୋକେ ଅଭିଯୋଗ ହୋଇଛି।

## ବିଏସଏନଲ ଟେଲିଫୋନ ଏକ୍ସଚେଞ୍ଜରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିଲେ



କେନ୍ଦ୍ରାପଡ଼ା, ୨୯।୭ (ସଂଚାର ବ୍ୟୁରୋ)ଃ ବିଏସଏନଲ ଟେଲିଫୋନ ଏକ୍ସଚେଞ୍ଜରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିଲେ ଦୁର୍ବୃର୍ତ୍ତ । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଆଳି ଡାକ ବଙ୍ଗଳା ପଛପଟରେ ଥିବା ଆଳି ବିଏସଏନଲ ଟେଲିଫୋନ ଏକ୍ସଚେଞ୍ଜ ରେ ଗତ କାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ଅଫିସରେ ପଶି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ । କାଲି ମଧ୍ୟ ରାତ୍ରିରୁ ବିଏସଏନଲ ସରବରାହ ବନ୍ଦ ରହିଛି ଯାହା ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ପୂର୍ବରୁ ମଧ୍ୟ ଦୁଇ ଦୁଇ ଥର ଚୋରୀ ହୋଇଥିବା ବେଳେ ଏ ନେଇ ଦୁଇ ଦୁଇ ଥର ଆଳି ଥାନାରେ ଏତଲା ହୋଇଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଦ୍ୱାରା ପୁଣି ଥରେ ଚୋରୀ ହୋଇଥିବା ନେଇ ବିଏସଏନଲ ଟେଲିଫୋନ ଏକ୍ସଚେଞ୍ଜ ଅଧିକାରୀ ଦିଲ୍ଲୀପ କୁମାର ଶାନ୍ତି ପତିକ୍ରିୟାରେ କହିଛନ୍ତି । ପୋଲିସ ଏ ଘଟଣାକୁ ଗୁରୁତ୍ୱର ନନେବ ଯୋଗୁଁ ଏଭଳି ଘଟଣା ବାରମ୍ବାର ଘଟୁଛି ।

## ନାଗରିକ ମଞ୍ଚ ପକ୍ଷରୁ କୃତୀ ଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨୯।୭(ସଂଚାର ବ୍ୟୁରୋ)ଃ ମାଳିବସା-ଅରଡ଼ପଲ୍ଲୀ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ କୃତି ଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀ ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ପ୍ରାକ୍ତନ ସ୍କୁଲ ଏସ ଆଇ ବିଜୟ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ ବିଜୟ କୁମାର ବେହେରା, ପୂର୍ବତନ ଆଳି ବ୍ଲକ ଏ ବି ଇ ଓ ଉଦକର ସାମଲ ବରିଷ୍ଠ ନେତା ସୁନାକାର ବେହେରା ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ ପୂର୍ବତନ ସି ଆର ସି ସି ରମେଶ ମହାନ୍ତି ସମାଜସେବୀ ଟୁବୁଲି ଚୌଧୁରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, କଳାକାର ସାହୁ,ପ୍ରମୋଦ ଗାହାଣ,ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇ ସର୍ବଭାରତୀୟ ନିଟ -୨୦୨୬ ପରୀକ୍ଷାରେ ଅରଡ଼ପଲ୍ଲୀ ଗ୍ରାମର ମେଧାବୀ ଛାତ୍ର ଆଶୁତୋଷ ରାୟ ୬୧୨ ମାର୍କ ରଖି ସଫଳତା ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଜରିଆ ବଳଦେବ ହାଇସ୍କୁଲ ଛାତ୍ର ତଥା ଅନ୍ଧୁଳି ଗ୍ରାମର ରୁଦ୍ରପ୍ରସାଦ ପ୍ରଧାନ ଚଳିତ ହାଇସ୍କୁଲ୍-୨୦୨୬ ପରୀକ୍ଷାରେ ୫୪୦ ମାର୍କ ରଖି ଏ-୧ଗ୍ରେଡ୍ ପାଇଥିବାରୁ ତାଙ୍କୁ ମଧ୍ୟ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁସମ୍ବର୍ଦ୍ଧିତ କରାଯାଇଥିଲା । ଉଭୟ କୃତୀ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହିତ ଉଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା ।

ସେହିପରି ଅରଡ଼ପଲ୍ଲୀର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ସାହୁ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସରୋଜ ଦାଶ ଓ ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ସ୍ୱାଇଁଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ସରୋଜକାନ୍ତ ରାୟ ସହଦେଓ୍ୱ ଜେନା ତପନ ପ୍ରଧାନ, ଅଭିମନ୍ୟୁ ଜେନା ତ୍ରିଲୋଚନ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ପଞ୍ଚାୟତ ସମିତି ବୈଠକରେ ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ନେଇ ହଟ୍ଟଗୋଳ



ସତ୍ୟବାଦୀ,୨୯।୭ (ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର ସମିତି ବୈଠକରେ ପାନୀୟଜଳ ଓ ବିଦ୍ୟୁତ ସେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷକରି ପାନୀୟଜଳ ବିଭାଗର କାର୍ଯ୍ୟଶୈଳୀକୁ ନେଇ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହ ବୈଠକରେ କିଛି ସମୟ ପାଇଁ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ପାନୀୟଜଳ ପ୍ରସଙ୍ଗ ଉଠିଥିଲା। ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ସରପଞ୍ଚ ଓ ସମିତି ସଭ୍ୟମାନେ ତୀବ୍ର ପ୍ରତିବାଦ କରିଥିଲେ। ନୂତନ ନଳକୂପ ସ୍ଥାପନରେ ହୋଇଥିବା ବ୍ୟୟ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା କେତକୀପାଟଣା ସମିତି ସଭ୍ୟ ପ୍ରେମାନନ୍ଦ ବେହେରା ଅଭିଯୋଗ କରିଥିଲେ ଯେ, ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସତ୍ୟବାଦୀ ବ୍ଲକ ପାଇଁ ଆସୁଥିବା ଅର୍ଥ ଅନ୍ୟ ବ୍ଲକରେ ଖର୍ଚ୍ଚ କରାଯାଉଛି। ଏଥିସହ ଆରଡବ୍ଲୁଏସଏସର ଦୁଇଜଣ ଅଧିକାରିଣୀ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଏକାଠି କାର୍ଯ୍ୟରତ ଥିବା ସତ୍ତ୍ୱେ ସେମାନଙ୍କ ବଦଳି କାହିଁକି ହେଉନାହିଁ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅଧ୍ୟକ୍ଷ ଶ୍ରୀ ପଣ୍ଡା ପ୍ରସ୍ତାବ ଦେଇଥିଲେ ଯେ, ପାନୀୟଜଳ ବିଭାଗର ସମସ୍ତ ପ୍ରକଳ୍ପ ଓ ନୂତନ ନଳକୂପ ସମ୍ପର୍କିତ ବିଲ ବିଡିଓଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ କରାଯାଉ। ଏହି ପ୍ରସ୍ତାବକୁ ଉପସ୍ଥିତ ସଦସ୍ୟମାନେ ସମର୍ଥନ କରିଥିଲେ।

ବିଧାୟକ ଓମ ପ୍ରକାଶ ମିଶ୍ର କହିଥିଲେ ଯେ, ସତ୍ୟବାଦୀର ମେଗା ପାନୀୟଜଳ ପ୍ରକଳ୍ପ ପ୍ରାୟ ଅଚଳ ହୋଇପଡ଼ିଛି। ସେହିପରି ବିଦ୍ୟୁତ ବିଭାଗର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପଣ୍ଡା ଅଭିଯୋଗ କରିଥିଲେ ଯେ, ବିଦ୍ୟୁତ ବିଭାଗ ଲୋକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ କେବଳ ପ୍ରଶାସନିକ କାର୍ଯ୍ୟରେ ଗୁରୁତ୍ୱ ଦେଉଛି। ଜଣେ ଉପଭୋକ୍ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ଶେଷରେ ବିଧାୟକ ଶ୍ରୀ ମିଶ୍ର ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀମାନଙ୍କୁ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ସହ ସେବାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।

## କଞ୍ଚିଲୋ ଶାଖା କେନାଲ ରାସ୍ତା ପାଲଟିଛି ମରଣଯନ୍ତା, ଦୁର୍ଘଟଣାରେ ଦୁଇ ଦିନରେ ୨ ଗୁରୁତର

ବାଲିଅନ୍ତା,୨୯।୭ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା କଞ୍ଚିଲୋ ମୌଜା ଶାଖା କେନାଲ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଯାନ ବାହାନ ପରସ୍ପରକୁ ଅତିକ୍ରମ କରିବା ସମୟରେ ଅଧିକାଂଶ ସମୟ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି।

ଆଜି ମିନାକ୍ଷୀ କର (୩୩ )ନାମ୍ନୀ ଜଣେ ମହିଳା ସ୍କୁଟିରେ ପୁଅକୁ ଆଣିବାକୁ ବିଦ୍ୟାଳୟକୁ ଯାଉଥିଲେ। ହେଲେ ସେହି ସମୟରେ ରାସ୍ତା ଅତିକ୍ରମ କରୁଥିବା ଏକ ଭାରୀଯାନ ସାଇଡ ମାରିବାରୁ ସେ ନିୟନ୍ତ୍ରଣ ହରାଇ ଗାଡ଼ିରୁ ଖସି ପଡି ଆହତ ହୋଇଥିଲେ । ସେହିପରି ଗତକାଲି ପୂର୍ବାହ୍ନରେ ଅନ୍ୟ ଜଣେ କଲେଜ ଛାତ୍ରୀ ସାଇକେଲରୁ ପଡି ଆହତ ହୋଇଥିଲେ। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ମରାମତି ନେଇ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହାଛଡା ବିଲଡର ଏବଂ ବାଲିମାଫିଆ ରାସ୍ତାରେ ଗଦା କରି ରଖିଥିବା ବାଲି ଗଦା ଯୋଗୁ ରାସ୍ତା ଅବରୋଧ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି ।

# ଜଳବନ୍ଦୀ ପରିବାରଙ୍କ ପାଇଁ ବଢ଼ିଲା ସହାୟତାର ହାତ

### ଅସୁସ୍ଥତା ସତ୍ତ୍ୱେ ରିଲିଫ୍ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଲେ ସଂଗ୍ରାମ ପାତ୍ର




ଯାଜପୁର,୨୯।୭ (ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ଓ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଯାଜପୁର ଜିଲ୍ଲାର ବହୁ ଅଞ୍ଚଳରେ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ବିଶେଷକରି ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ପଞ୍ଚାୟତର ୮ ନମ୍ବର ୱାର୍ଡ ଚୋବା ସାହିର ଅନେକ ପରିବାର ବନ୍ୟାଜଳ ଘେରରେ ରହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଘରେ ପାଣି ପଶିଯିବା, ଯାତାୟାତ ବ୍ୟବସ୍ଥା ବିଚ୍ଛିନ୍ନ ହେବା ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଯୋଗୁଁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏଭଳି ସଂକଟପୂର୍ଣ୍ଣ ପରିସ୍ଥିତିରେ ଭାରତୀୟ ଜନତା ପାର୍ଟିର ନେତା ସଂଗ୍ରାମ ପାତ୍ର ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଜ୍ୱରରେ ଅସୁସ୍ଥ ଥିବାରୁ ସେ ନିଜେ ଚୋବା ସାହିରେ ପହଞ୍ଚି ପାରିନଥିଲେ ମଧ୍ୟ, ବନ୍ୟା ପ୍ରଭାବିତ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ତାଙ୍କୁ ବ୍ୟଥିତ କରିଥିଲା। ସେ ନିଜ ସହଯୋଗୀମାନଙ୍କୁ ତୁରନ୍ତ ଜଳବନ୍ଦୀ ପରିବାରଙ୍କ ନିକଟରେ ପହଞ୍ଚି ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ତାଙ୍କ ନିର୍ଦ୍ଦେଶକ୍ରମେ ସହଯୋଗୀମାନେ ଚୋବା ସାହିରେ ପହଞ୍ଚି ଚୁଡ଼ା, ଗୁଡ଼, ବିସ୍କୁଟ, ପାନୀୟ ଜଳ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ଏହାସହିତ କେବଳ ଚଇନପୁର ପଞ୍ଚାୟତ ନୁହେଁ, ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ଓ ଦଶରଥପୁର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ଓ ଗାଁଗୁଡ଼ିକରେ ମଧ୍ୟ ସଂଗ୍ରାମ ପାତ୍ରଙ୍କ ପକ୍ଷରୁ ଲଗାତାର ରିଲିଫ୍ ଓ ସହାୟତା କାର୍ଯ୍ୟ ଜାରି ରହିଛି। ତାଙ୍କ ଟିମ୍ ବିଭିନ୍ନ ସ୍ଥାନରେ ପହଞ୍ଚି ବିପନ୍ନ ପରିବାରଙ୍କ ହାତରେ ଆବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା ସହ ସେମାନଙ୍କ ସୁଖଦୁଃଖ ବୁଝିବାର ପ୍ରୟାସ କରୁଛନ୍ତି।

ସଂଗ୍ରାମ ପାତ୍ରଙ୍କ ସହଯୋଗୀମାନେ କହିଛନ୍ତି ଯେ, ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସହାୟତା କାର୍ଯ୍ୟ ଜାରି ରହିବ। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଆହୁରି ଅଧିକ ପରିବାରଙ୍କ ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯିବ। ରିଲିଫ୍ ସାମଗ୍ରୀ ପାଇବା ପରେ ପ୍ରଭାବିତ ପରିବାରମାନେ ସଂଗ୍ରାମ ପାତ୍ର ଓ ତାଙ୍କ ସହଯୋଗୀମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

# ମରଣଯନ୍ତା ପାଲଟିଛି ଆଡ଼ମୁଣ୍ଡା-ଲୁଲା ମୁଖ୍ୟ ସଡ଼କ

**ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଲୋକେ**



କୋରାପୁଟ,୨୯।୭ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତର ଆଡମୁଣ୍ଡା ଛକରୁ ଲୁଲା ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ସଡ଼କର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ମରାମତି ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାବେଳେ ବର୍ଷା ପାଣି ଜମି ରହୁଥିବାରୁ ସେଗୁଡ଼ିକ ଆଖିକୁ ଦେଖାଯାଉ ନାହିଁ। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ଲୋକ ଓ ଯାନବାହନ ଚାଳକ ଜୀବନକୁ ବାଜି ଲଗାଇ ଗନ୍ତବ୍ୟସ୍ଥଳରେ ପହଞ୍ଚୁଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବର୍ଷା ଋତୁ ଆରମ୍ଭ ହେବା ପରେ ରାସ୍ତାର ଦୁରବସ୍ଥା ଆହୁରି ଭୟଙ୍କର ରୂପ ନେଇଛି। ଖାଲଗୁଡ଼ିକରେ ପାଣି ଭରି ରହୁଥିବାରୁ ରାସ୍ତାର ପ୍ରକୃତ ସ୍ଥିତି ଜଣାପଡୁନାହିଁ। ଅନେକ ସମୟରେ ଦୁଇଚକିଆ ଯାନ ଚାଳକମାନେ ସନ୍ତୁଳନ ହରାଇ ଦୁର୍ଘଟଣାର ଶିକାର ହେଉଥିବାବେଳେ ଯାନବାହନର ମଧ୍ୟ କ୍ଷତି ଘଟୁଛି। ବିଶେଷକରି ରାତି ସମୟରେ ଏହି ରାସ୍ତା ଦେଇ ଯାତ୍ରା କରିବା ଅଧିକ ବିପଦପୂର୍ଣ୍ଣ ହୋଇପଡ଼ିଛି।

ଦଶମନ୍ତପୁର ବ୍ଲକର ଏହି ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଡ଼କ ଦେଇ ପ୍ରତିଦିନ ମୁଖ୍ୟମନ୍ତ୍ରୀ ବସ ସେବା ସମେତ ସରକାରୀ ଓ ବେସରକାରୀ ବସ, ସ୍କୁଲ ବସ, ଆମ୍ବୁଲାନ୍ସ, ମାଲବାହୀ ଟ୍ରକ, ପିକ୍‌ଅପ୍ ଭ୍ୟାନ, ଅଟୋ ଏବଂ ଶତାଧିକ ଦୁଇଚକିଆ ଯାନ ଚଳାଚଳ କରୁଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ଲାଗି ରହିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ସଡ଼କ ଦେଇ ପ୍ରତିଦିନ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ କର୍ମଚାରୀମାନେ ଯିବାଆସିବା କରୁଥିଲେ ମଧ୍ୟ ରାସ୍ତାର ଦୁରବସ୍ଥା ପ୍ରତି କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉନାହିଁ। ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମରାମତି କାର୍ଯ୍ୟ ଆରମ୍ଭ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି।

ଏହି ସଡ଼କ ଉପରେ ନିର୍ଭର କରି ଆଖପାଖ ଅଞ୍ଚଳର ଲୋକମାନେ ବଜାର, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରୁଛନ୍ତି। ରାସ୍ତାର ଦୁରାବସ୍ଥା ଯୋଗୁଁ ଗମନାଗମନରେ ବହୁ ସମସ୍ୟା ଉପୁଜୁଛି। ଏହା ଯୋଗୁଁ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତାର ସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା କଲେ ମାଲକାନଗିରି ଜିଲ୍ଲା ପର୍ଯ୍ୟବେକ୍ଷକ




ମାଲକାନଗିରି,୨୯।୭ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଏବଂ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଏମଡି ସାଦିକ ଆଲାମ ମାଲକାନଗିରି ଜିଲ୍ଲା ଗସ୍ତ କରି ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ-୨୦୨୬ ର ପ୍ରଗତି ସମୀକ୍ଷା କରିଛନ୍ତି।

ଏହି ଅବସରରେ ଶ୍ରୀ ଆଲମ କହିଛନ୍ତି ଯେ ଏକ ସୁଦୃଢ଼ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ସ୍ୱଚ୍ଛ ଏବଂ ସଠିକ୍ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ। ମାଲକାନଗିରି ଜିଲ୍ଲାରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ-୨୦୨୬ କୁ ସମ୍ପୂର୍ଣ୍ଣ ସଠିକତା ସହ ଶେଷ କରିବା ଆମର ଲକ୍ଷ୍ୟ, ଯେପରି କୌଣସି ଯୋଗ୍ୟ ଭୋଟର ଏଥିରୁ ବାଦ୍ ନପଡ଼ନ୍ତି। ଶୁଣାଣି ସମୟରେ ଉଚ୍ଚ ମାନର ଯାଞ୍ଚ ପ୍ରକ୍ରିୟା ବଜାୟ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ସରକାରୀ ଗସ୍ତ।

ଜିଲ୍ଲା ଗସ୍ତ ସମୟରେ କମିଶନର ପ୍ରଥମେ ମାଲକାନଗିରି ପୌରପାଳିକା କାର୍ଯ୍ୟାଳୟରେ ଚାଲିଥିବା ନୋଟିସ୍ ଶୁଣାଣି ପ୍ରକ୍ରିୟାର ଗୁଣବତ୍ତା ଯାଞ୍ଚ କରିଥିଲେ। ଏହି ଅବସରରେ ସେ ସେଠାରେ ଉପସ୍ଥିତ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଆଲୋଚନାରେ ଭୋଟର ସଂଶୋଧନ ଅଧିକାରୀ , ସହକାରୀ ଭୋଟର ସଂଶୋଧନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲଓ ସୁପରଭାଇଜରମାନେ ସାମିଲ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

## ଶାଳିଜଙ୍ଗା ମହିମା ଆଶ୍ରମ ବିବାଦ

# ତଦନ୍ତ ପାଇଁ ପହଞ୍ଚିଲେ ଉଚ୍ଚ ନ୍ୟାୟାଳୟ କମିଶନର୍

ନାଉଗାଁ,୨୯।୭(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଦୀର୍ଘ ଦିନ ହେବ ଅନ୍ତେବାସୀ ଓ ଗ୍ରାମବାସୀଙ୍କ ସହ ବାବା ଗଦାଧର ଦାସ ଓ ରୀନା ମା'ଙ୍କର ବିବାଦ ଲାଗି ରହିଛି। ଏହି ବାଦବିବାଦର ତଦନ୍ତ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଗତ ରବିବାର ଆଶ୍ରମ ପରିସରରେ କମିଶନର ଯୁଗଳ କିଶୋର ପଣ୍ଡା ପହଞ୍ଚିଥିଲେ। କମିଶନରଙ୍କ ସହ ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ବଡ଼ୁ, ଥାନାଧିକାରୀ ଦେବାଶିଷ ପଣ୍ଡା ଆଶ୍ରମରେ ଉପସ୍ଥିତ ଥିଲେ। କମିଶନର ଶ୍ରୀ ପଣ୍ଡା ଆଶ୍ରମ ବୁଲିବା ସହ ଆଶ୍ରମରେ ରହୁଥିବା ଅନ୍ତେବାସୀ, ଶ୍ରଦ୍ଧାଳୁ, ଗ୍ରାମବାସୀ, ବାବା ଗଦାଧର ଦାସ, ରୀନା ସ୍ୱାଇଁଙ୍କ ସହ ପୃଥକ ପୃଥକ ଆଲୋଚନା କରିଥିଲେ। ଶାଳିଜଙ୍ଗା ମହିମା ଆଶ୍ରମରେ ଜମି ହଡ଼ପ ମାମଲା ନେଇ ଗ୍ରାମବାସୀ ଓ ବାବ ଗଦାଧର ଦାସ, ରୀନାଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ବିବାଦ ଉପୁଜିବା ପରେ ଉଭୟ ବାବା ଓ ମାତା ଆଶ୍ରମରୁ ବାହାରି ଚାଲିଯାଇଥିଲେ। ଗ୍ରାମବାସୀମାନେ ଆଶ୍ରମରେ ଉଭୟଙ୍କୁ ରଖିବା ପାଇଁ ମନା କରିଥିଲେ। ଶେଷରେ ବାବା ଦାସ ଓ ରୀନା ମା' ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଉଭୟ ଆଶ୍ରମରେ ରହିପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶାନୁସାରେ ଗତ ଏପ୍ରିଲ ୫ରେ ବାବା ଗଦାଧର ଦାସ ଓ ରୀନା ମା' ଥାନାରେ ପହଞ୍ଚିଥିଲେ। ଥାନାରେ ତତ୍କାଳୀନ ଏସଡିପିଓ ଆଜିକ୍ୟ ମାଣେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟପ୍ରକାଶ ଦାସ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଥାନାଧିକାରୀ ଦେବାଶିଷ ପଣ୍ଡା, ତହସିଲଦାର ଅକ୍ଷୟ ବଡ଼, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ାଙ୍କ ସମେତ ଶାନ୍ତି କମିଟି ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା। ତେବେ ଉକ୍ତ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଉଭୟ ଆଶ୍ରମକୁ ଯାଇପାରିବେ ନାହିଁ ବୋଲି କମିଟି ସଦସ୍ୟମାନେ ରୋକଠୋକ ମନା କରିଥିଲେ। କିନ୍ତୁ ଗତ ଏପ୍ରିଲ ୭ରେ ପୁଲିସ ପ୍ରଶାସନର ସୁରକ୍ଷା ସହ ଉଭୟ ଆଶ୍ରମରେ ରହିଥିଲେ।

## ଜାପାନ ତତ୍ତୋରିର ବରିଷ୍ଠ ପ୍ରତିନିଧି ଦଳ ସହ ମୁଖ୍ୟ ସଚିବଙ୍କ ବୈଠକ

# ଓଡ଼ିଶା–ତତ୍ତୋରି ମୈତ୍ରୀ ଚୁକ୍ତି ଉପରେ ଆଲୋଚନା

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଜାପାନ ତତ୍ତୋରି ପ୍ରଦେଶ ( ପ୍ରିଫେକ୍ଚର)ର ମୁଖ୍ୟ ଶାସନ ସଚିବ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ଏକ ୧୩ଜଣିଆ ପ୍ରତିନିଧି ଦଳ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦୀ ସହଯୋଗ ସମ୍ପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତ୍ତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଅବଗତ କରାଇ କହିଛନ୍ତି ଯେ ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି। ଉଭୟ ଦେଶ ମଧ୍ୟରେ




ବଢ଼ୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର ଆଦିରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଛନ୍ତି।

ବୈଠକରେ ଓଡ଼ିଶାର ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶା ଓ ତତ୍ତୋରି ପ୍ରଦେଶ ଉଭୟ ସ୍ଥାୟୀ ବିକାଶ, ନବସୃଜନ ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ସମାନ ଦୃଷ୍ଟିଭଙ୍ଗୀ ରଖିଛନ୍ତି। ଏହି ସହଯୋଗ ଉଭୟ ପ୍ରଦେଶର ଦୀର୍ଘସ୍ଥାୟୀ ବିକାଶରେ ସହାୟକ ହେବ। ସେ ଓଡ଼ିଶାର ଶିଳ୍ପାୟନ, ବନ୍ଦରଭିତ୍ତିକ ଅର୍ଥନୀତି, ଖଣିଜ ସମ୍ପଦ, ସବୁଜ ଶକ୍ତି, ଦକ୍ଷ ମାନବ ସମ୍ବଳ, ନିବେଶକ ଅନୁକୂଳ ନୀତି ଓ ସହଜ ବ୍ୟବସାୟ ପରିବେଶ ସମ୍ପର୍କରେ ଅବଗତ କରିଥିଲେ। ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ସମନ୍ୱୟ ବିଶ୍ୱସ୍ତରୀୟ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶା କରିଥିଲେ। ବୈଠକରେ ଓଡ଼ିଶା ସରକାର ଓ ପ୍ରିଫେକ୍ଚର ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି (ଫ୍ରେଣ୍ଡସିପ୍ ଏଗ୍ରିମେଣ୍ଟ) ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, କ୍ରୀଡ଼ା, ଏମଏସଏମଇ ଆଦି ବିଭାଗର ସଚିବ, ଇପିକଲର ପରିଚାଳନା ନିର୍ଦ୍ଦେଶକ ଯୋଗଦେଇଥିବା ବେଳେ ତତ୍ତୋରି ପ୍ରଦେଶର ପର୍ଯ୍ୟଟନ ଓ ଆଦାନ-ପ୍ରଦାନ ବ୍ୟୁରୋର ମହାନିର୍ଦ୍ଦେଶକ ଉପସ୍ଥିତ ଥିଲେ।

## ଟାଟା କମ୍ପାନୀ ବିରୋଧରେ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

# ଚିଠି ଲେଖିଲେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଟାଟା କମ୍ପାନୀ ଗତ ୨୧ ତାରିଖରେ ଯାଜପୁରର କଲରଙ୍ଗିଆଟା ଶ୍ରମଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ କଲୋନୀକୁ ଆସନ୍ତା ଅଗଷ୍ଟ ୧ ତାରିଖଠାରୁ ବିଦ୍ୟୁତ ଓ ପାନୀୟ ଜଳ ବିଚ୍ଛିନ୍ନ କରିବା ପାଇଁ ନୋଟିସ କରିଛନ୍ତି। ଏହି ସେବା ବନ୍ଦ ହେବା ଫଳରେ ଖଣି ଅଞ୍ଚଳରେ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହେବା ସହ ସ୍ଥାନୀୟ ଲୋକେ ଅନ୍ଧକାର ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଅଭିଯୋଗ କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସ୍କୁଲରେ ପାନୀୟ ଜଳର ଅତ୍ୟନ୍ତ ଆବଶ୍ୟକତା ରହିଛି। ସରକାର ଶିକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଉଥିବା ବେଳେ ସରକାରଙ୍କୁ ସର୍ବାଧିକ ରାଜସ୍ୱ ଦେଉଥିବା ସୁକିନ୍ଦା କ୍ରୋମାଇଟ୍ ଖଣି ଉପତ୍ୟକାର ଛାତ୍ରଛାତ୍ରୀମାନେ ଟାଟା କମ୍ପାନୀର ଏହି ପଦକ୍ଷେପ ଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ। ଏହାଛଡ଼ା ଟାଟା ଟାଉନସିପ ନିକଟରେ ବସବାସ କରୁଥିବା ଶହ ଶହ ପରିବାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଛୋଟ ଛୋଟ ବ୍ୟବସାୟୀ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଶିକ୍ଷାନୁଷ୍ଠାନକୁ ଗୋଟିଏ ଶିକ୍ଷା ବର୍ଷର ଅଧାରେ ପୁଣି ମାତ୍ର ୧୦ ଦିନ ମଧ୍ୟରେ ବିଦ୍ୟୁତ ଓ ପାନୀୟ ଜଳ ବିଚ୍ଛିନ୍ନ କରିବାର ନୋଟିସ ଦେବା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଓ ଅମାନବୀୟ ବୋଲି ଶ୍ରୀ ଘଡ଼େଇ କହିଛନ୍ତି।

ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଟାଟା କମ୍ପାନୀ ଦ୍ୱାରା ଏହାର ଟାଉନସିପ ଅଞ୍ଚଳରେ ଶ୍ରମଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଗୃହମାନଙ୍କୁ ପ୍ରଦାନ କରାଯାଉଥିବା ବିଜୁଳି ଓ ପାନୀୟ ଜଳକୁ ବିଚ୍ଛିନ୍ନ ନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ପ୍ରଶାସନ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ପାଇଁ ସ୍ଥାୟୀ ବିଜୁଳି ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

## ● 'ଆଶା' ପକ୍ଷରୁ ଜନସଚେତନତା ବାର୍ତ୍ତା

# ଦୁର୍ନୀତି ଲୋପରେ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ସମ୍ବିଧାନର ପ୍ରତିଷ୍ଠାତା ଭୀମରାଓ ଆମ୍ବେଦକର ଆଜି ଦେଶବାସୀଙ୍କୁ ଯେଉଁ ଅଧିକାର ଦେଇଥିଲେ ତାହା 'ଗୋଟିଏ ମଣିଷ, ଗୋଟିଏ ଭୋଟ'। ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଶକ୍ତିଶାଳୀ ଅସ୍ତ୍ର। ଏହାରି ମାଧ୍ୟମରେ ସେମାନେ ଚାହିଁଲେ ଦୁର୍ନୀତିଗ୍ରସ୍ତ ସରକାରକୁ ବଦଳାଇ ଦେଇପାରିବେ। କିନ୍ତୁ ଆଜି ଆମେ ସଂଗଠିତ ନ ହେବାରୁ ରାଜ୍ୟ ତଥା ଦେଶର ଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ବଢ଼ିଚାଲିଛି। ଯୋଗ୍ୟ ଲୋକମାନେ ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଆଜି ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସମାଜରେ ଲୋକମାନଙ୍କ ଭିତରେ ଧନୀ, ଗରିବ, ଅସମାନତା ବଢ଼ିଚାଲିଛି ଫଳରେ ଆଜି ଶିକ୍ଷିତ ବର୍ଗ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ସମାଜରେ ଅବହେଳିତ ହୋଇ ରହିଥିବା ଓବିସି, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ସଂଖ୍ୟାଲଘୁ ବ୍ୟକ୍ତିମାନେ ସଂଗଠିତ ହୋଇ ସମାଜରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଦଳିତନେତା ତଥା 'ଆଶା'ର ପରାମର୍ଶଦାତା



ଭଜମନ ବେହେରା ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ପକ୍ଷରୁ ଆଜି ସ୍ଥାନୀୟ ଡେଭ୍ରକ୍ସ ଭବନଠାରେ ଆୟୋଜିତ ଏକ ସାମାଜିକ ସମ୍ମିଳନୀରେ ଶ୍ରୀ ବେହେରା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସରକାର ସାମାଜିକ, ଆର୍ଥିକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ସମାଜର ତଳସ୍ତରର ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା ଓ ବିଭିନ୍ନ ସୁବିଧା ସୁଯୋଗ ଠିକ ଭାବେ ପହଞ୍ଚିପାରୁନାହିଁ। କେବଳ ଗଣମାଧ୍ୟମ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁନାହିଁ। ତେଣୁ ଲୋକମାନେ ଏଥିପ୍ରତି ସଚେତନ ହେବା ସହ ନିଜର ଭୋଟ ଭଳି ଶକ୍ତିଶାଳୀ ଅସ୍ତ୍ରକୁ ସଠିକ୍ ବ୍ୟକ୍ତିତ୍ୱକୁ ଚୟନ କଲେ ତାହା ଫଳପ୍ରଦ ହୋଇପାରିବ। 'ଆଶା' ସଭାପତି ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ବାହିନୀ ଅଧ୍ୟକ୍ଷା କମଳିନୀ ପାଙ୍ଗଣୀ, ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଶାସକ ରସିଦ ଖାନ, ଯୁବ ବାହିନୀ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ସ୍ୱାଇଁ, ମହିଳା ବାହିନୀର ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତି ନାୟକ, ଆମ୍ବେଦକରବାଦୀ ନେତା ଅବଦୁଲ ଓ୍ୱାଲି, ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ସୁକାନ୍ତ ତିଆଡ଼ି ଓ ତୁଷାରକାନ୍ତି ଚୌଧୁରୀ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରକୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ଥାପିତ କରିବା ସହ ତାଙ୍କର ଜୀବନାଦର୍ଶନକୁ ପାଠ୍ୟପୁସ୍ତକରେ ସାମିଲ୍ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ମର୍ଯ୍ୟାଦାଜନକ ଇଣ୍ଡିଆନ୍ ଆଇଡଲ୍‌ର ୧୬ତମ ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତାର ଫାଇନାଲ୍‌ରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ପାଇଁ ସୁଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କୁ 'ସିନେ କ୍ରିଟିକ୍ ଆସୋସିଏସନ୍' ଓ 'ମହାବୋଧି ସୋସାଇଟି ପବ୍ଲିକ୍ ସ୍କୁଲ୍' ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସିନେ କ୍ରିଟିକ୍ ଆସୋସିଏସନ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ମହାବୋଧି ସୋସାଇଟି ସମ୍ପାଦକ ଡ. ସୌରେନ୍ ମହାପାତ୍ର, ମଣ୍ଟୁ ସିଂହ, ସଙ୍ଗୀତଜ୍ଞ ରୁଦ୍ର ପ୍ରସାଦ ନାୟକ, ସମାଜସେବୀ ନମିତା ମହାପାତ୍ର ଉପସ୍ଥିତ ରହି ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ତାଙ୍କ ସଙ୍ଗୀତ ସାଧନା କ୍ଷେତ୍ରରେ ସେ ଅଧିକ ସଫଳତା ଅର୍ଜନ କରନ୍ତୁ ବୋଲି ସମସ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।




# ଅଗ୍ନିବୀରବାୟୁ ନିଯୁକ୍ତି ପାଇଁ ଅନଲାଇନ୍ ପଞ୍ଜୀକରଣ

କଟକ,୨୯।୭ (ସଂଚାର ବ୍ୟୁରୋ): ଭାରତୀୟ ବାୟୁସେନାର ଅଗ୍ନିବୀରବାୟୁ (ସଙ୍ଗୀତଜ୍ଞ) ପଦବୀ ପାଇଁ ଇନ୍‌ଟେକ୍ ୦୧/୨୦୨୭ ନିମନ୍ତେ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କଠାରୁ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଇଛି। ଏହି ନିଯୁକ୍ତି ପାଇଁ ପ୍ରାର୍ଥୀ ଦଶମ ଶ୍ରେଣୀ କିମ୍ବା ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସହ ସଙ୍ଗୀତ କ୍ଷେତ୍ରରେ ନିର୍ଦ୍ଧାରିତ ଦକ୍ଷତା ଥିବା ଆବଶ୍ୟକ। ଅନଲାଇନ୍ ପଞ୍ଜୀକରଣ ୨୦ ଜୁଲାଇ ୨୦୨୬ ସକାଳ ୧୧ଟାରୁ ଆରମ୍ଭ ହୋଇ ୨ ଅଗଷ୍ଟ ୨୦୨୬ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ଅନଲାଇନ୍ ପରୀକ୍ଷା ୩୧ ଅଗଷ୍ଟରୁ ୯ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ଆଗ୍ରହୀ ପ୍ରାର୍ଥୀମାନେ ପୋର୍ଟାଲ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ଯୋଗ୍ୟତା, ବୟସ ସୀମା, ଶାରୀରିକ ଓ ଡାକ୍ତରୀ ମାନଦଣ୍ଡ ସମ୍ପର୍କୀତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ବିସ୍ତୃତ ସୂଚନା ସମ୍ପୃକ୍ତ ବିଜ୍ଞପ୍ତି ପୋର୍ଟାଲରେ ମଧ୍ୟ ଉପଲବ୍ଧ ରହିଛି। ଯୋଗ୍ୟ ଓ ଆଗ୍ରହୀ ଯୁବକ ଓ ଯୁବତୀମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହ ସମୟସୀମା ମଧ୍ୟରେ ଅନଲାଇନ୍ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଇଛି।

# ଓଏସ୍‌ସିଇଏଫ୍‌ର ରୌପ୍ୟ ଜୟନ୍ତୀ ମହୋତ୍ସବ

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ (ଓଏସ୍‌ସିଇଏଫ୍)ର ରୌପ୍ୟ ଜୟନ୍ତୀ ମହୋତ୍ସବ ଓ ସାଧାରଣ ଅଧିବେଶନ ସ୍ଥାନୀୟ ଜୟଦେବ ଭବନ ପରିସରରେ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଏବଂ ସ୍ୱୟଂଶାସିତ ଅନୁଷ୍ଠାନର ହଜାର ହଜାର କର୍ମଚାରୀଙ୍କ ଉପସ୍ଥିତିରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଐତିହାସିକ ସମାରୋହରେ ରାଜ୍ୟର ବିଭିନ୍ନ କ୍ଷେତ୍ରର କର୍ମଚାରୀ, କର୍ମଚାରୀ ନେତୃବୃନ୍ଦ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଇପିଏଫ୍ ପେନ୍‌ସନ୍‌ଭୋଗୀମାନଙ୍କର ବ୍ୟାପକ ସମାଗମ ମହାସଂଘର ଐକ୍ୟ, ସଂଗଠନାତ୍ମକ ଶକ୍ତି ଓ ଦୀର୍ଘ ୨୫ ବର୍ଷର ସଂଘର୍ଷମୟ ଯାତ୍ରାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କର ରାଜ୍ୟ ଗଠନ ଓ ବିକାଶରେ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। କର୍ମଚାରୀମାନଙ୍କର ନ୍ୟାୟସଙ୍ଗତ ଦାବିଗୁଡିକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ଆଶ୍ୱାସନା ଦେଇଥିଲେ।

ସେହିପରି ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ତଥା ମହାସଂଘ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର, ସ୍ୱତନ୍ତ୍ର ଅତିଥି ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ, ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ଭାଗ୍ୟଧର ବ୍ରହ୍ମା ମହାସଂଘର ୨୫ ବର୍ଷର ସଂଘର୍ଷ, ସଫଳତା ଏବଂ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ଏହାର ଐତିହାସିକ ଅବଦାନକୁ ପ୍ରଶଂସା କରିଥିଲେ। ମହାସଂଘ ସଭାପତି ଡ. ସରୋଜ କାନ୍ତ ମଲ୍ଲିକ ସଭାପତିତ୍ୱ କରି କହିଥିଲେ ଯେ ରୌପ୍ୟ ଜୟନ୍ତୀ କେବଳ ଏକ ଉତ୍ସବ ନୁହେଁ; ବରଂ କର୍ମଚାରୀଙ୍କ ଅଧିକାର, ସାମାଜିକ ସୁରକ୍ଷା, ଚାକିରିର ସ୍ଥାୟିତ୍ୱ ଓ ମର୍ଯ୍ୟାଦା ପାଇଁ ମହାସଂଘର ଦୀର୍ଘ ୨୫ ବର୍ଷର ଅବିରତ ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ। ଆଗାମୀ ଦିନରେ ମଧ୍ୟ ମହାସଂଘ ସମସ୍ତ ବର୍ଗର କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଏକତାବଦ୍ଧ ଭାବେ ସଂଘର୍ଷ ଜାରି ରଖିବ। ଏହି ଅବସରରେ ମହାସଂଘ ପକ୍ଷରୁ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କ ବିଭିନ୍ନ ନ୍ୟାୟସଙ୍ଗତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା।




ମହାସଂଘ ମହାସଚିବ ପ୍ରଭାତ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସର୍ବସମ୍ମତି କ୍ରମେ ଆଗାମୀ ତିନି ବର୍ଷ ପାଇଁ ମହାସଂଘର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ହୋଇଥିଲା। ଡ଼ା ସରୋଜ କାନ୍ତ ମଲ୍ଲିକ ସଭାପତି, ଦେବାଶିଷ ଜେନା ଓ ରଙ୍ଗାଧର ନାୟକ ଉପସଭାପତି, ପ୍ରଭାତ କୁମାର ପରିଡ଼ା ମହାସଚିବ, ନୃସିଂହ ଚରଣ ସେଠୀ ଓ କବିସୂର୍ଯ୍ୟ ସିଂ ଯୁଗ୍ମ ସମ୍ପାଦକ, ଶିବଶଙ୍କର ପ୍ରଧାନ ସାଂଗଠନିକ ସମ୍ପାଦକ, ନୀଳକଣ୍ଠ ପରିଡ଼ା କୋଷାଧ୍ୟକ୍ଷ, ଦୈତାରୀ ବେହେରା ଓ ବିଶ୍ୱମୋହନ ମହାପାତ୍ର ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ପୂର୍ବତନ ବିଧାୟକ ଶ୍ରୀ ମିଶ୍ରଙ୍କୁ ମୁଖ୍ୟ ଉପଦେଷ୍ଟା ଏବଂ ଡ. ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ ଓ ପ୍ରଫୁଲ୍ଲ କୁମାର ଦାସଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା



କଟକ, ୨୯।୭ (ସଂଚାର ବ୍ୟୁରୋ): ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ବିଜେପିରେ ସାମିଲ ହେବା ପରେ ଚୌଦ୍ୱାର-କଟକର ବିଭିନ୍ନ ଅନୁଷ୍ଠାନ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଓଏମପି ଛକସ୍ଥିତ ଡାକବଙ୍ଗଳାରେ କଟକ ଜିଲ୍ଲା ବିଜେପି (କଟକ ସଦର ଭାଗ) ଓ କଟକ ରିଟେଲ ଡିଲର୍ସ ସଂଘ ପକ୍ଷରୁ ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପି (କଟକ ସଦର ଭାଗ)ର ପୂର୍ବତନ ଚେୟାରମ୍ୟାନ ସାଧୁ ଚରଣ ଜେନା, ସଦସ୍ୟ ପରମାନନ୍ଦ ଚୌଧୁରୀ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# 'ଦୂରଦର୍ଶୀ'ର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ମାସିକ ସମ୍ବାଦଭିତ୍ତିକ ପତ୍ରିକା 'ଦୂରଦର୍ଶୀ'ର ଅଷ୍ଟାଦଶ ସ୍ୱନକ୍ଷତ୍ର ଦିବସରେ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିଶନ୍ ସଦସ୍ୟ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷା ଆମ ପରିଚୟ। ସେହି ଭାଷାକୁ ଆଗକୁ ନେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଆ ଭାଷା ଏବେ ବଡ଼ ଦୁର୍ଦ୍ଦିନ ଦେଇ ଗତି କରୁଛି। ଆମକୁ ଏହି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଓଡ଼ିଆ ଭାଷା ପାଇଁ ଆମକୁ ଆଗକୁ ଆସିବାକୁ ହେବ। ଜୀବନର ପ୍ରତ୍ୟେକଟି କାର୍ଯ୍ୟରେ ସମାଜ ପ୍ରତି ସେବା ମନୋଭାବ ରହିବା ଜରୁରୀ। 'ଦୂରଦର୍ଶୀ' ଏ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏହି ଅବସରରେ 'ଦୂରଦର୍ଶୀ ଡିଜିଟାଲ ଲାଇଭ' ଉନ୍ମୋଚିତ ହୋଇଛି। ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗଦେଇ ସଂଘର୍ଷ ଭିତରେ ଜୀବନ ହିଁ ସଫଳତାର ସ୍ୱାଦ ପାଇଥାଏ ବୋଲି କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ଏବଂ ପ୍ରସାର ଲାଗି ଆହ୍ୱାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସାମ୍ପ୍ରତିକ ସମୟରେ ସାମ୍ବାଦିକତା ଉପଯୁକ୍ତ ଓ ଚାପମୁକ୍ତ ହୋଇପାରୁ ନ ଥିବା ନେଇ ତାଙ୍କ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରାରମ୍ଭରେ 'ଦୂରଦର୍ଶୀ' ବ୍ୟୁରୋ ଚିଫ୍ ପ୍ରସନ୍ନ ବିଷୋୟୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ 'ଦୂରଦର୍ଶୀ' ସମ୍ପାଦକ ଦୁର୍ଗା ସାମନ୍ତରାୟ ଅଭିଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ଧୀରେନ୍ଦ୍ର ନାଥ ମଲ୍ଲିକ, ଅଭିନେତା ପ୍ରୀତିରାଜ ଶତପଥୀ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ଶ୍ୱେତା ରାଉତ, ବିଜୟ ମଲ୍ଲ, ଅତିରିକ୍ତ ଏସ୍‌ପି ମାନସ ରଞ୍ଜନ ଗଡ଼ନାୟକ, ଅଧ୍ୟାପିକା ସବିତା ହୋତା, ଉମାକାନ୍ତ ଜେନା, ସତ୍ୟବାଦୀ ଦାସ, ରଞ୍ଜନ ମହାନ୍ତି, ନିହାର ରଞ୍ଜନ ମହାନ୍ତି, ଡଃ. ଗଣେଶ୍ୱର ମହନ୍ତ, ଗୁରୁ ପ୍ରଜ୍ଞା ପଟ୍ଟନାୟକ, ସଂକୀର୍ତ୍ତନ ମହାସଂଘ, ଓଡ଼ିଶା ଓ ଉତ୍କଳ ବିକାଶ ପରିଷଦ, ଭୁବନେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶେଷରେ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ତଦନ୍ତ କମିଶନ ରିପୋର୍ଟ, ସୁପାରିସ୍ ମୂଲ୍ୟହୀନ

ଭୁବନେଶ୍ୱର,୨୯।୭: ରାଜ୍ୟ ସରକାର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ବସାଉଥିବା ବିଭିନ୍ନ ତଦନ୍ତ କମିଶନ ଓ ତଦନ୍ତ କମିଟିଙ୍କ ରିପୋର୍ଟରୁ ଅଧିକାଂଶ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରୁ ନ ଥିବାରୁ ଏହାର ସୁପାରସ୍ ସବୁ ବସ୍ତୁତଃ ମୂଲ୍ୟହନ ହୋଇପଡୁଛି ବୋଲି ବିଧି ବିଶେଷଜ୍ଞମାନେ କହୁଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ନିର୍ମମ ହତ୍ୟା ଏବଂ ଏହା ପରେ ପରେ ହୋଇଥିବା ହିଂସାକାଣ୍ଡ ପରିପ୍ରେକ୍ଷୀରେ ବସାଯାଇଥିବା ଜଷ୍ଟିସ ନାଇଡୁ କମିଶନଙ୍କ ରିପୋର୍ଟ ସହିତ ଅନ୍ୟ ଏକ ଅଗ୍ନି ଦୁର୍ଘଟଣା ସଂକ୍ରାନ୍ତରେ କେନ୍ଦ୍ରାଞ୍ଚଳ ଆରଡିସି ଦାଖଲ କରିଥିବା ରିପୋର୍ଟ ହଜିଯିବା ଘେନି ଏବେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି। ଏଥିଘେନି ରାଜନୀତି ବି ଜୋର୍ ଧରିଛି।

ଅତୀତରେ ଶ୍ରୀମନ୍ଦିରରେ ଦଳାଚକଟାରେ ବହୁ ଭକ୍ତ ମୃତାହତ ହେବା ଘଟଣାର ତଦନ୍ତ ଲାଗି ଜଷ୍ଟିସ ଜୀବନ ମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜଣିକିଆ ତଦନ୍ତ କମିଶନ ବସିଥିଲା। ଏହି କମିଶନ ତାଙ୍କ ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ତାହା ବିଧାନସଭାରେ ଉପସ୍ଥାପିତ ହେଲନାହିଁ କିମ୍ବା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଗଲା ନାହିଁ। ଏହି ରିପୋର୍ଟରେ କ'ଣ ଅଛି ତାହା ଏଯାବତ୍ ପ୍ରକାଶ ପାଇଲା ନାହିଁ। ଅଥଚ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରେ ଘଟିଥିବା ଅନ୍ୟଏକ ଦଳାଚକଟା ଦୁର୍ଘଟଣା ସମ୍ପର୍କରେ ଜଷ୍ଟିସ ପିକେ ମହାନ୍ତି କମିଶନ ତଦନ୍ତ କରିବା ବେଳେ କଥା ଉଠିଲା ଯେ ପୂର୍ବରୁ ଅନୁରୂପ ଘଟଣାରେ ଜଷ୍ଟିସ ମହାପାତ୍ର କମିଶନ ଦେଇଥିବା ରିପୋର୍ଟ ପ୍ରସଙ୍ଗରେ। ଏହି ରିପୋର୍ଟ ନ ମିଳିବାରୁ ଜଷ୍ଟିସ ମହାନ୍ତି କମିଶନଙ୍କୁ ହଜିଥିବା ରିପୋର୍ଟ ସଂକ୍ରାନ୍ତରେ ତଦନ୍ତ ପାଇଁ ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ଜଷ୍ଟିସ ମହାନ୍ତି କମିଶନ ଦାଖଲ କରିଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ ଜଷ୍ଟିସ ମହାପାତ୍ର କମିଶନ ତାଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଘେନି ଗଣମାଧ୍ୟମରେ ଫଟୋଚିତ୍ର ସହ ସମ୍ବାଦ ପ୍ରକାଶ ପାଇଥିଲା। ତେବେ ସରକାରୀ ରୀତିନୀତି ଅନୁଯାୟୀ କମିଶନ ତାଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀଙ୍କୁ ନଦେଇ ବିଭାଗୀୟ ଶାସନ ସଚିବଙ୍କୁ ପ୍ରଦାନ କରିବା ଆବଶ୍ୟକ। ଇତିମଧ୍ୟରେ ରାଜ୍ୟ ସରକାର ଆଞ୍ଚଳିକ ବୈଷମ୍ୟ ତଦନ୍ତ କମିଶନ ଓ କୃଷକ କମିଶନ ବସାଇଥିଲେ। ଏହି ଦୁଇଟି କମିଶନଙ୍କ ରିପୋର୍ଟ ଏଯାବତ୍ ସାର୍ବଜନୀନ ହେବା ତ ଦୂରରକଥା ବିଧାନସଭାରେ ମଧ୍ୟ ଉପସ୍ଥାପିତ ହୋଇନାହିଁ। ସେହିପରି ଶ୍ରୀମନ୍ଦିର ସଂସ୍କାର କମିଶନ ଓ ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କ ଅବସ୍ଥା। ଏହି ଦୁଇଟି କମିଶନ ଚୂଡାନ୍ତ ରିପୋର୍ଟ ଦେବା ପୂର୍ବରୁ ସରକାର ବନ୍ଦ କରିଦେଇଥିଲେ। ତେବେ ଏହି ଦୁଇ କମିଶନ କେତେଗୁଡିଏ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅନ୍ତରୀଣ ରିପୋର୍ଟ ସର୍ବସାଧାରଣ ଜାଣିବା ତ ଦୂରରକଥା, ଏଗୁଡିକ ଏଯାବତ୍ ବିଧାନସଭାରେ ମଧ୍ୟ ଉପସ୍ଥାପିତ ହୋଇନାହିଁ।

ସେହିଭଳି ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଚାବି ହଜିବା ଘେନି ଜଷ୍ଟିସ ବିଶ୍ୱାଳ କମିଶନ ବସିଥିଲା। ଏହି କମିଶନ ମଧ୍ୟ ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ଏହି ରିପୋର୍ଟ ବିଧାନସଭାରେ ଏଯାବତ୍ ଉପସ୍ଥାପିତ ହୋଇନାହିଁ। ଏମିତିକି ଏ ସଂକ୍ରାନ୍ତରେ ରୁଜୁ ଏକ ମାମଲାରେ ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ବି ରିପୋର୍ଟ ଏଯାବତ୍ ଉପସ୍ଥାପିତ ହୋଇନାହିଁ। ଗୁମୁଡୁମାହରେ ସଶସ୍ତ୍ର ବାହିନୀର ଗୁଳିମାଡରେ ଜଣେ ଶିଶୁ ସହିତ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହି ଘଟଣାର ତଦନ୍ତ ରିପୋର୍ଟ ବି ଏଯାବତ୍ ସାର୍ବଜନୀନ ହୋଇନାହିଁ। ସେହିପରି କଳିଙ୍ଗନଗର ଗୁଳିକାଣ୍ଡରେ ଅନ୍ୟୂନ ୧୩ ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ବି ତଦନ୍ତ କମିଶନ ବସାଯାଇଥିଲା ଓ କମିଶନ ମଧ୍ୟ ରିପୋର୍ଟ ଦେଇଥିଲେ। କିନ୍ତୁ ଏହା ଏଯାବତ୍ ସାର୍ବଜନୀନ ହୋଇନାହିଁ। ଏଠାରେ ଉଲ୍ଲେଖନୀୟ ଯେ କମିଶନ ଅଫ୍ ଇନକ୍ୱାରୀ ଆକ୍ଟ ଆଧାରରେ ଯେତେସବୁ କମିଶନ ବସାଯାଏ ତାହାର ଆକ୍ସନ ଟେକେନ ରିପୋର୍ଟ ସହିତ କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବାପାଇଁ ଆଇନ୍‌ଗତ ବ୍ୟବସ୍ଥା ରହିଛି। ସେହିପରି ବିଭିନ୍ନ ଘଟଣାରେ କରାଯାଉଥିବା ପ୍ରଶାସନିକ ତଦନ୍ତ ରିପୋଟଁ ମଧ୍ୟ ଦାଖଲ ହେବାକଥା। ଏହି ତଦନ୍ତ କମିଶନ ଓ କମିଟିଗୁଡିକ ପାଇଁ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଥିବାବେଳେ ତାହା ଏକ ପ୍ରକାର ପାଣିରେ ପଡୁଛି। (ତଥ୍ୟ)

# ଓଡ଼ିଆ ଭର୍ଚୁଆଲ ଏକାଡେମୀର ଦୁଇଦିନିଆ କର୍ମଶାଳା




■ ସ୍ୱଦେଶୀ ପାରମ୍ପରିକ ଜ୍ଞାନକୌଶଳର ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ସ୍ୱଦେଶୀ ପାରମ୍ପରିକ ଜ୍ଞାନକୌଶଳର ଚିହ୍ନଟ, ବୈଜ୍ଞାନିକ ପ୍ରମାଣନ, ସଂଗ୍ରହଣ ଓ ଡିଜିଟାଲ ସଂରକ୍ଷଣ ବଳରେ ଓଡ଼ିଆ ଜ୍ଞାନଭଣ୍ଡାର ସମୃଦ୍ଧ ହୋଇପାରିବ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ 'ଦେଶୀୟ ଜ୍ଞାନକୌଶଳ' ଶୀର୍ଷକ କର୍ମଶାଳାରେ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ସମାଜସେବିକା ପଦ୍ମଶ୍ରୀ ସାବରମତୀ ସ୍ୱଦେଶୀ ପାରମ୍ପରିକ ଜ୍ଞାନକୁ ଆମର ସାଂସ୍କୃତିକ ଐତିହ୍ୟ ଭାବେ ବର୍ଣ୍ଣନା କରି ଏହାର ସଂରକ୍ଷଣ ତଥା ପ୍ରୟୋଗ ନିମନ୍ତେ ସାଧାରଣ ନାଗରିକ ଓ ଯୁବପିଢ଼ି ଉଦ୍ୟମ କରିବା ଆବଶ୍ୟକ ବୋଲି କହିଛନ୍ତି। ଅଧ୍ୟକ୍ଷତା କରି ଓଡ଼ିଆ ଭର୍ଚୁଆଲ ଏକାଡେମୀ ସଚିବ ଡ. ପ୍ରଦୀପ କୁମାର ରାଉତ କହିଛନ୍ତି ଯେ ଏହି କର୍ମଶାଳାରେ ପ୍ରସ୍ତୁତ ତଥ୍ୟ ଆଧାରରେ ପାରମ୍ପରିକ ଜ୍ଞାନକୌଶଳର ଡିଜିଟାଲ୍ ସଂରକ୍ଷଣ କରାଯିବ ଓ ସେସବୁ ଆଧୁନିକ ପ୍ରଯୁକ୍ତି ତଥା କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିକଶିତ କରାଯାଇ ଏକାଡେମୀର ୱେବ୍ ପୋର୍ଟାଲରେ ଉପଲବ୍ଧ ହେବ। କାର୍ଯ୍ୟକ୍ରମରେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଯୋଗ ଦେଇ ଏପରି କର୍ମଶାଳାର ଗୁରୁତ୍ୱ ଓ ଉପାଦେୟତା ଉପରେ ଆଲୋକପାତ କରିଥିବା ବେଳେ ସଚିବ ଡ. ରାଉତ ପାରମ୍ପରିକ ଜ୍ଞାନକୌଶଳର ସଂରକ୍ଷଣ ଓ ସଂଗ୍ରହଣରେ ବୈଜ୍ଞାନିକ, ବିଶେଷଜ୍ଞ, ଶିକ୍ଷାବିତ୍, ପାରମ୍ପରିକ ବୈଦ୍ୟ, କୃଷକ, ମତ୍ସ୍ୟଜୀବୀ ଓ କାରିଗରଙ୍କ ସହଭାଗିତା ରହିବ ବୋଲି ଆଶା ପ୍ରକାଶ କରିଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ଗୁରୁବାର ୩୦ ଜୁଲାଇ ୨୦୨୬, ଭୁବନେଶ୍ୱର

Thursday 30 July 2026, Bhubaneswar


# ସାମାଜିକ ଦାୟିତ୍ୱର ଅବନତି

ଆଜିର ଭାରତ ଏକ ଦ୍ରୁତ ପରିବର୍ତ୍ତନଶୀଳ ସମାଜ। ପ୍ରଯୁକ୍ତି, ଶିକ୍ଷା ଓ ଅର୍ଥନୀତିର ଅଗ୍ରଗତି ସହିତ ଯୁବ ପିଢ଼ି ନୂତନ ସୁଯୋଗ ପାଇଛି। କିନ୍ତୁ ଏହି ଅଗ୍ରଗତିର ପଛରେ ଏକ ଗଭୀର ଚିନ୍ତା ଲୁଚି ରହିଛି-ଯୁବକ ଓ ଯୁବତୀଙ୍କ ମଧ୍ୟରେ ସମାଜିକ ଦାୟିତ୍ୱର କ୍ରମାଗତ ଅବନତି। ଏହା ଫଳରେ ଦେଶରେ ଅସାମାଜିକ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି, ଯାହା ସମାଜର ମୂଳଦୁଆକୁ ଦୁର୍ବଳ କରୁଛି।

ସମାଜିକ ଦାୟିତ୍ୱ ହେଉଛି ସମାଜ ପ୍ରତି ବ୍ୟକ୍ତିର କର୍ତ୍ତବ୍ୟ ବୋଧ। ଏହାର ଅର୍ଥ ହେଉଛି ଅନ୍ୟମାନଙ୍କ ପ୍ରତି ସମ୍ମାନ, ସହାୟତା, ନିୟମ ମାନ୍ୟତା ଓ ସମୁଦାୟର ହିତରେ କାର୍ଯ୍ୟ କରିବା। ପୂର୍ବେ ଭାରତୀୟ ସମାଜରେ ପରିବାର, ବିଦ୍ୟାଳୟ ଓ ସମୁଦାୟ ଏହି ମୂଲ୍ୟବୋଧକୁ ଶିଶୁମାନଙ୍କ ମନରେ ବୁଣିଥିଲେ। କିନ୍ତୁ ଆଜି ସେହି ଚିତ୍ର ପରିବର୍ତ୍ତିତ। ଯୁବପିଢ଼ି ନିଜ ସ୍ୱାର୍ଥ, ତୁରନ୍ତ ସନ୍ତୋଷ ଓ ବ୍ୟକ୍ତିଗତ ସଫଳତାକୁ ଅଧିକ ଗୁରୁତ୍ୱ ଦେଉଛି। ସୋସିଆଲ ମିଡ଼ିଆର ପ୍ରଭାବ, ପାରିବାରିକ ସମୟର ଅଭାବ ଓ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାର ଅଭାବ ଏହି ସମସ୍ୟାକୁ ବଢ଼ାଇଛି।

ଏହି ଅବନତିର ଫଳସ୍ୱରୂପ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଯୁବକମାନେ ସାଇବର ବୁଲିଙ୍ଗ, ମଦ ଓ ମାଦକ ଦ୍ରବ୍ୟ ସେବନ, ଗ୍ୟାଙ୍ଗ ଗଠନ, ଚୋରି, ହିଂସା ଓ ଯୌନ ହଇରାଣ ଭଳି କାର୍ଯ୍ୟରେ ଜଡ଼ିତ ହେଉଛନ୍ତି। ବାଳିକାମାନେ ମଧ କେତେକ କ୍ଷେତ୍ରରେ ଏହି ଧାରାରେ ସାମିଲ ହେଉଛନ୍ତି। ଏହା କେବଳ ବ୍ୟକ୍ତିଗତ ନୈତିକତାର ଅବନତି ନୁହେଁ, ବରଂ ସମାଜର ସୁରକ୍ଷା ଓ ଶାନ୍ତିକୁ ବିପଦରେ ପକାଉଛି। ସ୍କୁଲ ଓ କଲେଜରେ ଶିକ୍ଷକଙ୍କ ପ୍ରତି ଅସମ୍ମାନ, ରାସ୍ତାରେ ଗାଡ଼ି ଚାଳନାରେ ନିୟମ ଭଙ୍ଗ, ପବ୍ଲିକ୍ ସ୍ଥାନରେ ଅବ୍ୟବସ୍ଥା ଓ ପରିବେଶ ପ୍ରତି ଉଦାସୀନତା, ଏସବୁ ଅସାମାଜିକ ମନୋଭାବର ପ୍ରତିଫଳନ।

ଅସାମାଜିକ କାର୍ଯ୍ୟକଳାପ ମଧ ବଢ଼ୁଛି। ଯୁବପିଢ଼ି ସମୁଦାୟ କାର୍ଯ୍ୟ, ସ୍ୱେଚ୍ଛାସେବା କିମ୍ବା ସାମାଜିକ ଉଦ୍ୟମରୁ ଦୂରେଇ ଯାଉଛି। ସେମାନେ ନିଜ ଘରେ କିମ୍ବା ମୋବାଇଲ୍ ସ୍କ୍ରିନ୍ ସାମ୍ନାରେ ସୀମିତ ରହି ସମାଜରୁ ବିଚ୍ଛିନ୍ନ ହେଉଛନ୍ତି। ଏହା ଫଳରେ ସହାନୁଭୂତି, ସହଯୋଗ ଓ ସାମୂହିକ ଦାୟିତ୍ୱ ବୋଧ କ୍ଷୀଣ ହେଉଛି। ଗ୍ରାମୀଣ ଓ ସହରୀ ଉଭୟ କ୍ଷେତ୍ରରେ



ଏହି ସମସ୍ୟା ଦେଖାଯାଉଛି। ଯେଉଁଠାରେ ପୂର୍ବେ ଯୁବକମାନେ ଗାଁର ଉତ୍ସବ, ସଫାଇ କାର୍ଯ୍ୟ କିମ୍ବା ବୃଦ୍ଧମାନଙ୍କ ସହାୟତାରେ ଭାଗ ନେଉଥିଲେ, ଆଜି ସେଠାରେ ନିରୁତ୍ସାହ ଦେଖାଯାଉଛି।

ଏହି ସମସ୍ୟାର ମୂଳ କାରଣ ଅନେକ। ପ୍ରଥମେ, ପାରିବାରିକ ବନ୍ଧନ ଦୁର୍ବଳ ହୋଇଛି। ଉଭୟ ପିତାମାତା କାମରେ ବ୍ୟସ୍ତ ରହିବା ଯୋଗୁଁ ଶିଶୁମାନେ ପର୍ଯ୍ୟାପ୍ତ ନୈତିକ ମାର୍ଗଦର୍ଶନ ପାଉନାହାନ୍ତି। ଦ୍ୱିତୀୟତଃ, ଶିକ୍ଷା ବ୍ୟବସ୍ଥା କେବଳ ପରୀକ୍ଷା ଓ କ୍ୟାରିଅର୍ ଉପରେ ଗୁରୁତ୍ୱ ଦେଉଛି, ଚରିତ୍ର ନିର୍ମାଣ ଓ ସମାଜିକ ମୂଲ୍ୟ ଉପରେ ନୁହେଁ। ତୃତୀୟତଃ, ସୋସିଆଲ ମିଡ଼ିଆ ଓ ଡିଜିଟାଲ୍ ସଂସ୍କୃତି ଯୁବମାନଙ୍କୁ ତୁଳନା, ପ୍ରତିଯୋଗିତା ଓ ବ୍ୟକ୍ତିଗତ ପ୍ରଚାରରେ ବ୍ୟସ୍ତ ରଖିଛି। ଏହା ସହାନୁଭୂତି ଓ ଦାୟିତ୍ୱବୋଧକୁ କମ୍ କରୁଛି। ଚତୁର୍ଥତଃ, ସମାଜରେ ସଫଳତାର ପରିଭାଷା କେବଳ ଟଙ୍କା ଓ ପଦବୀ ସହିତ ଜଡ଼ିତ ହୋଇଯାଇଛି, ଯାହା ଯୁବମାନଙ୍କୁ ସ୍ୱାର୍ଥପର କରୁଛି।

ଏହି ସମସ୍ୟା କେବଳ ଯୁବପିଢ଼ିର ନୁହେଁ, ସମଗ୍ର ସମାଜର। ଯଦି ଆଜିର ଯୁବକ ଓ ଯୁବତୀ ସମାଜିକ ଦାୟିତ୍ୱ ହରାନ୍ତି, ତେବେ ଆଗାମୀ ପିଢ଼ି ଆହୁରି ଅଧିକ ଅସୁରକ୍ଷିତ ହେବ। ଅପରାଧ, ହିଂସା, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ସାମାଜିକ ବିଭାଜନ ବଢ଼ିବ। ଏହା ଦେଶର ଉନ୍ନତି ଓ ସ୍ଥିରତାକୁ ବିପଦରେ ପକାଇବ।

ଏହି ଅବସ୍ଥାରୁ ଉନ୍ମୁକ୍ତି ପାଇବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ। ପରିବାର ଶିଶୁମାନଙ୍କୁ ସମୟ ଦେବା, ନୈତିକ କାହାଣୀ ଶୁଣାଇବା ଓ ଉଦାହରଣ ଦେଖାଇବା ଆବଶ୍ୟକ। ବିଦ୍ୟାଳୟରେ ମୂଲ୍ୟବୋଧ ଶିକ୍ଷା, ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ଓ ସାମାଜିକ କାର୍ଯ୍ୟରେ ଭାଗ ନେବା ବାଧ୍ୟତାମୂଳକ କରାଯିବା ଉଚିତ। ସରକାର ଓ ଏନଜିଓମାନେ ଯୁବମାନଙ୍କ ପାଇଁ ସକାରାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରିବା ଉଚିତ। ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ମଧ ଦାୟିତ୍ୱବାନ ବିଷୟବସ୍ତୁ ପ୍ରୋତ୍ସାହିତ କରିବା ଉଚିତ। ସର୍ବୋପରି, ଯୁବପିଢ଼ି ନିଜେ ବୁଝିବା ଉଚିତ ଯେ ସେମାନେ କେବଳ ବ୍ୟକ୍ତି ନୁହଁନ୍ତି, ବରଂ ଏକ ବଡ଼ ସମାଜର ଅଂଶ। ସେମାନଙ୍କ କାର୍ଯ୍ୟ ସମାଜକୁ ପ୍ରଭାବିତ କରେ। ଯଦି ସେମାନେ ସମାଜିକ ଦାୟିତ୍ୱ ଗ୍ରହଣ କରନ୍ତି, ତେବେ ଭାରତ ଆହୁରି ଶକ୍ତିଶାଳୀ, ସହନଶୀଳ ଓ ସମୃଦ୍ଧ ହେବ। ସମୟ ଆସିଛି ଚିନ୍ତା କରିବାର ଓ କାର୍ଯ୍ୟ କରିବାର। ଯୁବପିଢ଼ିର ହାତରେ ଭାରତର ଭବିଷ୍ୟତ। ସେମାନେ ଯଦି ସମାଜିକ ଦାୟିତ୍ୱକୁ ପୁନରୁଦ୍ଧାର କରନ୍ତି, ତେବେ ଅସାମାଜିକ ଓ ଅସାମାଜିକ କାର୍ଯ୍ୟକଳାପର ଧାରା ରୋକି ହେବ ଏବଂ ଏକ ସୁନ୍ଦର, ସୁସଂଗଠିତ ସମାଜ ଗଢ଼ିବ।

# ଓଡ଼ିଆଙ୍କ ଖାଦ୍ୟରୁ ହଜିଯାଉଛି ତାଳ ପିଠା



### ଅମର ପଟ୍ଟନାୟକ

ଓଡ଼ିଆ ପାରମ୍ପରିକ ଖାଦ୍ୟରେ ତାଳ ପିଠାର ସ୍ୱତନ୍ତ୍ର ସ୍ଥାନ ରହିଛି। ଆଗରୁ ବର୍ଷା ଦିନେ ଗଛରେ ତାଳ ପାଚିବାକୁ ଲୋକେ ଅପେକ୍ଷା କରିଥାନ୍ତି। ଏବେ କିଛି କିଛି ଖାଦ୍ୟ ସୌକିନ ଲୋକଙ୍କ ଘରେ ବର୍ଷକୁ ଥରେ କି ଦୁଇଥର ତାଳ ପିଠା ହେଉଛି। କିନ୍ତୁ ପୂର୍ବରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମାଆ, ଭଉଣୀ ଓ ବୋହୂ ମାନେ ତାଳ ପିଠା ପ୍ରସ୍ତୁତିରେ ସିଦ୍ଧହସ୍ତ ଥିଲେ। ତାଳ ପୋଡ଼ପିଠା, ଚକୁଳି, ମଣ୍ଡା ପିଠା, କାକରା ଓ ବରା ଭଳି ଭଳିକି ଭଳି ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। ଲୋକେ ବନ୍ଧୁବାନ୍ଧବ, ଝିଅ ଘରକୁ ଏହି ପିଠାକୁ ଅତି ଶ୍ରଦ୍ଧାର ସହ ପଠାଇଥାନ୍ତି। ଘରକୁ କୁଣିଆ ଆସିଲେ ତାଙ୍କୁ ଆଦର ସହକାରେ ତାଳ ପିଠା ପରସା ଯାଉଥିଲା। ଯାହା ଘରେ ସ୍ୱାଦିଷ୍ଟ ତାଳପିଠା ତିଆରି ହୁଏ ତାଙ୍କର ସାହି ଓ ଗାଁରେ ବେଶ ସୁନାମ ଥାଏ। ସେତେବେଳେ ଲୋକେ ତାକୁ ଆନନ୍ଦର ସହ ଖାଇବା ସହ ମଜା ନେଉଥିଲେ।

ପରିବର୍ତ୍ତିତ ପରିସ୍ଥିତିରେ ଅନେକ ଝିଅବୋହୁଙ୍କ ଭିତରେ ତାଳରୁ ମଣ୍ଡ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ପିଠା ପ୍ରସ୍ତୁତ କରିବାର ଜ୍ଞାନ ରହୁନାହିଁ। ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗି ଯିବା ଫଳରେ ଏକାଧିକ ମହିଳାଙ୍କ ଯୋଗଦାନ ମଧ ସମ୍ଭବ ହେଉନାହିଁ। ଛୁଆ ପିଲାଙ୍କ ପଢା ଓ ଅନ୍ୟ ଜଞ୍ଜାଳ ମଧ୍ୟରେ ଅନେକ ଏହାର ପ୍ରସ୍ତୁତି ଜାଣିଥିଲେ ମଧ ଏଥିପାଇଁ ସମୟ ଦେଇପାରୁନାହାନ୍ତି। ପୂର୍ବରୁ ପ୍ରତ୍ୟେକ ଅଞ୍ଚଳରେ ତାଳ ଗଛ ଚଢ଼ିବା ପାଇଁ ପାରମ୍ପରିକ ତାଲିମପ୍ରାପ୍ତ ଲୋକବଳ ମିଳୁଥିଲେ ଯାହା ବର୍ତ୍ତମାନ ସମୟରେ ନାହିଁ।

ଖାସ୍ କରି ଖରାଦିନେ ତାଳସଜ କଟାଯାଉଥିଲା ଏବଂ ଗଛରୁ ବାହୁଙ୍ଗା କଟାଯାଇ ସେଥିରୁ ଚାଳ ଘର ଛପର, ବାଡ ତିଆରି ଭଳି କାମ ପାଇଁ କେରଟ ବାହାର କରାଯାଉଥିଲା। ତାଳ ବରଡାରୁ ଆସନ, ବିଞ୍ଚଣା ଓ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରାଯାଉଥିଲା। ସାଧାରଣରେ ସେହି ହସ୍ତଶିଳ୍ପ ସାମଗ୍ରୀର ଆଦର ମଧ ଥିଲା। ଏଥିରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଅଧିକାଂଶ ତାଳ କାନ୍ଧିକୁ କାଟି ତାଳସଜ ପାଇଁ ଖସାଇ ଦିଆଯାଉଥିଲା। ଏବେ ମଧ ବଜାର ଘାଟରେ ତାଳସଜ ବିକ୍ରି ହେଉଛି ଯାହାର ସାଧାରଣରେ ବେଶ୍ ଚାହିଦା ରହୁଛି। ତାଳ ସଜ କାଟିବା ପରେ ଅଳ୍ପ କିଛି କାନ୍ଧିକୁ ପାଚିବା ପାଇଁ ଛାଡି ଦିଆଯାଉଥିଲା। ଫଳରେ ଏହି କାନ୍ଧି ଗୁଡିକର ଫଳ ଅପେକ୍ଷାକୃତ ବଡ଼ ଓ ପାଚିଲେ ସ୍ୱାଦିଷ୍ଟ ହେଉଥିଲା। କିନ୍ତୁ ଏବେ ଅନେକ ଗଛ ମୂଳରେ ତାଳ ପାଚି ପଡୁଥିଲେ ମଧ ଆଗ ପରି ଲୋକେ ସଂଗ୍ରହ କରୁନାହାନ୍ତି। ପୂର୍ବରୁ କିଶୋର ଓ ଯୁବକ ମାନଙ୍କ ମଧ୍ୟରେ ପାଚିଲା ତାଳ ସଂଗ୍ରହ ପାଇଁ ଏକ ପ୍ରକାର ପ୍ରତିଯୋଗିତା ଲାଗି ଯାଉଥିଲା।

ସେତେବେଳେ ପ୍ରତ୍ୟେକ ଅଞ୍ଚଳରେ ଚାଷ ଜମିର ହିଡ଼ ଓ ଖାଲି ପଡ଼ିଆ ଅଞ୍ଚଳ କିମ୍ବା ପୋଖରୀ ହୁଡ଼ାରେ ବହୁମାତ୍ରାରେ ତାଳଗଛ ଲୋକ ଲଗାଉଥିଲେ। ତାହା ଲୋକଙ୍କ କାମରେ ଆସିବା ସହିତ ବଜ୍ରପାତ ବିପଦରୁ ମଣିଷ ଓ ଗୋରୁ ଗାଈଙ୍କୁ ସୁରକ୍ଷା ଦେଉଥିଲା। ବଜ୍ରପାତର ନିରାକରଣ ପାଇଁ ବର୍ତ୍ତମାନ ସରକାର ଅଧିକରୁ ଅଧିକ ତାଳ ଗଛ ଲଗାଇବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର କରାଯାଉଛି। ତାଳ ଗଛ ଦୀର୍ଘ ସ୍ଥାୟୀ ଓ ଫସଲକୁ ଛାଇ ଦେଉନଥିବାରୁ ହିଡବାଡ଼ରେ ଚାଷୀ ଅଧିକରୁ ଅଧିକ ତାଳଗଛ ଲଗାଉଥିଲେ। ଲୋକ ନିଜର ଘରବାଡି ଏପରିକି ବଗିଚାର ସୀମାରେ ତାଳ ଗଛକୁ ବାଡ଼ ଭାବେ ବ୍ୟବହାର କରୁଥିଲେ। ତାଳ ଏପରି ଏକ ଗଛ ଯାହା ଉପକୂଳର ଲୁଣି ମାଟି ଠାରୁ ଆରମ୍ଭ କରି କଠୋର ପାହାଡିଆ ମାଟିରେ ମଧ ଭଲ ବଢ଼ିପାରେ। ଗୋରୁ ଗାଈ ମଧ ଏହାର ଶାଣିତ ପତ୍ରକୁ ଖାଆନ୍ତି ନାହିଁ। ଅନ୍ୟପକ୍ଷରେ ପାଚିଲା ତାଳକୁ ଚକଟି ଗୋରୁ ଗାଇକୁ ମଧ ଚାଷୀ ଖାଇବାକୁ ଦେଉଥିଲେ। ଏହା ସେମାନଙ୍କ ପାଇଁ ସ୍ୱାଦିଷ୍ଟ ଥିବା ସହିତ ପୁଷ୍ଟିକର ଖାଦ୍ୟ ହେଉଥିଲା। ତାଳ ମଞ୍ଜି ଓ ସାଧାରଣ ପାଚିଲା ତାଳକୁ ଆଣି ଲୋକେ ଅପେକ୍ଷାକୃତ ଉଚ୍ଚ ସ୍ଥାନ ଏପରିକି ବାହାରେ ଛୋଟ ମଞ୍ଚା କିମ୍ବା ଭାଡି କରି ରଖୁଥିଲେ। ଏଥିରୁ ଗଜା ବାହାରିବା ପରେ ତାକୁ କାଟି ସେଥିରୁ ତାର ସ୍ୱାଦିଷ୍ଟ ଶଶକୁ ଖାଇବା ସହିତ କୁଆଁରପୁନେଇ ଭଳି ଓଷାରେ ଭୋଗରେ ବ୍ୟବହାର କରିବାର ପରମ୍ପରା ଥିଲା। ପାକଳ ତାଳ ଗଛରୁ ଚାଳ ଓ ଟାଇଲ ଘର ପାଇଁ ଶେଣି ପ୍ରସ୍ତୁତ ହେଉଥିଲା। ଏହି ଶେଣି ବର୍ଷ ବର୍ଷ ଯାଉଥିଲା ଯାହାକୁ ଉଇ କିମ୍ବା ଅନ୍ୟ କୀଟ ଛୁଇଁ ପାରୁନଥିଲେ। ଜଗନ୍ନାଥଙ୍କ ରଥ ଯାତ୍ରା ବେଳେ ରଥ ଉପରକୁ ଯିବା ପାଇଁ ଯେଉଁ ପାରମ୍ପରିକ ଚାରମାଳ ଲଗାଯାଏ ତାହା ତାଳଗଛରୁ ପ୍ରସ୍ତୁତ ହୋଇଥାଏ।

ଏବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓଟିଡିସି ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରି ବିଭିନ୍ନ କେନ୍ଦ୍ରରେ ଗ୍ରାହକଙ୍କୁ ଯୋଗାଇ ଦେଉଛନ୍ତି। ଅନେକ ଅନୁଷ୍ଠାନଙ୍କ ପକ୍ଷରୁ ପିଠା ପ୍ରତିଯୋଗିତା ମଧ ଅନୁଷ୍ଠିତ ହେଉଛି। ସେହି ତାଲିକାରେ ତାଳ ପିଠାକୁ ସାମିଲ କଲେ ଏହି ପାରମ୍ପରିକ ଓଡ଼ିଆ ଖାଦ୍ୟର ଅଧିକ ପ୍ରଚାର ପ୍ରସାର ହେବା ସହିତ ଆମର ନୂଆ ପିଢି ଏହିସ୍ୱାଦିଷ୍ଟ ଖାଦ୍ୟ ସହିତ ପରିଚିତ ହୋଇପାରନ୍ତେ।



**ଭଣ୍ଡାରିଡିହା, କେନ୍ଦୁଝର**

# ବୟସ ଅନୁସାରେ ଡାଏଟ୍



### ନାରାୟଣ ଚନ୍ଦ୍ର ବିଶ୍ୱାଳ

ସାଧାରଣତଃ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ସ୍ୱାସ୍ଥ୍ୟକର ତଥା ସନ୍ତୁଳିତ ଖାଦ୍ୟ ବେଶ ଜରୁରୀ ହୋଇଥାଏ। ସ୍ୱାସ୍ଥ୍ୟକର ଡାଏଟ ଅର୍ଥ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ। ଏକ ରିପୋର୍ଟ ଅନୁଯାୟୀ ଶରୀର ବିକାଶ ତଥା ସନ୍ତୁଳନ ରଖିବା ପାଇଁ ଛଅଟି ପୋଷକ ତତ୍ତ୍ୱ ଯଥା ଭିଟାମିନ, ପ୍ରୋଟିନ, ମିନେରାଲ୍ସ, ଫ୍ୟାଟ, ପାଣି ଏବଂ କାର୍ବୋହାଇଡ୍ରେଟ ଆବଶ୍ୟକ ହୋଇଥାଏ। ତେଣୁ ସୁସ୍ଥ ରହିବା ପାଇଁ ଦୈନିକ ଆହାରରେ ଏହି ସବୁ ପୋଷକ ତତ୍ତ୍ୱ ରହିବା ଜରୁରୀ। ୩୦-୪୦ ବର୍ଷ ବୟସ ମଧ୍ୟରେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହୋଇଥାଏ। ଏହି ବୟସରେ ପୁରୁଷ ଓ ମହିଳା ଉଭୟଙ୍କର ମେଟାବୋଲିଜିମ ଧିମା ହୋଇଯାଏ। ଫଳରେ ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢ଼ିଯାଏ। ତେଣୁ ଏହି ବୟସରେ ଖାଦ୍ୟ ଉପରେ ସନ୍ତୁଳନ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ। ଯାହା କେତେ ଗୁଡ଼ିଏ କ୍ରୋନିକ ଡିଜିଜ ବା ଦୀର୍ଘକାଳୀନ ରୋଗର କାରଣ ବୋଲି କୁହାଯାଏ। ତେଣୁ ଏହି ବୟସରେ ଠିକ ଡାଏଟ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ। ଫଳରେ ବିଭିନ୍ନ ପ୍ରକାର କ୍ରୋନିକ ଡିସଅର୍ଡ଼ର ହୋଇଥାଏ। ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ବେଶ ଜରୁରୀ ବୋଲି ଡାଏଟିସିଆନମାନେ ପରାମର୍ଶ ଦେଇଥାନ୍ତି। ଏହି ପରିପ୍ରେକ୍ଷୀରେ ଜାଣିବା ବୟସ ଅନୁସାରେ କିପରି ରଖିବା ନିଜର ଡାଏଟ ପ୍ଲାନ।

ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କ ପାଇଁ ଡାଏଟ ସମ୍ପର୍କରେ ଉଲ୍ଲେଖ କରୁଛୁ : ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କୁ କ୍ୟାଲସିୟମର ଆବଶ୍ୟକତା ଅଧିକ ରହିଥାଏ। ସେମାନଙ୍କୁ ଦୈନିକ ୫୦୦-୬୫୦ ମିଲିଗ୍ରାମ କ୍ୟାଲସିୟମ ଶାରୀରିକ ବିକାଶ ପାଇଁ ଆବଶ୍ୟକ ହୁଏ ବୋଲି ବିଶେଷଜ୍ଞମାନେ କହନ୍ତି। ତେଣୁ ପିଲାଙ୍କ ଠାରେ କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ଡାଏଟର ଦୁଗ୍ଧ, ଦହି, ପନିର, ବାଦାମ, ଟୋଫୁ, ସୋୟା, ବ୍ରୋକଲି ଚିୟାସିଡସ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି।

ସେହିପରି ଦଶରୁ ବାର ବର୍ଷ ପିଲାଙ୍କ ପାଇଁ ଡାଏଟର ସ୍ୱତନ୍ତ୍ରତା ଦରକାର : ଦଶ ବର୍ଷର ପିଲାଙ୍କ ପାଇଁ ପୋଷକ ତତ୍ତ୍ୱ ଥିବା ଡାଏଟ ନେବା ଜରୁରୀ। କାରଣ ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ। ୧୦-୧୨ ବର୍ଷ ବୟସରେ ପିଲାଙ୍କୁ ଦିନରେ ଚାରି ଥର ଖାଦ୍ୟ ଖୁଆଇବା ଜରୁରୀ। ସେହିପରି ପିଲାଙ୍କ ଡାଏଟରେ ସତେଜ ଫ୍ରୁଟ ଜୁସ, ପ୍ରୋବାୟୋଟିକ ଦହି, ପନିପରିବା, ଜୁସ ସାମିଲ କରନ୍ତୁ। ସେହିପରି ପିଲାଙ୍କୁ ପରଟା ଓ ରୁଟି ମଧ ଖୁଆଇପାରିବେ।

ତେରରୁ ପନ୍ଦର ବର୍ଷ ଅର୍ଥାତ୍ ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧିର ବୟସ : ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ। ତେଣୁ ଏହି ବୟସରେ ବୌଦ୍ଧିକ ଏବଂ ଶାରୀରିକ ବିକାଶ ପାଇଁ ସେମାନଙ୍କୁ ଡାଏଟରେ କ୍ୟାଲସିୟମ, ଦୁଗ୍ଧ, ଚିଜ, ଦହି ସୋୟାବିନ, ଟୋଫୁ, ମଞ୍ଜି ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ। ଏଥିସହ ଭିଟାମିନ-ଡି ଯୁକତ୍ ଖାଦ୍ୟ, ମାଛ, ପ୍ରାକୃତିକ ପ୍ରୋଟିନ ଯୁକ୍ତ ଖାଦ୍ୟ, ମାଂସ, ଡାଲି ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳିଥାଏ।

ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା, ଅର୍ଥାତ୍ କୋଡିଏରୁ ତିରିଶ ବର୍ଷ ବୟସ ପାଇଁ ଡାଏଟ ନିର୍ଦ୍ଧାରଣ ହେଉଛି : ସାଧାରଣତଃ ୨୦ରୁ ୩୦ ବର୍ଷ ବୟସର ଲୋକମାନେ ଅଧିକ ମାତ୍ରାରେ ଜଙ୍କଫୁଡ ଖାଇଥାନ୍ତି। ଏହାଦ୍ୱାରା ପେଟ ପୁରି ଯାଇଥାଏ ସତ, କିନ୍ତୁ ଶରୀରକୁ ଆବଶ୍ୟକ ମାତ୍ରାର ପୋଷକତତ୍ତ୍ୱ ମିଳିପାରେ ନାହିଁ। ତେଣୁ ଏ ବୟସରେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ ଓ ଆଇରନର ଆବଶ୍ୟକତା ଥାଏ। ତେଣୁ ଖାଦ୍ୟରେ ଆଇରନ, କ୍ୟାଲସିୟମ ସାମିଲ କରିବା ଜରୁରୀ। କ୍ୟାଲସିୟମ ସେବନ ଦ୍ୱାରା ହାଡ଼ ମଜଭୁତ ହୋଇଥାଏ ଏବଂ ମସ୍ତିଷ୍କ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ। ଆଇରନ ଶରୀରରେ ମେଟାବୋଲିଜିମ୍‌କୁ ଦୃଢ଼ କରିଥାଏ। ତେଣୁ ୨୦ରୁ ୩୦ ବର୍ଷର ଲୋକେ ଡାଏଟରେ ଦହି, ବାଦାମ, ଓ ପାଳଙ୍ଗ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି।

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା ତିରିଶରୁ ଚାଳିଶ ବର୍ଷ ବୟସର ଡାଏଟ ଯୋଜନା ହେଉଛି : ଏହି ବୟସରେ ବିଶେଷ କରି ମ୍ୟାଗ୍ନେସିୟମ ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ। ଏହି ବୟସରେ ମାଂସପେଶୀ କମିବାକୁ ଲାଗିଥାଏ। ତେଣୁ ଡାଏଟରେ ମ୍ୟାଗ୍ନେସିୟମ ମାତ୍ରା ବୃଦ୍ଧି କରିବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ତେଣୁ ଏ ବୟସରେ ଅଧିକାଂଶ ଲୋକେ ଡାଏଟର ବାଦାମ, କାଜୁ, ଦୁଗ୍ଧ, ଦହି ଏବଂ ପାଳଙ୍ଗ ଆଦି ଖାଇବା ଜରୁରୀ।

ଚାଳିଶରୁ ପଚାଶ ବର୍ଷ ଅର୍ଥାତ୍ ଶରୀରର ଏକ ଘଡ଼ିସନ୍ଧି ବୟସ ପାଇଁ ଡାଏଟ ଯୋଜନା ହେଉଛି : ୪୦ରୁ ୫୦ ବର୍ଷ ବୟସରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଶରୀର ଶୀଘ୍ର ଦୁର୍ବଳ ହୋଇଯାଏ। ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ସ୍ୱାସ୍ଥ୍ୟକର ଡାଏଟ ଏକାନ୍ତ ଆବଶ୍ୟକ ହୋଇଥାଏ। ଡାଏଟରେ କ୍ୟାଲସିୟମ ସେବନ କରିବା ଦ୍ୱାରା ଶରୀର ହାଡ଼ ମଜଭୁତ ହୋଇଥାଏ। ତେଣୁ ଏହି ବୟସରେ ଲୋକେ ନିଜ ଖାଦ୍ୟରେ ସାଗ ଜାତୀୟ ଖାଦ୍ୟ, ମାଛ ଆଦି ସାମିଲ କରିବା ଉଚିତ।

ପଚାଶରୁ ଊର୍ଦ୍ଧ୍ୱ ବୟସର ଡାଏଟ ଯୋଜନା ହେଉଛି : ପଚାଶ ବର୍ଷ ବୟସରେ ଶରୀର ଦୁର୍ବଳ ହୋଇଯାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବା ପାଇଁ ଡାଏଟରେ ଫଳମୂଳ, ସବୁଜ ପନିପରିବା, ଦୁଗ୍ଧ ଜାତୀୟ ଦ୍ରବ୍ୟ ଖାଇବା ଆବଶ୍ୟକ ହୋଇଥାଏ। ସେହିପରି ମସ୍ତିଷ୍କ ସଞ୍ଚାଳନକୁ ଠିକ ରଖିବାକୁ ହେଲେ ବି-୧୨ ଅଧିକ ମାତ୍ରାରେ ସେବନ କରିବାକୁ ପଡ଼ିଥାଏ। ଏଥିସହ ଭିଟାମିନ ଡି ଓ ଏ ସି ଯୁକ୍ତ ଖାଦ୍ୟ ଖାଇପାରିବେ। ଏ ପ୍ରକାର ଡାଏଟ ଶରୀରର ପୋଷଣ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂର୍ଣ୍ଣ କରି ଶରୀରକୁ ସୁସ୍ଥ ରଖିଥାଏ। ତେବେ ଡାଏଟ ପୂର୍ବରୁ କୌଣସି ବରିଷ୍ଠ ଡାଏଟିସିଆନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।

ବର୍ତ୍ତମାନ ମେଦବୃଦ୍ଧି ବା ମୋଟାପା ଏକ ବଡ଼ ଚିନ୍ତାର କାରଣ ପାଲଟିଛି। କେହି ବି ଚାହାଁନ୍ତି ନାହିଁ ନିଜ ଶରୀର ପୃଥଳକାୟ ହୋଇ କେବଳ ଶରୀରର ସୌନ୍ଦର୍ଯ୍ୟକୁ ନଷ୍ଟ ନକରୁ କିମ୍ବା ବିଭିନ୍ନ ରୋଗର କାରଣ ନ ପାଲଟୁ। ତେଣୁ ସନ୍ତୁଳିତ ଖାଦ୍ୟ ଖାଇ ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ଇଚ୍ଛୁକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶରୀରର ଓଜନ ସନ୍ତୁଳନ ରକ୍ଷା କରିବା ପାଇଁ ଥଣ୍ଡା ପାନୀୟ, ଜୁସ୍, ଫାଷ୍ଟଫୁଡ, ଆମିଷ, ବିଭିନ୍ନ ବିସ୍କୁଟ, ନିଶାଦ୍ରବ୍ୟ ବଡ଼ କାରଣ ପାଲଟିଥାଏ। ଓଜନ ହ୍ରାସ ପାଇଁ ଡାଏଟ ସହିତ ବ୍ୟାୟାମ ଅତି ଜରୁରୀ। ଏହା ସହିତ ଯୋଗାସନ, ପ୍ରାତଃ ଭ୍ରମଣ ଖୁବ ଭଲ ଅଭ୍ୟାସ। ଦିନକୁ ସର୍ବନିମ୍ନ ପାଞ୍ଚ ଲିଟର ବିଶୋଧିତ ପାଣି ପିଅନ୍ତୁ। ଅଳ୍ପ ବ୍ୟବଧାନରେ ହାଲକା ଖାଦ୍ୟ ଖାଇବା ଭଲ ଅଭ୍ୟାସ। ଶୋଇବା ପୂର୍ବରୁ ଖାଇବାରୁ ଦୂରେଇ ରୁହନ୍ତୁ ଓ କମ ଚିନ୍ତା କରନ୍ତୁ। ଫିଟ ରହିବା ଏକ ରାତାରାତି ସମ୍ଭାବନାର ସୂତ୍ର ନୁହଁ କିମ୍ବା କୌଣସି ବଜାରରେ ବିକ୍ରି ହେଉଥିବା ବଟିକା ବା ଔଷଧ ଖାଇ ପତଳା ହେବା ଆଦୌ ଠିକ ନୁହେଁ। ତେଣୁ ସନ୍ତୁଳିତ ଆହାର ହିଁ ସନ୍ତୁଳିତ ଜୀବନ ଏହାକୁ ଆଦୌ ଭୁଲନ୍ତୁ ନାହିଁ। ଯେଉଁ ଖାଦ୍ୟ ପଦାର୍ଥ ପାଇଁ ଆମ ଦୈନନ୍ଦିନ ଜୀବନ ସୁସ୍ଥତାରେ ପରିପୂର୍ଣ୍ଣ ହୁଏ ଓ ଆମ ଶରୀରକୁ ସୁସ୍ଥ ରଖିଥାଏ ଏହାକୁ ସୁଷମ ଖାଦ୍ୟ କୁହାଯାଏ। ଏହା ହିଁ ଆମ ଶରୀରିକ ଓ ମାନସିକ କ୍ଷେତ୍ରକୁ ସୁସ୍ଥତାରେ ପୂର୍ଣ୍ଣ କରିଥାଏ। ତେଣୁ ବୟସ ଅନୁଯାୟୀ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ।



**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

# ଅଭିଷେକ ସମୟରେ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା



ହଁ ଅଭିଷେକ ସମୟରେ ଯଦି ରାଜ ପୁରୁଷଙ୍କ ବାଟ ନଥାଏ ତେବେ ସେ ରାଜାଙ୍କ ରାଜ କରିବା ଭବିଷ୍ୟ ମଙ୍ଗଳମୟ ହୁଏନାହିଁ। ଏହା ଶକୁନ ଜ୍ୟୋତିଷ ଶାସ୍ତ୍ରର ପ୍ରମାଣ। ରାଜ ଉପଚାରରେ ତାହା ବିଘ୍ନ। ପାରିଶେଷଣରେ ଅନେକ ବିଶେଷ୍ୟ ତତ୍କାଳ ଯୋଡ଼ି ହୋଇ ଅନେକ ସତେବେଳେ ଥାଟରେ ରହିବା ଶାସ୍ତ୍ର ବିଦିତ। ପାଟ-ଆୟୁଧ, ଶ୍ରୀରାମଙ୍କ ଶରାସନ ଧାରଣ ପରି, ରାଜା କାନୁନ ସିଂହସ୍ଥାନରୁ ଦେଶର ଦୂରାନ୍ତ ସର୍ବ କୋଣରୁ ସର୍ବ ଅନୁକୋଣ ଯାଏ ରାଜାକାନୁନ ପ୍ରତାପରହିବ ଏହା ଶରାସନ ଦର୍ଶାଉଛି। ପାଟଖଣ୍ଡା ଅନେକ ରାଜାଙ୍କ ଅଭିଷେକ ବେଳରେ ମନ୍ତ୍ରପୂତ କରି ହସ୍ତରେ ଧରେଇ ଦିଆଯାଏ। ଖଣ୍ଡା ଖଣ୍ଡ ଖଣ୍ଡ କରେ ଯାହାର ଅର୍ଥ ଛେଦକର ଭେଦ କର ଶାସନ କର। ଡିଭାଇଡ ଆଣ୍ଡ ରୁଲ। ମିଜାଇଲ ଯୁଗରେ ବି ସ୍ୱାଧୀନତା ଦିବସରେ ଗଣତନ୍ତ୍ର ପ୍ରଶାସନରେ ଆମ ଦେଶରେ ରାଜ ସେନା ପୋଲିସ ହାତରେ ପରେଡ଼ ଭୂମିରେ ଏପରି ଖଣ୍ଡା ହସ୍ତା ଅଧିକର୍ତ୍ତା ପତାକା ଉତ୍ତୋଳନକୁ ପ୍ରଧାନ ମନ୍ତ୍ରୀଙ୍କୁ ଆହ୍ୱାନ କରୁଛନ୍ତି। ଖଣ୍ଡା ଅଦରକାରୀ ହଟାଏ, ଦରକାରୀଙ୍କୁ ଅଭୟ ଦିଏ। ପାଟରାଣୀ ଅଭିଷେକରେ ଅବଶ୍ୟ ବାମାଙ୍ଗୀ। ଗଣତନ୍ତ୍ରରେ ସହଯୋଗୀ ସହକର୍ମୀ ଶାସନ ସହାୟକ ମାନେ ପାଟ, ଶପଥ ପାଠ ଉତ୍ସବ ଉପସ୍ଥିତ ରହିବା ଦେଖା ଯାଉଛି। ଶପଥ ପାଠ ଉତ୍ସବ ହିଁ ଅଭିଷେକ ପର୍ବ ଗଣତନ୍ତ୍ର ପାଇଁ ଧରାଯାଉଛି। ପୂର୍ବରୁ ପାଟ ହାତୀ ପାଟ ଅଶ୍ୱ ଅଭିଷେକ ଦିନ ସଜ୍ଜିତଦ ହୋଇ ସୁଦୃଶ୍ୟ ରହୁଥିଲେ। ଏବେ ସୁନ୍ଦର ମହଙ୍ଗା ମୂଲ୍ୟବାନ ଯାନ ଅଭିଷେକ ହଲରୁ ରାଜବାସ ଗୃହ ବା ଦପ୍ତରକୁ ବହନକୁ ଅପେକ୍ଷା ରତ। ଜୟ ଜୟକାର ଧ୍ୱନୀ, ନାରୀଙ୍କୁ ସୁନ୍ଦର ସେଚାରି ଅକ୍ଷର ରାଜା ବିଜେକାଳେ ଶୁଭଇ ହୁଳହୁଳି ପାଟମୁକୁଟ ରତ୍ନ ଖଚିତ ଶୁଦ୍ଧ ସ୍ୱର୍ଣ୍ଣବଂଶାନୁକ୍ରମ ବ୍ୟବହାର୍ଯ୍ୟ ବା ନୂତନ ପାଟଯୋଷୀରାଜ ପୁରୋହିତ ଗଣଙ୍କ ଅଭିଷେକ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ସ୍ଥିର ଲଗ୍ନରେ ନବ୍ୟ ଅଭିଷିକ୍ତ ରାଜମସ୍ତକ ମଣ୍ଡିତ କରାଯାଏ। ରାଜା ତିଳକ ପିନ୍ଧାଇ ଦିଆଯାଏ। ଜ୍ୟୋତିଷରେ ଏକ ମହାନ ପରମ୍ପରାର ଶାସ୍ତ୍ର ଯାମଳ ଗ୍ରନ୍ଥ, ଏଥିରୁ ଉଦ୍ଧାର ପ୍ରାମାଣିକ ଶାଖା ନରପତି ଜୟ ଚର୍ଯ୍ୟାରେ ଅଛି ଅନେକ ଚକ୍ର ଏ ମଧ୍ୟରେ ଅଛି ସିଂହାସନଚକ୍ର ଓ ରାଜ ପ୍ରବେଶ ତୋରଣ ଚକ୍ର, ଯହିଁରେ ୨୭ ନକ୍ଷତ୍ରକୁ ନେଇ ତିନି ରାଜଶକ୍ତି ଅଶ୍ୱପତି, ଗଜପତି, ନରପତି, ପରି ପ୍ରାଚୀନ ତିନି ପ୍ରତାପୀ ରାଜ ଘରାନାଙ୍କର ଅଭିଷେକ କାଳୀନ ଗ୍ରହସ୍ଥିତି ପାଇଁ ଚକ୍ର ଅଛି। ସିଂହାସନ ଚକ୍ରରେ ପାଞ୍ଚ ସୋପାନ ଏ ମଧ୍ୟରେ ପଟ୍ଟ ବୋଲି ଏକ ପର୍ଯ୍ୟାୟ ଅଛି। ଏଥିରେ ସ୍ଥିତ ୬ନକ୍ଷତ୍ରରେ ଯଦି ପାପ ରହିଯାଏ ତେବେ ଅଭିଷିକ୍ତ ରାଜାଙ୍କ ପ୍ରିୟ ବିଶ୍ୱସ୍ତ ପାଟଣ ବା ପଟ୍ଟର ମହା ନାୟକଙ୍କ ବିଚ୍ଛେଦ ହୁଏ। ବିଶେଷକରି ଶନିଙ୍କ ସ୍ଥିତିକୁ ଅତି ପ୍ରାଧାନ୍ୟ ଦିଆଯାଏ। ପାପଗ୍ରହମାନେ ଅଗ୍ନୀ ସ୍ୱରୂପ ଯେଉଁ ନକ୍ଷତ୍ରରେ ଥାନ୍ତି ତାକୁ ଜାଳୁଥାନ୍ତି। ଯାହାକୁ ଛାଡ଼ି ଆସିଥାନ୍ତି ତାକୁ ପାଉଁଶ କରିଥାନ୍ତି। ଯେଉଁଠିକି ଯିବେ, ତାକୁ ଧୂମମୟ କରୁଥାନ୍ତି। ଏପରି ୩ନକ୍ଷତ୍ର ସମ୍ପର୍କ। ଶନି ହାରାହାରି ଏକ ବର୍ଷରୁ କିଛି ମାସ ଏକ ନକ୍ଷତ୍ରରେ ରହନ୍ତି ଏହି ସମୟ ମଧ୍ୟରେ ଅଭିଷେକ କାହାରି ହେଲେ ଜ୍ୟୋତିଷମାନେ ଚକ୍ର ୫ଅଙ୍ଗରେ ଆସୁଥିବା ଶନିଙ୍କ ସ୍ଥିତି ଦେଖି ହାୟ ହାୟ ହୁଅନ୍ତି। ଏ ରାଜ ଉପଚାର କଥା ଦେବ ଉପଚାର ଆହୁରି ଅନେକ ସୂକ୍ଷ୍ମ ବିଚାର, ତେବେ ରାଜ ଉପଚାର ସମ୍ବନ୍ଧମୁକ୍ତ ନୁହେଁ। ଆମ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାଥ ଲାଗିଛିଯେ ଜଗତର ନାଥ, ବ୍ରହ୍ମାଣ୍ଡ ହିଁ ଜଗତ, ତାର ସେ ନାଥ, ସମ୍ରାଟ, ହେଲେ ତାଙ୍କ ସେବକ ପଣରେ ମାନବ ଗଣ ସଂଶ୍ଲିଷ୍ଟ। ତାଙ୍କର ସେବାସମୂହ ଅନୁଧାନ କଲେ କେହି ହେଲେ ବି ଆଶ୍ଚର୍ଯ୍ୟ ହେବେ। ତାଙ୍କର ରାଉତ ହେଉଛନ୍ତି ଖୋଦ ଗଜପତି ମହାରାଜା ସେ ଏକ ନମ୍ବର ସେବକ। ଗଣତନ୍ତ୍ରେ ରାଜୁତିରେ ଭାରତର ରାଷ୍ଟ୍ରପତି, ତାଙ୍କ ଜଗତି ଛାଡ଼ି ଏହାଙ୍କ ଦିବ୍ୟ ଜଗତି ରତ୍ନ ସିଂହାସନ ତଳେ ଯୋଡ଼ହସ୍ତରେ ନମନ ହୋଇ ମଣିମା ମଣିମା ହେବା ଦେଖାଯାଉଛି। ହିନ୍ଦୁ ସନାତନୀ ରାଜାରେ ନେପାଳର ରାଜଦମ୍ପତି ବିଗତ କାଳରେ କେତେ ଥର ଆସି ପୂଜା ପାଠ କରିବା ସହ ନମନ ହୋଇଛନ୍ତି। ଅନ୍ୟ ଧର୍ମ ସମ୍ପୃକ୍ତିମାନେ ଦେଉଳର ରୀତିନୀତି କାଇଦା କାନୁନ ନୀତି କାନ୍ତି ପାଇଁ ଦେଉଳ ପ୍ରବେଶ ମନା ଥିଲେ ବି ରଥଯାତ୍ରାରେ ସବୁଧର୍ମର ଭକ୍ତ ଜନତା ହୃଦୟ ଭରି ଦେଖି ପାରନ୍ତି ଶ୍ରୀଅଙ୍ଗ ଅଧିଷ୍ଠିତ ରଥାରୂଢ଼ ମହାପ୍ରଭୁଙ୍କ ରଥର ଦଉଡି ଛୁଇଁ ଟାଣି ପାରନ୍ତି। ଯାହା ଅନ୍ୟବେଳେ ଦୁର୍ଲ୍ଲଭ। ଏହା ସର୍ବ ଦର୍ଶନର ମହା ଅନୁଷ୍ଠାନ। ଏ ଯାତ୍ରାବି ଏକ ରଥ ଜଗତିର ଅଭିଷେକକୁ ପାରମ୍ପରିକ ବିଶେଷ ଯାତ୍ରା ଅନୁଷ୍ଠାନ। ଏହା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ କର୍କଟ ଚନ୍ଦ୍ର ସହ ପୁଷ୍ୟା ନକ୍ଷତ୍ର ସମ୍ବନ୍ଧ ରହିବା ଆବଶ୍ୟକ। ତିନି ଦେବତାଙ୍କ ଭିନ୍ନ ଭିନ୍ନ ନକ୍ଷତ୍ର ବଳରାମଙ୍କ ୨୨ ଶ୍ରବଣା, ଜଗନ୍ନାଥଙ୍କ ୪ରୋହିଣୀ ମା ସୁଭଦ୍ରାଙ୍କ ୧୮ ଜ୍ୟେଷ୍ଠା ନକ୍ଷତ୍ର। ରାଶି ସମ୍ବନ୍ଧରେ ମକର, ବୃଷ, ବିଛା ଏହି ତିନିରାଶିର ଚନ୍ଦ୍ର ଶୁଦ୍ଧ କର୍କଟରେ ଏହି ମାସ ଶୁକ୍ଳପକ୍ଷରେ ହିଁ ହେଉଛି। ଏ ସମୟ ଏପରି ବଛା ଯାଇଥିଲା ଯାହା ପାଗ ନାତେଜ ଗରମ ନା ତିବ୍ରବର୍ଷା, ନା ହାଡ଼ ଭଙ୍ଗା ଶୀତ ଅନୁଭୂତ। କୃଷି ଭିତ୍ତିକ ବୃତ୍ତି ଜୀବିକା ରାଜ୍ୟରେ ପୂର୍ଣ୍ଣ ଯୋଷରେ ଚାଷ କାମ ଚାଲୁନଥାଏ। ପୂର୍ବେ ନଦୀମାନଙ୍କରେ ପୋଲି ସେତୁ ନଥିଲା ନଦୀପାର ଡଙ୍ଗାରେ ହେବାକୁ ପଡୁଥିଲା ହେଲେ ପ୍ରବଳ ବର୍ଷା ଦିନରେ ଡଙ୍ଗାର ଆବଶ୍ୟକ ଦରକାର ବେଳେ ଖରାଦିନରେ ସବୁନଦୀ ଶୁଖିଲା ବା କ୍ଷୀଣ ଜଳଧାର ଯହିଁରେ ପଶି ପାର ହୋଇ ହେଉଥିଲା। ସେତେବେଳେ ବର୍ତ୍ତମାନ ପରି ହୋଟେଲର ଭୋଜନକୁ କେହି ପସନ୍ଦ କରୁନଥିଲେ। ଘରୁ ଚୁଡ଼ା, ଚାଉଳ, ଛତୁଆଚୁନା, ଗୁଡ଼, ମୁଢ଼ି, ଉଖୁଡ଼ା, ଏମିତି ନେଇ ଲୋକେ ବାଟ ଚାଲି ରହି ରହି ବାଟରେ ହାତରେ ରୋଷେଇ କରି ଆନନ୍ଦ ଶୁଦ୍ଧ ଭୋଜନ କରି ସାଥି ମେଳରେ ବାଟ ଚାଲି ଚାଲି କାହିଁ କେତେ ଦୂରରୁ ଭକ୍ତି ଶ୍ରଦ୍ଧାରେ ମହିମାମୟଙ୍କ ରଥଯାତ୍ରାକୁ ଆସୁଥିଲେ। ଆଜିକାଲି ଗମନାଗମନର ବହୁ ସୁବିଧା ହେଲାଣି ହେଲେ ଲୋକେ ପୂର୍ବପରି ନିଷ୍ଠା ଭକ୍ତି କାଷ୍ଠାରେ ରହିବା ନ ହୋଇ ଗମାତ ମୌଜ କାରବାକୁ ଆସି ହୋଟେଲରେ ରାତ୍ରି ବାସ କରୁଛନ୍ତି। ଏହା ହିଁ ପୁରୀରେ ଯାନବାହନ ନିୟନ୍ତ୍ରଣକୁ ଅନେକ ଲୋକଙ୍କ ପାଇଁ ଜଳ, ବିଦ୍ୟୁତ, ବାସ, ଭୋଜନ, ରାସ୍ତାଘାଟ, ଶୌଚ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସମସ୍ୟା, ଦେଖାଦେଉଛି। ଏହା ବର୍ଦ୍ଧିତ ହାରରେ ଚାଲିଛି। ଏହା ପ୍ରଶାସନରେ ଦେଶ ରାଜ୍ୟ ଜିଲ୍ଲା ଆଉ ସହରୀ ପ୍ରଶାସନର ଏକାବେଳେ ମୁଣ୍ଡ ବ୍ୟଥା କରାଉଛି। ଏକରୁ ଅନେକ ଅଧିକାରୀଙ୍କ ପ୍ରଶାସନରେ ଏ ସମୟରେ ବ୍ୟକ୍ତିଗଣ, ସ୍ଥାନ, ଏପରିକି ଲୋକଙ୍କ ବ୍ୟବହାର୍ଯ୍ୟ ନିତ୍ୟ ଦ୍ରବ୍ୟ ଉପରେ ଲାଗିରହିଛି। ବହୁ ଶାସନ ରଜୁର ବନ୍ଧନରେ ପ୍ରଜାମାନେ ପଡ଼ିବା ବୋଧ ହେଲାଣି। ପ୍ରତି ଘରକୁ ଇଲେକ୍ଟ୍ରିକ ସଂଯୋଗ, ରନ୍ଧନ ଗ୍ୟାସ ଟାଙ୍କି ବା ଗ୍ୟାସ ପାଇପ ସଂଯୋଗ, ପାଣି ପାଇପ ସଂଯୋଗ, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଜାଇକା ପରି ସଂସ୍ଥାର ନଳ ସଂଯୋଗ, ମୋବାଇଲ ଫୋନ ପାଇଁ ଟିଭି ପାଇଁ ଫୋନରେ କମ୍ପାନୀ ମାନଙ୍କ ମାସିକ ବା ଧାର୍ଯ୍ୟ ସମୟ ପାଇଁ ଟିକସ, ହୋଲଡିଂ ଟିକସ, ସ୍ଥାନଖଜଣା ଦ୍ରବ୍ୟ କ୍ରୟରେ ଜିଏସଟି ଆୟକର ଏସବୁ ରଜୁ। ଦେଶ ବିନା ଅର୍ଥରେ କେବେ ପ୍ରଗତି କରିବା ସମ୍ଭବ ନୁହେଁ। ଅନେକ ପ୍ରକାର କର ଆଦାୟ ଦଉଡି ରଜୁ ପରି ଲମ୍ବିଛି ନାଗରିକମାନେ ଦ୍ରବ୍ୟ ମୋହରେ ବା ଆବଶ୍ୟକ ପାଇଁ ଦେଶ ପ୍ରଗତିର କରସଂଗ୍ରହରେ କର ଲଗାଇବା ଜଣାପଡୁଛି। ଏହି କରରେ ସରକାର ରଥ ଚାଲୁଛି। ଅନେକ କମ୍ପାନୀଙ୍କ ରଥ ଚାଲୁଛି। ପୂର୍ବେ ଲୋକେ ଶ୍ରୀକ୍ଷେତ୍ରକୁ ପାଦରେ ଚାଲି ଚାଲି ଆସୁଥିଲେ ରାସ୍ତାଘାଟର ସୁବିଧା ନଥିଲା। କାଳକ୍ରମେ ରାସ୍ତାର ସୁଧାର, ଯାନବାହାନ ସୁବିଧା ଯୋଗୁଁ ବହୁ ଲୋକଙ୍କୁ ରଥ ଟଣା ଦିଅଁ ଦର୍ଶନକୁ ଆକୃଷ୍ଟ କଲାପରି, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ଧନଜୀବନ ରକ୍ଷା ଗମନା ଗମନ, ଯୋଗାଯୋଗ, କୃଷି, ବାଣିଜ୍ୟ ପରି ଅନେକ ସୁବିଧା ଯୋଗାଇ ଦିଆଯିବାରୁ କର ରଜୁ ଲୋକଙ୍କୁ ଟାଣି ଦେଶ ଦଶଙ୍କ ଉଦ୍ଦେଶ୍ୟରେ କର ରଜୁ ଲୋକେ ଧରି ଦେଶର ଅର୍ଥନୀତି ବିକାଶ ପାଇଁ ନିଜ ଆଡ଼କୁ ଭିଡ଼ିବା ବୋଧ ହେଉଛି। ମହାପ୍ରଭୁଙ୍କର ରଥ ଯାତ୍ରା ସରକାର ଓ ଜନତାଙ୍କୁ ସହଯୋଗରେ ବଡ଼ ବଡ଼ କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସଙ୍କେତ ଦେଉଛନ୍ତି। ଦେଶ ପ୍ରଜା ଗଣଙ୍କୁ ଭବିଷ୍ୟତ ପାଇଁ ମୁତୟନ ସର୍ବ ବିଭାଗୀୟ ଅଧିକାରୀ ଉତ୍ତମ ସମୟରେ ପାଦରେ ଅଭିଷିକ୍ତ ହେଲେ ବିଶ୍ୱାସ ଭକ୍ତିର ପାତ୍ର ରହିପାରନ୍ତି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

# ହର୍ମୁଜ୍‌କୁ ପୁଣି ଅବରୋଧ କଲା ଇରାନ୍



● ୩ ତେଲ ଟ୍ୟାଙ୍କରକୁ ଟାର୍ଗେଟ୍

● ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ହେବା ଆଶଙ୍କା

● ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବ ଆମେରିକା!

ତେହରାନ,୨୯।୭: ପଶ୍ଚିମ ଏସିଆରେ ଯୁଦ୍ଧ ଓ ଶାନ୍ତି ମଧ୍ୟରେ ଚାଲିଥିବା ଟଣାଓଟରା ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି। ବୁଧବାର ସକାଳେ ଇରାନ ହର୍ମୁଜ୍ ପ୍ରଣାଳୀରେ ଏକ ବଡ଼ ସାମରିକ ଅଭିଯାନ ଆରମ୍ଭ କରି ତିନୋଟି ଅନ୍ତର୍ଜାତୀୟ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରି ଜବତ କରିଛି। ଇରାନର ଏପରି ନାକାବନ୍ଦୀ ତଥା ଆକ୍ରମଣାତ୍ମକ କାର୍ଯ୍ୟ ବିଶ୍ୱ ତୈଳ ବଜାର ଓ ଅନ୍ତର୍ଜାତୀୟ କୂଟନୀତିରେ ଆଲୋଡ଼ନ ସୃଷ୍ଟି କରିଛି। ଇରାନର ସରକାରୀ ଗଣମାଧ୍ୟମ ଓ ରିଭୋଲ୍ୟୁସନାରି ଗାର୍ଡ (ଆଇଆରଜିସି)ର ବିବୃତି ଅନୁସାରେ, ଏହି କାର୍ଯ୍ୟାନୁଷ୍ଠାନ ବୁଧବାର ସକାଳେ ହୋଇଛି। ଇରାନ ସେନା ଦାବି କରିଛି ଯେ, ତିନୋଟି ତେଲ ଟ୍ୟାଙ୍କରକୁ ବାରମ୍ବାର ଚେତାବନୀ ଦିଆଯାଇଥିଲା। କିନ୍ତୁ ସେମାନେ ସାମୁଦ୍ରିକ ପ୍ରୋଟୋକଲ୍ ଓ ଇରାନ ଚେତାବନୀକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ।

ଇରାନ ସଶସ୍ତ୍ର ବାହିନୀ ସେମାନଙ୍କୁ ଟାର୍ଗେଟ କରି ସମୁଦ୍ର ମଧ୍ୟଭାଗରେ ଅଟକାଇ ଦେଇଥିଲେ। ଏହି ଟ୍ୟାଙ୍କରଗୁଡ଼ିକ କେଉଁ ଦେଶର ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଏହି ଘଟଣା ଲୋହିତ ସାଗର ଓ ହର୍ମୁଜ୍ ପ୍ରଣାଳୀରେ ଜାରି ରହିଥିବା ଉତ୍ତେଜନାକୁ ଆହୁରି ସଙ୍କଟଜନକ କରିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ, ଇରାନର ଜବତ ହୋଇଥିବା ସମ୍ପତ୍ତିରୁ ଯୁଦ୍ଧରେ କ୍ଷତିଗ୍ରସ୍ତ ଜାହାଜକୁ କ୍ଷତିପୂରଣ ଦିଆଯିବ।ଏହି ନିଷ୍ପତ୍ତିର ପ୍ରତିଶୋଧ ଭାବରେ ଇରାନ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି। ତେହରାନ ଟ୍ରମ୍ପଙ୍କ ଘୋଷଣାକୁ ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି ବର୍ଣ୍ଣନା କରିଛି।

ଇରାନର ସର୍ବୋଚ୍ଚ ସାମରିକ କମାଣ୍ଡ ମୁଖ୍ୟାଳୟ ଖାତମ ଅଲ-ଆନବିୟାର ମୁଖପାତ୍ର ଇବ୍ରାହିମ ଜୁଲଫିକାରି ଏକ କଠୋର ଚେତାବନୀ ଜାରି କରି ଟ୍ରମ୍ପଙ୍କ ପ୍ରସ୍ତାବକୁ ବେଆଇନ ବୋଲି କହିଛନ୍ତି। ଜୁଲଫିକାରି କହିଛନ୍ତି ଯେ, ଯଦି କୌଣସି ଦେଶ କିମ୍ବା କମ୍ପାନି ଇରାନର ଜବତ ସମ୍ପତ୍ତିକୁ ଛୁଇଁବ, ତେବେ ସେହି ଦେଶର ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଦିଆଯିବ ନାହିଁ। ବୁଧବାରର ଆକ୍ରମଣ ଏହି ପଦକ୍ଷେପର ଏକ ଅଂଶ ବୋଲି ଅନୁମାନ କରାଯାଉଛି। ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ, ଯାହା ବିଶ୍ୱର ତୈଳ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବହନ କରେ। ଇରାନ ଏବେ ଖୋଲାଖୋଲି ଚେତାବନୀ ଦେଇଛି ଯେ, ଟ୍ରମ୍ପଙ୍କ କଠୋର ଆଭିମୁଖ୍ୟର ଜବାବ ସାମରିକ ଶକ୍ତି ଦ୍ୱାରା ଦିଆଯିବ।

ବିଶେଷଜ୍ଞମାନଙ୍କ ଅନୁସାରେ, ଯଦି ଇରାନ ଏହିପରି ଭାବେ ଟ୍ୟାଙ୍କରଗୁଡ଼ିକୁ ଟାର୍ଗେଟ୍ କରିଚାଲେ ତା'ହେଲେ ବିଶ୍ୱସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ ଏବଂ ଆମେରିକା ତଥା ଇରାନ ମଧ୍ୟରେ ସିଧାସଳଖ ଯୁଦ୍ଧ ହୋଇପାରେ। ବର୍ତ୍ତମାନ ଆମେରିକାର କେନ୍ଦ୍ରୀୟ କମାଣ୍ଡ ପରିସ୍ଥିତି ଉପରେ ନଜର ରଖିଛି ଏବଂ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି।

## ରୁଷ-ୟୁକ୍ରେନ୍ ଘମାଘୋଟ ଲଢ଼େଇ

● ଫସି ରହିଛନ୍ତି ୧୩ ଭାରତୀୟ କ୍ରୁ ସଦସ୍ୟ

କିଭ୍,୨୯।୭: ୟୁକ୍ରେନର ବିପଦପୂର୍ଣ୍ଣ ଯୁଦ୍ଧ କ୍ଷେତ୍ରରେ ଫସି ରହିଥିବା ଭାରତୀୟ ନାବିକଙ୍କ ଜୀବନ ସଙ୍କଟରେ ରହିଛି। ପ୍ରତି ମୁହୂର୍ତ୍ତରେ ସେମାନଙ୍କୁ ମୃତ୍ୟୁର ଭୟ ଘାରୁଛି। ୟୁକ୍ରେନର ଚୋର୍ନୋମୋର୍ସ୍କ ବନ୍ଦରରେ ଲାଗି ରହିଥିବା ଏକ ମାଲବାହୀ ଜାହାଜରେ ୧୩ ଜଣ ଭାରତୀୟଙ୍କ ସମେତ ମୋଟ ୧୫ ଜଣ କ୍ରୁ ସଦସ୍ୟ ଫସି ରହିଛନ୍ତି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ଘମାଘୋଟ ଲଢ଼େଇ ଯୋଗୁଁ ଆକାଶରେ ଲଗାତାର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। କ୍ରୁ ସଦସ୍ୟମାନେ ମୃତ୍ୟୁର ଛାୟା ତଳେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଫରୱାର୍ଡ ସିମ୍ୟାନ୍ ୟୁନିଅନ୍ ଅଫ୍ ଇଣ୍ଡିଆ ନାବିକଙ୍କ ଅସହାୟତା ଏବଂ ଦୁର୍ଦ୍ଦଶା ବର୍ଣ୍ଣନା କରିଛି ଏବଂ ସେମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରିବାକୁ ଭାରତ ସରକାରଙ୍କୁ ନିବେଦନ କରିଛି। ୟୁକ୍ରେନର ଚୋର୍ନୋମୋର୍ସ୍କ ବନ୍ଦରରେ ଲାଗିଥିବା ମାଲବାହୀ ଜାହାଜ 'ଏମଭି ଆମିର-୧' ଏକ ଗତିଶୀଳ ମୃତ୍ୟୁ ଫାଶରେ ପରିଣତ ହୋଇଛି। ଫରୱାର୍ଡ ସିମେନ୍ସ ୟୁନିଅନ୍ ଅଫ୍ ଇଣ୍ଡିଆ (ଏଫଏସୟୁଆଇ) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଏକ ହୃଦୟବିଦାରକ ପୋଷ୍ଟ ସେୟାର କରିଛି। ସଂଘ ଏହି ସମସ୍ତ ନିରୀହ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ଅନୁରୋଧ କରୁଛି। ସଂଘ କହିଛି ଆମର ଭାରତୀୟ ନାବିକମାନଙ୍କୁ ଯୁଦ୍ଧକ୍ଷେତ୍ରରେ ଏକା ଛାଡି ଦିଆଯାଇପାରିବ ନାହିଁ।

## କୋଲକାତାରେ ଝଲସୁଛି ତସଲିମାଙ୍କ ହୋର୍ଡିଂ

କୋଲକାତା,୨୯।୭: ପ୍ରଖ୍ୟାତ ଲେଖିକା ତସଲିମା ନସରିନ୍ ୨୦ ବର୍ଷ ପରେ ବଙ୍ଗଳାରେ ପାଦ ଦେଉଛନ୍ତି। ଅଗଷ୍ଟ ୧ ତାରିଖରେ କୋଲିକା ରବୀନ୍ଦ୍ର ସଦନରେ ମୌଳବାଦ ବିରୋଧୀ କବି ଓ ଲେଖକମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ। ତାଙ୍କ ଗସ୍ତ ପୂର୍ବରୁ ସହର ସାରା ହୋର୍ଡିଂ ଲାଗିଛି। ସୋମବାର ରାତିରେ ତସଲିମା ସୋସିଆଲ ମିଡିଆରେ କିଛି ଫଟୋ ସେୟାର କରିଛନ୍ତି ଯେଉଁଥିରେ ଗଡ଼ିଆହାଟ ଓ ସେଣ୍ଟ୍ରାଲ ଆଭେନ୍ୟୁରେ ପ୍ରଦର୍ଶିତ ତାଙ୍କର ବିଶାଳ ହୋର୍ଡିଂ ଦେଖାଯାଉଛି। ଏହା ଦେଖି ସେ ଭାବପ୍ରବଣ ହୋଇଯାଇ ଲେଖିଛନ୍ତି ଯେ, ରାତିର କୋଲକାତା, ବାରବର୍ଷ ପୂର୍ବେ ମୁଁ ମେଗା-ସିରିଆଲ 'ଦସହୋବାସ' ପାଇଁ କାହାଣୀ ଲେଖିଥିଲି। ସେହି ସୋ'ର ପ୍ରଚାର କରୁଥିବା ସମସ୍ତ ହୋର୍ଡିଂ ହଟାଇ ଦିଆଯାଇଥିଲା ଓ ଆକାଶ ୮ ରେ ଏହାର ପ୍ରସାରଣ ବନ୍ଦ କରିଦିଆଯାଇଥିଲା। ଆଜି କିନ୍ତୁ ଏହି ନୂତନ ହୋର୍ଡିଂଗୁଡ଼ିକ ହଟାଯାଇନାହିଁ। ତେଣୁ ଏଥିରୁ ଜଣାପଡୁଛି ଯେ, ବାକ୍ ସ୍ୱାଧୀନତାର ବିଜୟ ହୋଇଛି।

## ଚୀନ୍‌ରେ କାୟା ମେଲାଉଛି କରୋନା



ବେଜିଂ,୨୯।୭: ଚୀନ୍‌ରେ ପୁଣି କରୋନା କାୟା ବଢ଼ାଉଛି। ଅବଶ୍ୟ ଏଥର ପରିସ୍ଥିତି ୨୦୨୦ରେ ୟୁହାନ ଭଳି ନାହିଁ। ଚୀନ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ସଂକ୍ରମଣ ଦ୍ରୁତ ବ୍ୟାପୁଛି ସତ; ହେଲେ ଅଧିକାଂଶଙ୍କ ନିକଟରେ ସାମାନ୍ୟ ଲକ୍ଷଣ ଦେଖାଯାଉଛି। ଗୁରୁତର ମାମଲା ସଂଖ୍ୟା ପ୍ରାୟ କମ୍। ଗତ ଜୁନ ମାସରେ ଚୀନ୍‌ରେ ପାଖାପାଖି ୭୯ ହଜାର ଲୋକେ ସଂକ୍ରମିତ ମିଳିଥିଲେ। ଏଥିରୁ ମାତ୍ର ୧୩୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିଲା ଓ ଜଣଙ୍କର ମୃତ୍ୟୁ ଘଟିଥିଲା। ଚୀନ୍ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ (ଚୀନ୍ ସିଡିସି) ଅନୁସାରେ ଏବେ ଦେଶରେ ଓମିକ୍ରନ ଏନ୍‌ବି-୧.୮.୧ ଭାରିଆଣ୍ଟ ସବୁଠୁ ଅଧିକ ବ୍ୟାପୁଛି। ଏହା ଏବେ ମଧ୍ୟମସ୍ତରରେ ରହିଛି। ୧୩ରୁ ୧୯ ଜୁଲାଇ ମଧ୍ୟରେ କୋଭିଡ୍ ପଜିଟିଭ୍ ହାର ୧୬.୩ ପ୍ରତିଶତ ହୋଇଛି। ପୂର୍ବ ସପ୍ତାହରେ ଏହି ହାର ପାଖାପାଖି ୧୨ ପ୍ରତିଶତ ଥିଲା। ଚୀନ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ଅଧିକାଂଶ ରୋଗୀଙ୍କଠାରେ ଜ୍ୱର, ଗଳା ଯନ୍ତ୍ରଣା ଓ କାଶ ଭଳି ଲକ୍ଷଣ ପରି ସାଧାରଣ ଲକ୍ଷଣ ରହିଛି। ଲୋକେ ୫ରୁ ୭ ଦିନରେ ସୁସ୍ଥ ହୋଇଯାଉଛନ୍ତି।

## ରାହୁଲଙ୍କ ପରିବାରକୁ ନିପାତ ଧମକ

● ବିଜେପି ବିଧାୟକଙ୍କ ନାମରେ ଏତଲା



ବେଙ୍ଗାଲୁରୁ,୨୯। ୦୭ : କର୍ଣ୍ଣାଟକର ବିଜେପି ବିଧାୟକ ଯଶପାଲ ସୁବର୍ଣ୍ଣାଙ୍କ ଏକ ବିବାଦୀୟ ବୟାନକୁ ନେଇ ରାଜନୀତି ଜୋର୍ ଧରିଛି। ଏକ କାର୍ଯ୍ୟକ୍ରମରେ ଯଶପାଲ କର୍ମୀଙ୍କୁ ସମ୍ବୋଧନ କରି କଂଗ୍ରେସ ନେତୃତ୍ୱକୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ ଯେ, କଂଗ୍ରେସ ନାଟକ କରୁଛି। ୧୯୯୨ରେ ବିଜେପି ଦଳର କାର୍ଯ୍ୟକର୍ତ୍ତା ବାବ୍ରୀ ମସଜିଦ ଭାଙ୍ଗିଥିଲେ। ଭାବନା ଆହତ ହେଲା ପରେ ସେମାନେ ଏପରି ପଦକ୍ଷେପ ନେଇଥିଲେ। ସେହିପରି କଂଗ୍ରେସର ସ୍ୱର ଓ ରାହୁଲ ଗାନ୍ଧୀଙ୍କ ପରିବାରକୁ ଶେଷ କରି ଦିଆଯିବ। ରାହୁଲ ୨୪ ଘଣ୍ଟା ନିଶାରେ ରହୁଥିବା ସେ କହିଥିଲେ। ଏହାକୁ ନେଇ ବୁଧବାର ଉଡୁପି ଥାନାରେ ମାମଲା ରୁଜୁ ହୋଇଛି।

## ୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଚ୍‌ଆଇଭି ପଜିଟିଭ୍



ବେଙ୍ଗାଲୁରୁ,୨୯।୭: କର୍ଣ୍ଣାଟକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଚ୍‌ଆଇଭି ସଂକ୍ରମଣକୁ ନେଇ ସାମ୍ନାକୁ ଆସିଥିବା ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ରିପୋର୍ଟ ଅନୁସାରେ ୭,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ରାଜ୍ୟ ସରକାର କଲେଜଗୁଡ଼ିକରେ ଏଚ୍‌ଆଇଭି ସ୍କ୍ରିନିଂ କ୍ୟାମ୍ପ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାସନାଲ ଏଡସ୍ କଣ୍ଟ୍ରୋଲ ଅର୍ଗାନାଇଜେସନର ରିପୋର୍ଟ ଅନୁଯାୟୀ, ଏଚଆଇଭି ସଂକ୍ରମଣ ମାମଲାରେ କର୍ଣ୍ଣାଟକ ଦେଶରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨.୬୦ ଲକ୍ଷ ଲୋକ ଏଚଆଇଭି ସହିତ ଜୀବନ ବିତାଉଛନ୍ତି। ଏଥିମଧ୍ୟରୁ ପ୍ରାୟ ୨.୦୫ ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ବେଳେ ପ୍ରାୟ ୫୪ ହଜାର ଲୋକ ଏପର୍ଯ୍ୟନ୍ତ ଜାଣିନାହାନ୍ତି ଯେ ସେମାନେ ଏଚ୍‌ଆଇଭି ସଂକ୍ରମିତ। ସ୍ୱାସ୍ଥ୍ୟ ବିଭାଗ ପାଇଁ ଏହା ହିଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି।

● ଇ-୨୦ ବିବାଦ ପ୍ରସଙ୍ଗ

## ୧୧ କୋଟିର କ୍ଷତିପୂରଣ ଦାବିକଲେ ଗଡକରୀ




ମୁମ୍ବାଇ, ୨୯।୭: କେନ୍ଦ୍ର ସରକାରଙ୍କ ଇଥାନଲ୍-ମିଶ୍ରଣ କାର୍ଯ୍ୟକ୍ରମ ସହ ନିଜକୁ ଓ ନିଜ ପରିବାରକୁ ଯୋଡ଼ି ସୋସିଆଲ ମିଡିଆରେ ଭ୍ରାନ୍ତିକର ତଥ୍ୟ, ଆପତ୍ତିଜନକ ପୋଷ୍ଟ ଓ ଏଆଇ ଡିପଫେକ୍ ଭିଡିଓ ପ୍ରସାରଣ କରାଯାଉଥିବା ନେଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ୍ ଗଡ଼କରୀ ନିଜର ବ୍ୟକ୍ତିଗତ ଅଧିକାର ଓ ସୁନାମ କ୍ଷୁଣ୍ଣ ହେଉଥିବା ଦର୍ଶାଇ ୧୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ଏଥିସହ ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ହଟାଇବାକୁ ଆବେଦନ କରିଛନ୍ତି। ଓକିଲ ସନ୍ଦୀପ ଲଡ୍ଡାଙ୍କ ମାଧ୍ୟମରେ ଦାଖଲ ୮୬ ପୃଷ୍ଠାର ଏହି ଆବେଦନରେ ଗଡ଼କରୀ ସ୍ପଷ୍ଟ କରିଛନ୍ତି ଯେ, ଇଥାନଲ୍ ମିଶ୍ରଣ ନୀତି ନିର୍ଦ୍ଧାରଣ କିମ୍ବା ଏହାର କାର୍ଯ୍ୟକାରିତାରେ ତାଙ୍କ ମନ୍ତ୍ରଣାଳୟର କୌଣସି ଭୂମିକା ନାହିଁ। ଏହି ମାମଲାରେ ସେ ମେଟା ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ, ଗୁଗୁଲ୍, ୟୁଟ୍ୟୁବ୍, କେନ୍ଦ୍ର ଆଇଟି ମନ୍ତ୍ରଣାଳୟ, ଟେଲିକମ୍ ବିଭାଗ ଏବଂ ଜାଲ୍ ପୋଷ୍ଟ କରୁଥିବା ଅଜ୍ଞାତ ବ୍ୟକ୍ତିମାନଙ୍କୁ ପକ୍ଷଭୁକ୍ତ କରିଛନ୍ତି।

### ଗୃହମନ୍ତ୍ରୀଙ୍କ ପ୍ରତି ରାହୁଲ୍‌ଙ୍କ ଆରୋପକୁ ନେଇ ଗୃହରେ ହଙ୍ଗାମା

## ପ୍ରମାଣ ଦିଅନ୍ତୁ, ନହେଲେ କ୍ଷମା ମାଗନ୍ତୁ: ରିଜିଜୁ



ନୂଆଦିଲ୍ଲୀ, ୨୯।୭: ସଂସଦରେ ପେପର ଲିକ୍ ଆଇନ ଚର୍ଚ୍ଚା କାଳରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିଛନ୍ତି। କହିଛନ୍ତି ଛାତ୍ରଙ୍କ ଉପରକୁ ଗୁଳି ଚଳାଇବାକୁ ଗୃହମନ୍ତ୍ରୀ ଆଦେଶ ଦେଇଛନ୍ତି। ଏହାକୁ ନେଇ ସଂସଦରେ ଉଭୟ ଶାସକ ଓ ବିରୋଧୀ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ରାହୁଲଙ୍କ ବୟାନରେ ଆପତ୍ତି କରିବା ସହ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ରାହୁଲଙ୍କ ଟିପ୍ପଣୀକୁ ନେଇ ସଂସଦରେ ବେଶ୍ ହୋ ହଲ୍ଲା ହୋଇଛି। ଏଥିରେ ରାହୁଲଙ୍କୁ କହିବାକୁ ଦିଆ ନଯିବାରୁ ସଂସଦର କାର୍ଯ୍ୟକ୍ରମ ସ୍ଥଗିତ ହୋଇଯାଇଛି।

ଅମିତ ଶାହଙ୍କ ବିରୋଧରେ ରାହୁଲଙ୍କ ବୟାନକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଗୃହରେ ଆପତ୍ତି କରିଛନ୍ତି ଓ ଗୃହମନ୍ତ୍ରୀଙ୍କ ଉପରେ ଆରୋପ ନ ଲଗାଇବାକୁ କହିଛନ୍ତି। ରିଜିଜୁ କହିଛନ୍ତି ଯେ ରାହୁଲ ଗୃହମନ୍ତ୍ରୀଙ୍କ ବିରୋଧରେ ଯେଉଁ ଆରୋପ ଲଗାଇଛନ୍ତି ସେଥି ପାଇଁ କ୍ଷମାଯାଚନା କରନ୍ତୁ। ଅମିତ ଶାହ ଛାତ୍ରଙ୍କ ଉପରେ ଗୁଳି ଚଳାଇବାକୁ ଆଦେଶ ଦେଇଥିବା ନେଇ ରାହୁଲଙ୍କ ନିକଟରେ କି ପ୍ରମାଣ ଅଛି ବୋଲି ରିଜିଜୁ ପ୍ରଶ୍ନ ଉଠାଇଛନ୍ତି।

### କୋଇଲା ଆବଣ୍ଟନ ଦୁର୍ନୀତି

## ମନମୋହନ ସିଂହଙ୍କୁ କ୍ଲିନ୍‌ଚିଟ୍



ନୂଆଦିଲ୍ଲୀ,୨୯।୭: ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଂଗତ ଡକ୍ଟର ମନମୋହନ ସିଂହଙ୍କୁ କୋଇଲା ଆବଣ୍ଟନ ଦୁର୍ନୀତି ମାମଲାରେ କ୍ଲିନ୍ ଚିଟ୍ ମିଳିଛି। ୨୦୨୪ ରେ ମନମୋହନଙ୍କ ମୃତ୍ୟୁ ହୋଇସାରିଥିଲେ ବି ତାଙ୍କର ନାଁରେ କୋଇଲା ଆବଣ୍ଟନ ମାମଲାରେ କେସ୍ ଚାଲିଥିଲା। ସୁପ୍ରିମକୋର୍ଟ ବୁଧବାର ୨୦୧୫ ସ୍ପେଶାଲ ସିବିଆଇ କୋର୍ଟଙ୍କ ସେହି ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ଦେଶର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ଖଣ୍ଡପୀଠ ଶୁଣାଣି କରି ସିବିଆଇ ଦ୍ୱାରା ଦାଖଲ କ୍ଲୋଜର ରିପୋର୍ଟକୁ ସ୍ୱୀକାର କରିଛନ୍ତି। ସୁପ୍ରିମକୋର୍ଟ ଟ୍ରାଏଲ କୋର୍ଟ ଦ୍ୱାରା ସିବିଆଇର କ୍ଲୋଜର ରିପୋର୍ଟ ଖାରଜ କରି ମନମୋହନ ସିଂହଙ୍କୁ ସମନ ପଠାଇବାର ନିଷ୍ପତ୍ତି ଆଇନଗତ ଭାବରେ ଭୁଲ ବୋଲି କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଯାଞ୍ଚ ପରେ ସିବିଆଇ ତାଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ପାଇଛି ଓ ନିମ୍ନ ଅଦାଲତଙ୍କ ପାଖରେ ଏହି କ୍ଲୋଜର ରିପୋର୍ଟକୁ ଖାରଜ କରିବାର କୌଣସି ଆଧାର ନଥିଲା।

ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବି କପିଲ ସିବଲ ଏହା ପୂର୍ବରୁ ଖଣ୍ଡପୀଠଙ୍କୁ କହିଥିଲେ ଯେ, ତାଙ୍କର ଯଦିଓ ମୃତ୍ୟୁ ହୋଇସାରିଛି, ତାଙ୍କ ନିଧନ ପରେ ଏହି ଆବଦେନ ଟେକ୍ନିକାଲି ପ୍ରଭାବୀ ନଥିଲା। କିନ୍ତୁ ଟ୍ରାଏଲ କୋର୍ଟ ଦ୍ୱାରା କରାଯାଇଥିବା ଟିପ୍ପଣୀକୁ ହଟାଯିବା ଖୁବ୍ ଜରୁରୀ ଥିଲା। ସିବଲ କହିଛନ୍ତି, ସେତେବେଳେ ଦେଶର ସ୍ଥିତି କିଛି ଅଲଗା ଥିଲା ଓ ଆଜିର ସ୍ଥିତି ପୂରା ଅଲଗା।

### ଥାଇଲାଣ୍ଡକୁ ଶସ୍ତା ଟୁର୍ ପ୍ୟାକେଜ୍

## ୩ ଭାରତୀୟ ଅପହୃତ

ନୂଆଦିଲ୍ଲୀ,୨୯।୭: ଥାଇଲ୍ୟାଣ୍ଡରେ ଶସ୍ତାରେ ଛୁଟି କାଟିବାର ଅଭିଳାଷ ତିନିଜଣ ଭାରତୀୟ ନାଗରିକଙ୍କ ପାଇଁ ମହଙ୍ଗା ପଡ଼ିଛି। ତଦନ୍ତକାରୀମାନେ କହିଛନ୍ତି ଯେ, ଭାରତୀୟ ପର୍ଯ୍ୟଟକଙ୍କୁ ଭାରତୀୟ ଓ ପାକିସ୍ତାନୀ ନାଗରିକମାନଙ୍କୁ ନେଇ ଗଠିତ ଏକ ଗ୍ୟାଙ୍ଗ ଏକ ନକଲି ଟୁର୍ ପ୍ୟାକେଜ୍ ଦେଇ ଥାଇଲ୍ୟାଣ୍ଡକୁ ନେଇଯାଇଥିଲା। ସେମାନଙ୍କୁ ସେଠାରେ ମୁକ୍ତଜାମିନ୍ ରଖି ପରିବାରଠାରୁ ସେମାନଙ୍କ ମୁକ୍ତି ପାଇଁ ଅର୍ଥ ଦାବି କରି ନିର୍ଯାତନା ଦେଉଥିଲା। ଥାଇଲ୍ୟାଣ୍ଡ ପୁଲିସ ସେମାନଙ୍କୁ ଧରିଛି। ସବୁଠୁ ଶସ୍ତା ଟୁର୍ ପ୍ୟାକେଜର ପ୍ରସ୍ତାବ ଦେଇ ସେମାନଙ୍କୁ ଅପହରଣ କରାଯାଇଥିଲା। ମଙ୍ଗଳବାର ଥାଇଲ୍ୟାଣ୍ଡରୁ ବିମାନରେ ଅନ୍ୟ ଆଡ଼େ ଚାଲିଯିବା ପାଇଁ ଅପେକ୍ଷା କରିଥିବା ୫ ଜଣ ଅପହରଣକାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଲୋକଙ୍କୁ ଭାରତୀୟ ନାଗରିକ ଭାବରେ ଚିହ୍ନଟ କରାଯାଇଛି। ଅପରାଧରେ ସମ୍ପୃକ୍ତ ପାକିସ୍ତାନୀ ସନ୍ଦିଗ୍ଧମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରି ନାହିଁ। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଅବତାର ସିଂହ, ଜଗଜିତ ସିଂହ, ରାମବାଲକ କୁମାର, ସୁଖବୀର ସିଂହ ଓ କୁଲରା ସିଂହ। ସେମାନଙ୍କୁ ବ୍ୟାଙ୍କକର ଖଲୋଙ୍ଗ ଟାନ୍ ଅଞ୍ଚଳର ଏକ ହୋଟେଲରୁ ଗିରଫ କରାଯାଇଥିଲା।

## ବନ୍ଦେ ମାତରମ ସଂଶୋଧନ ବିଲ୍ ଗୃହୀତ

### ଜାତୀୟ ସଙ୍ଗୀତକୁ ଅପମାନ କଲେ ୩ ବର୍ଷ ଜେଲ୍




ନୂଆଦିଲ୍ଲୀ,୨୯।୭: ବୁଧବାର ରାଜ୍ୟସଭାରେ ଜାତୀୟ ସମ୍ମାନର ଅପମାନ ସଂଶୋଧନ ବିଲ୍-୨୦୨୬ ଗୃହୀତ ହୋଇଛି। ଏହି ସଂଶୋଧିତ ଆଇନ ଅନୁଯାୟୀ, ବନ୍ଦେ ମାତରମ୍‌କୁ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି। ବର୍ତ୍ତମାନଠାରୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦେ ମାତରମ୍‌ର ଅପମାନ କଲେ କିମ୍ବା ଏହାର ଗାନ ସମୟରେ ବାଧା ସୃଷ୍ଟି କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ।

ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ, ଏହି ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ; ବରଂ ଏହା ଭାରତର ଆତ୍ମା, ଜାତୀୟ ଚେତନା, ସାଂସ୍କୃତିକ ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ପ୍ରତି ସାମୂହିକ ପ୍ରତିବଦ୍ଧତାର ପ୍ରତୀକ। ବିଜେପି ସାଂସଦ ବିନୋଦ ତାୱଡେ 'ଏକ୍ସ' ରେ ପୋଷ୍ଟ କରି 'ବନ୍ଦେ ମାତରମ୍'କୁ ଦେଶର ଗର୍ବ ଓ ସ୍ୱାଧୀନତା ଆନ୍ଦୋଳନର ମହାମନ୍ତ୍ର ବୋଲି କହିଛନ୍ତି।

## କୃଷକ ନେତାଙ୍କୁ ଭେଟିଲେ ସିଜେପି ମୁଖପାତ୍ର



ନୂଆଦିଲ୍ଲୀ,୨୯।୭: କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ସବୁଆଡୁ ଘେରିବାକୁ କକ୍ରୋଚ ଜନତା ପାର୍ଟି (ସିଜେପି) ଓ କୃଷକ ନେତା ରାକେଶ ଟିକାଏତ ଯୋଜନା କରୁଛନ୍ତି। ସିଜେପି ପ୍ରବକ୍ତା ଆଶୁତୋଷ ରାଙ୍କା ଓ ଟିକାଏତ ମଙ୍ଗଳବାର ଭେଟିଛନ୍ତି। ରାଙ୍କା କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ଚାରି ଆଡୁ ଘେରିବାକୁ ସିଜେପି ନେତୃତ୍ୱରେ ଯୁବ ଓ ଛାତ୍ର ଏବଂ ଟିକାଏତଙ୍କ ନେତୃତ୍ୱରେ କୃଷକ ଏକତ୍ର ହେବାକୁ ଆଶା କରାଯାଉଛି। ବୈଠକରେ ରାଙ୍କା ଓ ଅନେକ ସିଜେପି ନେତା, ଟିକାଏତ ଓ ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ସଦସ୍ୟମାନେ ଯୋଗ ଦେଇଥିଲେ। ସିଜେପି ଅନୁଯାୟୀ, କୃଷକ, ଛାତ୍ର ଓ ଯୁବକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକାଠି କରିବା ପାଇଁ ଭବିଷ୍ୟତର ରଣନୀତି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଙ୍କା କହିଛନ୍ତି ଯେ, ସଂଗଠନ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଏକ ବ୍ୟାପକ ମେଣ୍ଟ ଗଠନ କରିବାକୁ ଆଶା କରୁଛି।

### ମହିଳା ଆଇପିଏସ୍‌ଙ୍କୁ ଯୌନ ନିର୍ଯାତନା ଅଭିଯୋଗ

## ଟ୍ରେନି ଆଇପିଏସ୍ ଅଧିକାରୀ ଗିରଫ



ନୂଆଦିଲ୍ଲୀ,୨୯।୭: ଯୌନ ନିର୍ଯାତନା ଅଭିଯୋଗରେ ହାଇଦ୍ରାବାଦ ପୁଲିସ ଟ୍ରେନି ଆଇପିଏସ ଅଧିକାରୀ ଉଦୟ କୃଷ୍ଣ ରେଡ୍ଡୀଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଜଣେ ମହିଳା ଟ୍ରେନି ଆଇପିଏସ ଅଧିକାରୀଙ୍କୁ ଯୌନ ନିର୍ଯାତନା ଦେବା, ଅଶ୍ଳୀଳ ମେସେଜ ପଠାଇବା ଓ ଗୁପ୍ତ ଭାବରେ ତାଙ୍କର ବ୍ୟକ୍ତିଗତ ଭିଡିଓ ରେକର୍ଡ କରିବା ଅଭିଯୋଗ ରହିଛି। ଉଦୟ ଖସିଯିବାକୁ ଚେଷ୍ଟା କରିବା ପୂର୍ବରୁ ଆଟାପୁର ପୁଲିସ ଷ୍ଟେସନର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ହାଇଦ୍ରାବାଦ ପୁଲିସ ଟ୍ରେନି ଆଇପିଏସ ଅଧିକାରୀ ଉଦୟ କୃଷ୍ଣ ରେଡ୍ଡୀଙ୍କୁ ମଙ୍ଗଳବାର ନିଜ ହେପାଜତକୁ ନେଇଥିଲା। ତାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ମାମଲା ରୁଜୁ ହେବାର ପ୍ରାୟ ୧୦ ଦିନ ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

## ପ୍ରେମିକା ସହ କଥା ହେଲେ, ଚଳନ୍ତା ଟ୍ରେନ୍ ଆଗକୁ ଡେଇଁଲେ



ନୂଆଦିଲ୍ଲୀ,୨୯।୭: କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରରେ ଜଣେ ଯୁବକ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଦୁର୍ଘଟଣା ଏତେ ଲୋମଟାଂକୁରା ଯେ, ଯୁବକଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଛି। ମୃତକ ଆନ୍ଧ୍ରପ୍ରଦେଶର ବିଶ୍ୱନାଥ ବୋଲି ଚିହ୍ନଟ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଆତ୍ମହତ୍ୟା କରିବା ପୂର୍ବରୁ ବିଶ୍ୱନାଥ ନିଜ ପ୍ରେମିକା ସହ ଫୋନ୍‌ରେ କଥା ହୋଇଥିଲେ। କଲ୍ ଡିଟେଲ୍ସ ଯାଞ୍ଚରୁ ଜଣା ପଡ଼ିଥିଲା ଯେ, ଉଭୟଙ୍କ ମଧ୍ୟରେ ଶେଷ କଥା ପରେ ତୁରନ୍ତ ସେ ଏହି ପଦକ୍ଷେପ ଉଠାଇଛନ୍ତି। ମାତ୍ର କଥାବାର୍ତ୍ତା କ'ଣ ହୋଇଥିଲା ଓ ଆତ୍ମହତ୍ୟା ପଛର ବାସ୍ତବିକ କାରଣ କ'ଣ ଥିଲା ଏହାର ଖୁଲାସା ଏବେ ହୋଇନାହିଁ। ରେଲୱେ ପୁଲିସ ମାମଲାର ପ୍ରତ୍ୟେକ ସ୍ତରକୁ ଯାଇ ଯାଞ୍ଚକରୁଛି। ପୁଲିସ ମୃତକଙ୍କ ମୋବାଇଲ ଫୋନ୍, କଲ୍ ରେକର୍ଡ୍ ଓ ଅନ୍ୟ ଡିଜିଟାଲ ସାକ୍ଷ୍ୟ ଖୋଜୁଛି। ଏହାସହ ପରିବାର ଓ ପରିଚିତ ଲୋକଙ୍କୁ ପଚରାଉଚରା କରୁଛି।

## ସିଜେଆଇଙ୍କୁ ଅପମାନିତ କରିଥିବା ୨ ଛାତ୍ରଙ୍କୁ ଜାମିନ



ନୂଆଦିଲ୍ଲୀ, ୨୯।୭: ସୁପ୍ରିମକୋର୍ଟ ପ୍ରୋସିଡିଂ କାଳରେ ଅଭଦ୍ରଭାଷା ପ୍ରୟୋଗ କରିବା, କୋର୍ଟରୁମରେ କାଗଜପତ୍ର ଫିଙ୍ଗାଫୋପଡା କରିବା, ସୁରକ୍ଷା କର୍ମୀଙ୍କ ସହ ମାରପିଟ କରିବା ଓ କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଗିରଫ ଦୁଇ ଆଇନ ଛାତ୍ରଙ୍କୁ କୋର୍ଟ ଜାମିନ ମଞ୍ଜୁର କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଭିଯୁକ୍ତଙ୍କ ଆଚରଣ କୌଣସି ଦୃଷ୍ଟିରୁ ସ୍ୱୀକାର୍ଯ୍ୟ ନୁହେଁ ଓ ଏହାକୁ ସ୍ପଷ୍ଟ ରୂପେ ନିନ୍ଦା କରାଯାଉଛି। ତେବେ ଆରୋପର ଜଟିଳତା ଆଧାରରେ ସେମାନଙ୍କୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରଖା ଯାଇ ପାରିବନାହିଁ। କୋର୍ଟ ଉତ୍ତରପ୍ରଦେଶ ଇଟାବା ନିବାସୀ ତଥା ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷ ଆଇନ ଛାତ୍ର ପ୍ରବଳ ପ୍ରତାପ ସିଂହ ଓ ରାୟବରେଲୀ ବାସିନ୍ଦା ଦ୍ୱିତୀୟବର୍ଷ ଆଇନ ଛାତ୍ର ଚନ୍ଦରଭାନଙ୍କ ଜାମିନ ଆବେଦନ ମଞ୍ଜୁର କରିଛନ୍ତି।

### ସି'ଫେୟାର ୱାର୍କଫୋର୍ସ-୨୦୨୬ ରିପୋର୍ଟ

## ଭାରତ ବିଶ୍ୱର ଦ୍ୱିତୀୟ ନାବିକ ଯୋଗାଣକାରୀ ରାଷ୍ଟ୍ର



**ବିଶ୍ୱ ସାମୁଦ୍ରିକ କର୍ମଶକ୍ତିରେ ଭାରତର ଅଂଶ ୧୨.୨%**

ନୂଆଦିଲ୍ଲୀ,୨୯।୭: ବିଶ୍ୱ ସାମୁଦ୍ରିକ କ୍ଷେତ୍ରରେ ଭାରତ ହାସଲ ଏକ ବଡ଼ ଧରଣର ଉପଲବ୍ଧି ହାସଲ କରିଛି। ବିମକୋ- ଆଇସିଏସ୍ ସି'ଫେୟାର ୱାର୍କଫୋର୍ସ-୨୦୨୬ ରିପୋର୍ଟ ଅନୁସାରେ, ଭାରତ ଏବେ ଦୁନିଆର ସବୁଠାରୁ ଦ୍ୱିତୀୟ ବଡ଼ ସମୁଦ୍ର ନାବିକ ଯୋଗାଣକାରୀ ପାଲଟିଛି। ଭାରତର ସେୟାର ବିଶ୍ୱ ସାମୁଦ୍ରିକ କର୍ମଶକ୍ତିରେ ବଢି ୧୨.୨ ପ୍ରତିଶତ ରେକର୍ଡ କରାଯାଇଛି। ସେହିଭଳି ଚୀନ୍‌ର ଶତ୍ରୁ ଫିଲିପାଇନ୍ସ ଏବେ ବି ଦୁନିଆର ସବୁଠାରୁ ବଡ଼ ନାବିକ ଯୋଗାଣକାରୀ ହୋଇ ରହିଛି। ପ୍ରତି ୫ ବର୍ଷରେ ଜାଣି ହେବାକୁ ଥିବା ଏହି ରିପୋର୍ଟ ଗ୍ଲୋବାଲ ମ୍ୟାରିଟାଇମ୍ ଇଣ୍ଡଷ୍ଟ୍ରୀର ନାବିକଙ୍କ ଦାବି ଓ ଯୋଗାଣର ସବୁଠାରୁ ବିଶ୍ୱାସନୀୟ ଆକଳନ ବୋଲି ମନେକରାଯାଉଛି। ରିପୋର୍ଟ ଅନୁସାରେ, ଗତ ୫ ବର୍ଷରେ ଗ୍ଲୋବାଲ ମ୍ୟାରିଟାଇମ୍ ଇଣ୍ଡଷ୍ଟ୍ରୀରେ ଭାରତୀୟ ନାବିକଙ୍କ ସେୟାର ଦୁଇଗୁଣା ହୋଇଯାଇଛି। ଜଣେ ଅଧିକାରୀ କହିଛନ୍ତି, ବିମକୋ-ଆଇସିଏସ୍ ରିପୋର୍ଟ ସବୁଠାରୁ ଭରସାଯୋଗ୍ୟ। ପ୍ରତ୍ୟେକ ସାମୁଦ୍ରିକ ଦେଶ ଏହାକୁ ଗ୍ରହଣ କରିଥାଆନ୍ତି। ଭାରତର ସବୁଠାରୁ ବଡ଼ଶକ୍ତି 'ଅଫିସର କ୍ୟାଡର'ରେ ରହିଛି। ଭାରତ ଦୁନିଆକୁ ୧.୪ ଲକ୍ଷରୁ ଅଧିକ ଅଧିକାରୀ ଉପଲବ୍ଧ କରାଇଛି, ଯାହାକି ଦୁନିଆର ଅଫିସର୍ସ ୱାର୍କଫୋର୍ସର ୧୩.୪% ରହିଛି। ସେଭଳି ୧.୬ ଲକ୍ଷ ଭାରତୀୟ ଦୁନିଆର ବାଣିଜ୍ୟିକ ଜାହାଜରେ କାମ କରୁଛନ୍ତି, ଯାହାର ଗ୍ଲୋବାଲ ରେଟିଂ ୱାର୍କଫୋର୍ସର ୧୧.୨୯% ରହିଛି।

# ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

- ସେବାୟତ, ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦେଲେ ସାଧୁବାଦ
- ସୁରକ୍ଷା ଓ ଶୃଙ୍ଖଳିତ ବ୍ୟବହାର ପାଇଁ ପୁଲିସକୁ ପ୍ରଶଂସା
- ଖୁବ୍‌ଶୀଘ୍ର ପୁରୀ ହେବ ବିଶ୍ୱସ୍ତରୀୟ ଧର୍ମୀୟ ପର୍ଯ୍ୟଟନ ସ୍ଥଳ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡିତ ଓଡିଶାର ସବୁଠାରୁ ବଡ ଏବଂ ମହତ୍ତ୍ୱପୂର୍ଣ୍ଣ ପର୍ବ ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜଗନ୍ନାଥ ପ୍ରେମୀ, ସେବାୟତ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଏହି ପବିତ୍ର କାର୍ଯ୍ୟ ସହ ଜଡିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଜଗନ୍ନାଥ ଧାମ, ପୁରୀଠାରେ ଜଗନ୍ନାଥପ୍ରେମୀଙ୍କ ଅଭୂତପୂର୍ବ ସମାଗମ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ଶ୍ରଦ୍ଧା ସହିତ ସେବାୟତମାନେ ସମାପ୍ତ କରିଥିଲେ। ପାଗର ପ୍ରତିକୂଳ ପ୍ରଭାବ ଯୋଗୁଁ ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ, ନବଯୌବନ ଦର୍ଶନଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ସେବାୟତମାନେ ଶ୍ରଦ୍ଧା ଓ ଭକ୍ତି ସହିତ ସମସ୍ତ ନୀତିକାନ୍ତି କରିଥିଲେ। ଏଥିପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡିତ ସମସ୍ତ ସେବାୟତ ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ଏହି ନବଦିନ ବ୍ୟାପୀ ଘୋଷଯାତ୍ରାକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ଶୃଙ୍ଖଳିତ କରିବାରେ ଓଡିଶା ପୋଲିସର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି। ସାଢ଼େ ୧୩ ହଜାରରୁ ବି ଅଧିକ ପୁଲିସ ବଳ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷା ଓ ସେବା ଯୋଗାଇ ଦେଇଥିଲେ। ତେଣୁ, ମୁଖ୍ୟମନ୍ତ୍ରୀ ପୁଲିସ ବାହିନୀକୁ ଧନ୍ୟବାଦ ଦେଇଛନ୍ତି। ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ କରିବାରେ ତାଙ୍କର ଶୃଙ୍ଖଳିତ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସବୁ ସେବାୟତ ଏବଂ ମଠଗୁଡିକୁ ଧନ୍ୟବାଦ ଦେଇଛନ୍ତି।

ପୁରୀକୁ ଆସି ରଥଯାତ୍ରା, ସୁନାବେଶ ଓ ନୀଳାଦ୍ରିବିଜେ ଉତ୍ସବରେ ଶ୍ରଦ୍ଧା ଓ ଜଗନ୍ନାଥପ୍ରେମୀ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ପୁରୀକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ-ପର୍ଯ୍ୟଟନ ସ୍ଥଳ କରିବା ପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ପୁରୀ ବିମାନବନ୍ଦର, ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର, ମେରାଇନ ଆକ୍ୱାରିଆମ, ଶାମୁକା ପ୍ରକଳ୍ପ ମାଧ୍ୟମରେ ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରାଯାଉଛି।

## ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା

**ଗଡସପୁର,୨୯।୭(ସଂଚାର ବ୍ୟୁରୋ):** ଆଷାଢ଼ ମାସ ପୂର୍ଣ୍ଣିମା ତିଥିରେ ଭାରତବର୍ଷର ସର୍ବତ୍ର ଗୁରୁପୂର୍ଣ୍ଣିମା ପାଳନ କରାଯାଏ। ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ସମସ୍ତ ପୂର୍ଣ୍ଣିମା ମଧ୍ୟରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି। ଏହି ଅବସରରେ ଗଡସପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ସାଢ଼େ ୫ ଟାରେ କାକଡ଼ ଆରତି, ସକାଳ ସାଢ଼େ ୬ଟାରେ ବାବାଙ୍କ ସ୍ନାନ ଆରତି, ସକାଳ ୯ଟାରେ ହୋମ ଓ ମହାଭିଷେକ ପୂଜା, ୧୨ ଟାରେ ମଧ୍ୟାହ୍ନ ଆରତି, ୬ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା। ଆନ୍ତର୍ଜାତିକ ଆଧ୍ୟାତ୍ମିକ ଗୁରୁ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥି ଶୁଭେଚ୍ଛା ଜଣାଇ ବାର୍ତ୍ତା ପଠାଇଛନ୍ତି।

■ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

## ଜାତୀୟ ପର୍ବକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପରାମର୍ଶ

**କଟକ, ୨୯।୭ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ସୁଚାରୁରୂପେ ଆୟୋଜନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଆଠଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ଜାତୀୟ ପର୍ବକୁ ଶୃଙ୍ଖଳିତ ଓ ସଫଳତାର ସହ ପାଳନ କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ବର୍ଷା ନହୁଏ ଚଳିତ ବର୍ଷ ସ୍ୱାଧୀନତା ଦିବସ ଉତ୍ସବ ଆଠଗଡ଼ ଷ୍ଟାଡିୟମ ପଡ଼ିଆରେ ଆୟୋଜିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ପରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଅଗଷ୍ଟ ୧୫ ତାରିଖ ସକାଳ ୯ଟା ୧୫ ମିନିଟ୍‌ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ପରେଡ଼ ଅଭିବାଦନ ଗ୍ରହଣ କରିବେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ତେବେ ବର୍ଷାକୁ ଦେଖି ସ୍ୱାଧୀନତା ଦିବସର ଦୁଇ ତିନିଦିନ ପୂର୍ବରୁ ସ୍ୱାଧୀନତା ଦିବସ ପାଳନ ପାଇଁ ସ୍ଥାନ ନିରୂପଣ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ବୈଠକରେ ଉପଖଣ୍ଡର ସମସ୍ତ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ଦୀପମ ରାଉତ, ଆଠଗଡ଼ ଅବକାରୀ ଆରକ୍ଷୀ ଅଧିକ୍ଷକ ସି.ଏଚ୍.ତିରୁପତି ପ୍ରମୁଖ ଉପସ୍ଥିତ ଥିଲେ।

● ଆଖି ଚିକିତ୍ସାଲାଗି ବିଦେଶ ଯିବା ପ୍ରସଙ୍ଗ

## ସୁପ୍ରିମକୋର୍ଟ ଗଲେ ଅଭିଷେକ

**କୋଲକାତା,୨୯।୭(ସଂଚାର ବ୍ୟୁରୋ):** ଆଖି ଚିକିତ୍ସା ଲାଗି ବିଦେଶ ଯିବା ଆବେଦନକୁ କୋଲକାତା ହାଇକୋର୍ଟ ଅସ୍ୱୀକାର କରିବା ପରେ ,ହାକୁ ଚ୍ୟାଲେଞ୍ଜ କରି ତୃଣମୂଳ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କୋଲକାତା ହାଇକୋର୍ଟର ଏକକ ଖଣ୍ଡପୀଠ ତାଙ୍କର କୋଲକାତା ଯିବା ଆବେଦନକୁ ନାକଚ୍ କରିଦେଇଥିଲେ। ସୁପ୍ରିମକୋର୍ଟରେ କରିଥିବା ଆବେଦନରେ ଅଭିଷେକ ଜଣାଇଛନ୍ତି ଯେ, ସେ କୋଲକାତା ହାଇକୋର୍ଟର ନିର୍ଦ୍ଦେଶ ପାଳନ କରି 'ଡିଜେ ମାମଲା'ର ତଦନ୍ତରେ ସହଯୋଗ କରିଛନ୍ତି ଓ କଣ୍ଠସ୍ୱର ନମୁନା ପ୍ରଦାନ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଉନାହିଁ। ସେହିଭଳି ଚିକିତ୍ସା ସମ୍ବନ୍ଧୀୟ ତାଙ୍କ ଆବେଦନର ଉତ୍ତର ହାଇକୋର୍ଟ ଦେଉନାହାନ୍ତି। ସୁପ୍ରିମକୋର୍ଟରେ ଅଭିଷେକଙ୍କ ଆବେଦନର ଶୁଣାଣି ଅଗଷ୍ଟ ୩ ତାରିଖରେ ହେବ।

## ଗୁରୁ ପୂର୍ଣ୍ଣିମାରେ ବେଲୁର ମଠ ଗଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ



**କୋଲକାତା,୨୯।୭ (ସଂଚାର ବ୍ୟୁରୋ):** ଗୁରୁ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବୁଧବାର ସକାଳ ପ୍ରାୟ ୧୧ଟା ସମୟରେ ବେଲୁର ମଠରେ ପହଞ୍ଚିଛନ୍ତି। ସେ ସେଠାରୁ ସିଧାସଳଖ ମିଶନର ମୁଖ୍ୟାଳୟକୁ ଯାଇଥିଲେ। ସେ ରାମକୃଷ୍ଣ ମଠ ଓ ମିଶନ ଅଧ୍ୟକ୍ଷ ସ୍ୱାମୀ ଗୌତମାନନ୍ଦଙ୍କ କୋଠରୀକୁ ଯାଇଥିଲେ ଓ ତାଙ୍କ ପାଦ ସ୍ପର୍ଶକରି ତାଙ୍କୁ ପ୍ରଣାମ କରିଥିଲେ। ସେ ତାଙ୍କୁ ଏକ ପଦ୍ମମାଳା ଓ କାଳୀମାଆଙ୍କ ପ୍ରତିମା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଠ ପରିସର ପରିଦର୍ଶନ କରିଥିବା ଜଣାଯାଇଛି।

## ଟିଫିନ୍ ଖାଉଖାଉ ଟଳି ପଡ଼ିଲେ ଛାତ୍ର

**କୋଲକାତା,୨୯।୭(ସଂଚାର ବ୍ୟୁରୋ):** ବାଗୁଇଆଟିର ଦେଶବନ୍ଧୁ ନଗରସ୍ଥିତ ଚିତ୍ତରଞ୍ଜନ କଲୋନି ହିନ୍ଦୁ ବିଦ୍ୟାପୀଠରେ ଜଣେ ଛାତ୍ରଙ୍କର ଶ୍ରେଣୀଗୃହରେ ଟିଫିନ୍ ଖାଉଥିବା ବେଳେ ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମଙ୍ଗଳବାର ଆର.ଜି. କର ହସ୍ପିଟାଲରେ ମୃତ ଛାତ୍ର ମହମ୍ମଦ ରାଇହାନର ପୋଷ୍ଟମର୍ଟମ୍ କରାଯାଇଛି। ହୃଦଘାତ କିମ୍ବା ଶ୍ୱାସନଳୀରେ ଖାଦ୍ୟ ପଶିଯିବା ଯୋଗୁ ଏପରି ମୃତ୍ୟୁ ଘଟିଥିବା ପୁଲିସ୍ ଅନୁମାନ କରୁଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ କାରଣ ନିଶ୍ଚିତ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ରାତି ପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇ ନାହିଁ। ଉଲ୍ଲେଖଯୋଗ୍ୟ, ଟିଫିନ୍ ବିରତି ବେଳେ ରାଇହାନ୍ ଖାଉଖାଉ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ପଥର ବ୍ୟବସାୟୀଙ୍କ ଘରୁ ବିପୁଳ ଟଙ୍କା ଜବତ

**କୋଲକାତା,୨୯।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ବିଳମ୍ବିତ ରାତିରେ ବୀରଭୂମର ପଥର ବ୍ୟବସାୟୀ ଟୁଲୁ ମଣ୍ଡଳଙ୍କ ଘନିଷ୍ଠ ସମ୍ପର୍କୀୟ ମିନାର ମଣ୍ଡଳଙ୍କ ବାସଭବନରେ ପୁଲିସ୍ ଚଢ଼ାଉ କରିଛି। ବୁଧବାର ସକାଳେ ମଧ୍ୟ ତଲାସୀ ପ୍ରକ୍ରିୟା ଜାରି ରହିଛି। ପୁଲିସ୍ ଘଟଣାସ୍ଥଳକୁ ଅତି କମ୍‌ରେ ପାଞ୍ଚଟି ଟଙ୍କା ଗଣନା ମେସିନ୍ ଓ ଅନେକ ବଡ଼ ବଡ଼ ଟ୍ରଙ୍କ୍ ଆଣିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମିନାର ମଣ୍ଡଳ ଟୁଲୁ ମଣ୍ଡଳଙ୍କ ମାଲିକାନାରେ ଥିବା ପଥର ବ୍ୟବସାୟ ଓ ପଥର କ୍ରସର ସହିତ ଜଡିତ ଅଛି। ପୁଲିସ ମିନାର ମଣ୍ଡଳ ଘରୁ ବିପୁଳ ପରିମାଣର ଟଙ୍କା ଜବତ କରିଛି। ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

● ଗୁରୁତର ଶ୍ୱାସକ୍ରିୟା ବିଫଳତାରୁ ମୃତ୍ୟୁ ସହ ସଂଘର୍ଷ କରୁଥିଲେ ମହିଳା

## ୩୬ ଦିନ ପରେ ଜୀବନ ବଞ୍ଚାଇଲା ଏମ୍ସ ଭୁବନେଶ୍ୱର

ନୂତନ ଜୀବନ ପାଇଲେ ୪୯ ବର୍ଷୀୟା ପୁଲିସ ଅଧିକାରୀ



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ମୃତ୍ୟୁ ସହିତ ୩୬ ଦିନର ସଂଘର୍ଷ। ଗୁରୁତର ଶ୍ୱାସକ୍ରିୟା ବିଫଳତା ପରେ ପ୍ରତିଟି ମୁହୂର୍ତ୍ତ ଥିଲା ମୂଲ୍ୟବାନ। ମାତ୍ର ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳର ପ୍ରତିବଦ୍ଧତା, ନିଷ୍ଠାପର ଉଦ୍ୟମ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଏକପ୍ରକାର ଅସମ୍ଭବ ଲାଗୁଥିବା ଘଟଣାକୁ ସମ୍ଭବରେ ପରିଣତ କରାଯାଇପାରିଛି। ଗୁରୁତର ନିମୋନିଆରେ ପୀଡ଼ିତ ହୋଇ ଝାରସୁଗୁଡାର ଜନୈକା ୪୯ ବର୍ଷୀୟା ମହିଳା ପୁଲିସ ଅଧିକାରୀଙ୍କୁ ଗତ ଏପ୍ରିଲ୍ ୧୮ରେ ସ୍ଥାନୀୟ ଏକ କର୍ପୋରେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସର୍ବୋତ୍ତମ ଆଇସିୟୁ କେୟାର ଓ ଯାନ୍ତ୍ରିକ ଭେଣ୍ଟିଲେସନ୍ ସତ୍ତ୍ୱେ ଉକ୍ତ ମହିଳା ପୁଲିସ ଅଧିକାରୀଙ୍କ ଅମ୍ଳଜାନ ସ୍ତର ଖରାପ ହେବାକୁ ଲାଗିଲା। ଗୁରୁତର ଶ୍ୱାସକ୍ରିୟା ବିଫଳତାର ସମ୍ମୁଖୀନ ହୋଇଥିବା ଉକ୍ତ ମହିଳାଙ୍କୁ ଉନ୍ନତ ଜୀବନ ସହାୟତା ପାଇଁ ଗତ ମେ' ୭ରେ ଏମ୍ସ ଭୁବନେଶ୍ୱରକୁ ରେଫର କରାଯାଇଥିଲା। ମଧ୍ୟରାତ୍ରିରେ ଗୁରୁତର ହାଇପୋକ୍ସେମିଆ ସହ ଅତ୍ୟନ୍ତ ସଙ୍କଟଜନକ ଅବସ୍ଥାରେ ମେଡିକାଲ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍‌ରେ ପହଞ୍ଚିବା ପରେ ଇଣ୍ଟେନ୍ସିଭ୍ କେୟାର ମେଡିସିନ୍ ଏବଂ ଏକମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତୁରନ୍ତ ଜୀବନ ରକ୍ଷାକାରୀ ଭିଭି-ଏକମୋ ଥେରାପି ଆରମ୍ଭ କରିଥିଲେ। ମହିଳାଙ୍କ ଫୁସଫୁସକୁ ସୁସ୍ଥ କରିବା ପାଇଁ ୩୬ ଦିନ ନିରନ୍ତର ଏକମୋ ସହାୟତା (ମେ' ୭ରୁ ଜୁନ୍ ୧୨) ପ୍ରଦାନ କରାଯାଇଥିଲା। ଆକ୍ୟୁଟ୍ ରେସ୍ପିରେଟୋରୀ ଡିଷ୍ଟ୍ରେସ୍ ସିଣ୍ଡ୍ରୋମ୍ (ଏଆରଡିଏସ) ପାଇଁ ୩୬ ଦିନ ଧରି ଭେନୋ-ଭେନସ୍ ଏକ୍ସଟ୍ରାକର୍ପୋରିଆଲ୍ ମେମ୍ବ୍ରାନ୍ ଅକ୍ସିଜେନେସନ୍ (ଭିଭି-ଏକମୋ) ସହାୟତା ପରେ ମହିଳା ପୁଲିସ ଅଧିକାରୀଙ୍କ ସଫଳତାର ସହ ଚିକିତ୍ସା କରି ଏମ୍ସ ଭୁବନେଶ୍ୱର ଉନ୍ନତ ଇଣ୍ଟେନ୍ସିଭ୍ କେୟାର ମେଡିସିନ୍ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଏହି ୩୬ ଦିନ ସମୟ ମଧ୍ୟରେ ମହିଳାଙ୍କୁ ବ୍ୟାପକ ଇଣ୍ଟେନ୍ସିଭ୍ କେୟାର ମିଳିଥିଲା।

ରୋଗୀଙ୍କ ଫୁସଫୁସ ଧୀରେ ଧୀରେ ସୁସ୍ଥ ହେବା ପରେ ତାଙ୍କୁ ଜୁନ୍ ୧୨ରେ ଏକମୋ ସହାୟତାରୁ ସଫଳତାର ସହ ମୁକ୍ତ କରାଯାଇଥିଲା ଓ ଜୁନ୍ ୨୭ରେ ଯାନ୍ତ୍ରିକ ଭେଣ୍ଟିଲେସନରୁ ବାହାର କରାଯାଇଥିଲା। ସ୍ୱାଭାବିକ ଭାବେ ମହିଳା ଜଣଙ୍କ ନିଜର ଦୈନନ୍ଦିନ କାର୍ଯ୍ୟକଳାପ ସମ୍ପନ୍ନ କରିବା ପରେ ରୋଗୀଙ୍କୁ ଗତ ୨୪ରେ ଏମ୍ସରୁ ଡିସଚାର୍ଜ କରାଯାଇଥିଲା। ଏପରି ଏକ ଉଲ୍ଲେଖନୀୟ କ୍ଲିନିକାଲ୍ ସଫଳତା ହାସଲ କରିଥିବାରୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଡିଜିଟାଲ୍ ଓଡ଼ିଶା ଗଠନରେ ସିଏସ୍‌ସିର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱରଠାରେ ଆୟୋଜିତ ୧୭ଶ କମନ୍ ସର୍ଭିସ ସେଣ୍ଟର (ସିଏସସି) ଦିବସ ପାଳନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ମନ୍ତ୍ରୀ କହିଥିଲେ ଯେ ଗତ ୧୭ ବର୍ଷ ଧରି ସିଏସସି ଏସପିଭି ଦେଶବ୍ୟାପୀ ଡିଜିଟାଲ୍ ସମାବେଶର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ କାର୍ଯ୍ୟ କରିଆସୁଛି। ଡିଜିଟାଲ୍ ଇଣ୍ଡିଆ ଅଭିଯାନକୁ ଗାଁରୁ ଗାଁ ଓ ଘରରୁ ଘର ପର୍ଯ୍ୟନ୍ତ ପହଞ୍ଚାଇବାରେ ସିଏସସି ଗୁରୁତ୍ୱପୂର୍ଣ୍ଣ ସେତୁ ପାଲଟିଛି। ସରକାରୀ ସେବା, ବ୍ୟାଙ୍କିଂ, ଡିଜିଟାଲ୍ ଶିକ୍ଷା, ଟେଲିମେଡିସିନ୍, ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ୍ ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାକୁ ଗ୍ରାମାଞ୍ଚଳରେ ସଫଳତାର ସହ ପହଞ୍ଚାଇ ଡିଜିଟାଲ୍ ବ୍ୟବଧାନ ଦୂର କରିବା ସହ ଲକ୍ଷ ଲକ୍ଷ ଗ୍ରାମୀଣ ଉଦ୍ୟମୀଙ୍କୁ ସଶକ୍ତ କରିଛି।

ସେ କହିଥିଲେ ଯେ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ୍ ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନେ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚୟପତ୍ର, ଟେଲି-ପରାମର୍ଶ ଓ ଆଧୁନିକ ସ୍ୱାସ୍ଥ୍ୟସେବାର ସୁବିଧା ପାଇବାରେ ସକ୍ଷମ ହୋଇଛନ୍ତି। ଏହା ଗ୍ରାମୀଣ ସ୍ୱାସ୍ଥ୍ୟସେବାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ଦ୍ୱାରକୁ ଡିଜିଟାଲ୍ ସେବା ପହଞ୍ଚାଇବା ଦିଗରେ ରାଜ୍ୟ ଦୃଢ଼ ପଦକ୍ଷେପ ନେଇଛି। ବର୍ତ୍ତମାନ ରାଜ୍ୟରେ ୪୫ ହଜାରରୁ ଅଧିକ ସିଏସସି କେନ୍ଦ୍ର ଡିଜିଟାଲ୍ ପରିବର୍ତ୍ତନର ନୂତନ ଇତିହାସ ରଚନା କରୁଛି।

## କୃଷି-ଉଦ୍ୟୋଗୀଙ୍କୁ ଋଣ ସହାୟତା ପାଇଁ ଆପିକଲର ବ୍ୟାଙ୍କର୍ସ ବୈଠକ

● ଉଦ୍ୟୋଗୀଙ୍କୁ ସମୟସୀମା ମଧ୍ୟରେ ଋଣ ଦେବାକୁ କୃଷିମନ୍ତ୍ରୀଙ୍କ ଅପିଲ



**ଭୁବନେଶ୍ୱର,୨୯।୭(ସଂଚାରବ୍ୟୁରୋ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ (ଏପିକଲ) ଦ୍ୱାରା ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ।

ସଭାକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ କୃଷି କ୍ଷେତ୍ରକୁ ଏକ ଲାଭଦାୟକ ବ୍ୟବସାୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନୂଆ କୃଷି-ଉଦ୍ୟୋଗୀମାନଙ୍କୁ ସମୟସୀମା ମଧ୍ୟରେ ଆବଶ୍ୟକ ଋଣ ଯୋଗାଇ ଦେବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ରାଜ୍ୟର ସମସ୍ତ ବ୍ୟାଙ୍କ ସହଯୋଗ କରନ୍ତୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଯୁବକ, ମହିଳା ଉଦ୍ୟୋଗୀ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନମାନଙ୍କୁ ସହାୟତା କରିଥିବାରୁ ଉପମୁଖ୍ୟମନ୍ତ୍ରୀ ଏପିକଲ୍‌ର ପ୍ରଶଂସା କରିଥିଲେ। ରାଜ୍ୟରେ କୃଷି-ବ୍ୟବସାୟକୁ ଆଗକୁ ନେବା ପାଇଁ ସରକାର ଆଗାମୀ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏପିକଲ୍‌କୁ ୨,୪୯୬.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ।

# ବନ୍ୟା ମୁକାବିଲାରେ ସରକାର ବିଫଳ

- ପୂର୍ବ ପ୍ରସ୍ତୁତି ନଥିବାରୁ ୪ଟି ମୂଲ୍ୟବାନ ଜୀବନ ଚାଲିଗଲା
- ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି



**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ନେଇ ବର୍ଷିଛନ୍ତି।

ବ୍ୟୋମକେଶ ରାୟ କହିଥିଲେ ଯେ, ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ, ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥି ପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି। ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ। କଟକ ବଡ଼ ମେଡ଼ିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା। ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି। ଗୌତମବୁଦ୍ଧ ଦାସ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡିଶା ଆଡ଼କୁ ଅନାଏ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା। ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି।

## କୃତ୍ରିମ ବୁଦ୍ଧିମତା ଉପରେ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପରେ ଦକ୍ଷତା ବିକାଶ କର୍ମଶାଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ଆଜିର ଏହି କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ. ବି ରାଉତ, ଆଇଆଇଟି ମାଡ୍ରାସର ଶିକ୍ଷାବିତ୍ ଏସ. ନିଥି, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ ଏଆଇର ଉପଯୋଗ, କୃତ୍ରିମ ବୁଦ୍ଧିମତା ଉପରେ ଉଚ୍ଚକୋଟୀର ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିତ୍, ଗବେଷକ, ପ୍ରଶାସନିକ ଅଧିକାରୀମାନେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଯେପରି ଦକ୍ଷ ହୋଇପାରିବେ ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଆଜି କର୍ମଶାଳାର ପ୍ରଥମ ଦିନରେ କୃତ୍ରିମ ବୁଦ୍ଧିମତାର ବେସିକ୍ କନସେପ୍ଟ, ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗିତା ଏବଂ ବିଭିନ୍ନ ଫ୍ରି ଏଆଇ ମୋବାଇଲ ଆପ୍ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟାରେ ୫ ଜିଲ୍ଲା...

ଯୋଗାଇ ଦିଆଯାଉଥିବା ବେଳେ ଆବଶ୍ୟକ ସ୍ଥଳେ ଶୁଖିଲା ରାସନ ବଣ୍ଟନ କରାଯାଉଛି। ଶିଶୁ, ମହିଳା ଓ ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳାମାନଙ୍କ ସୁରକ୍ଷା ପାଇଁ ରିଲିଫ କେନ୍ଦ୍ରଗୁଡ଼ିକରେ ମହିଳା ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି। ମେଡିକାଲ ଟିମ୍ ମୁତୟନ କରାଯାଇଥିବା ବେଳେ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଓ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଜରୁରୀ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମବିବିଏସ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାର ସମଗ୍ର ପରିସ୍ଥିତି ଉପରେ ନିରନ୍ତର ନଜର ରଖି ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। ନଦୀ ପରିସ୍ଥିତିର ସମୀକ୍ଷା ବେଳେ ଜଣାପଡ଼ିଥିଲା ଯେ ଛତିଶଗଡ଼ର ଉପର ଅବବାହିକା ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଛି। ବର୍ତ୍ତମାନ ହୀରାକୁଦ ବନ୍ଧର ଦୁଇଟି ଗେଟ୍ ଖୋଲା ରହିଛି ଓ ଜଳଭଣ୍ଡାରର ଜଳସ୍ତର ସୁରକ୍ଷିତ ସୀମା ମଧ୍ୟରେ ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ନିରନ୍ତର ଜଳପ୍ରବାହ ଓ ନଦୀ ଜଳସ୍ତରର ତଦାରଖ କରାଯାଉଛି ଓ ଭବିଷ୍ୟତରେ ଆବଶ୍ୟକ ପଡ଼ିଲେ ବୈଷୟିକ ଆକଳନ ଆଧାରରେ ପର୍ଯ୍ୟାୟକ୍ରମେ ଜଳ ନିଷ୍କାସନ କରାଯିବ। ସେହିପରି ପାଣିପାଗରେ ପୂର୍ବାନୁମାନ ଅନୁଯାୟୀ ବରଗଡ଼, ବଲାଙ୍ଗୀର, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାକୁ ସତର୍କ ରଖାଯାଇଛି। ସମ୍ଭାବ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ସହ ଉଦ୍ଧାରକାରୀ ଦଳ, ଜରୁରୀ ଉପକରଣ ଓ ରିଲିଫ ସାମଗ୍ରୀ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୭ଟି ଏନଡିଆରଏଫ, ଓଡ୍ରାଫ ଟିମ୍ ଏବଂ ପ୍ରାୟ ୬୦ଟି ଅଗ୍ନିଶମ ସେବା ଟିମ୍ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କ୍ଷେତ୍ରସ୍ତରରେ ପରିସ୍ଥିତିର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ବନ୍ୟା ପ୍ରଭାବିତ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

### ବିଚଳିତ ଓ ଭୟଭୀତ...

ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### 'ୱାନ୍ ଅଫିସର୍...

ଗୋଟିଏ ସରକାରୀ ଗାଡ଼ି ହିଁ ବ୍ୟବହାର କରିପାରିବେ। ଫଳତଃ ଏଣିକି ଅତିରିକ୍ତ ଦାୟିତ୍ୱରେ ଥିବା ଦର୍ଶାଇ କୌଣସି ଅଧିକାରୀ ଏକାଧିକ ସରକାରୀ ଗାଡ଼ି ବ୍ୟବହାର କରିପାରିବେ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ସ୍ପଷ୍ଟ କରିଦେଇଛି। ନୂଆ ନିର୍ଦ୍ଦେଶନାମା ଅଫିସ୍ ମେମୋରାଣ୍ଡମ୍ ମାଧ୍ୟମରେ ଖର୍ଚ୍ଚ ବିଭାଗ ପକ୍ଷରୁ ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ସରକାରୀ ଗାଡ଼ି କେବଳ ଅଫିସିଆଲ୍ ପର୍ପୋଜ୍‌ରେ ବ୍ୟବହାର ହେବାକୁ ସୁନିଶ୍ଚିତ କରିବ।

### ଶେୟାର ମାର୍କେଟ୍...

ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିକମ୍, ବିବିଏ, ବିଏମଏସ ଏବଂ ଅର୍ଥନୀତି ଅନର୍ସ ଥିବା ଛାତ୍ରଛାତ୍ରୀମାନେ ଏହି ଟ୍ରେନିଂରେ ସାମିଲ ହୋଇପାରିବେ। ପ୍ରତି କଲେଜରେ ୬୦ ଜଣ ପିଲାଙ୍କୁ ନେଇ ବ୍ୟାଚ୍ ହେବ। ଇଣ୍ଡିଆନ କ୍ୟାପିଟାଲ ମାର୍କେଟ, ଶେୟାର ମାର୍କେଟ, ମ୍ୟୁଚୁଆଲ ଫଣ୍ଡ ବାବଦରେ ୩୦ ଘଣ୍ଟାର ବ୍ୟାବସାୟିକ ମ୍ୟୁଚୁଆଲ ଫଣ୍ଡ ସାର୍ଟିଫିକେଟ୍ କୋର୍ସ ମିଳିବ। ଚିରାଚରିତ ପାଠ୍ୟ ଖସଡ଼ା ସହ କ୍ୟାରିୟର ଗଢ଼ିବା କ୍ଷେତ୍ରରେ ଏହା ବଡ଼ ସହାୟକ ହେବ ବୋଲି କୁହାଯାଇଛି।

### ଗାଁରେ ପହଞ୍ଚିବ...

ହେବା ନିଶ୍ଚିତ ରୂପେ ବାସ୍ତବ ରୂପ ନେଇଛି ବୋଲି ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ କହିଛନ୍ତି। ପ୍ରଥମ ବୁଝାମଣା ପତ୍ରଟି ଓଡ଼ିଶାରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡିଜିଟାଲ୍ ଭାରତ ନିଧି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ଏବଂ ବିଏସଏନଏଲ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିସହ ଉଦୀୟମାନ ପ୍ରଯୁକ୍ତି, ଗବେଷଣା ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ସି-ଡ୍ୟାକ୍ ମଧ୍ୟରେ ଅନ୍ୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

### ପଞ୍ଚମ ଦିନରେ...

୨୭ ମିନିଟ୍ ୪୯.୭୮ ସେକେଣ୍ଡରେ ଅତିକ୍ରମ କରିବା ସହ ଅଷ୍ଟ୍ରେଲିଆର କାଇ ରବିନ୍‌ସନ୍‌ଙ୍କ ପଛରେ ରହିଥିଲେ। ସେହିପରି ୨୯ ବର୍ଷୀୟ ହରଜିନ୍ଦର ୬୯ କିଗ୍ରା ଓଜନ ବର୍ଗରେ ମୋଟ ୨୨୭ କିଗ୍ରା ଭାର ଉତ୍ତୋଳନ କରିଛନ୍ତି। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହରଜିନ୍ଦରଙ୍କ କ୍ରମାଗତ ଦ୍ୱିତୀୟ ପଦକ। ଏହା ପୂର୍ବରୁ ସେ ୨୦୨୨ରେ ବର୍ମିଂହାମ୍‌ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଉଭୟ ପ୍ରତିଯୋଗୀଙ୍କୁ ସେମାନଙ୍କ ସଫଳତା ସକାଶେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଧେଇ ଜଣାଇଛନ୍ତି।

### କୁମାମୋଟୁ ଭୂକମ୍ପ...

ବୋଲି ଜାପାନ ସରକାର ଆଶଙ୍କା ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ଅପରାହ୍ଣରେ ଘଟିଥିବା ୭.୧ ତୀବ୍ରତାର ଭୂକମ୍ପ ସମଗ୍ର ଜାପାନକୁ ଦୋହଲାଇ ଦେଇଛି। ଜାପାନର ଭୂକମ୍ପ ତୀବ୍ରତା ସ୍କେଲରେ ଏହାକୁ ସର୍ବାଧିକ 'ଶିନ୍ଦୁ-୭' ସ୍ତର ଭାବରେ ପଞ୍ଜୀକୃତ କରାଯାଇଛି। ଭୂକମ୍ପ ପରେପରେ କଶିମା ସହରରେ ଥିବା ଏକ ବିଶାଳ ସପିଂମଲ୍‌ରେ ବିସ୍ଫୋରଣ ଘଟି ଏହା ମାଟିରେ ମିଶିଯାଇଥିଲ। ଏହି ଶପିଙ୍ଗ୍ ମଲର ଇଟା-ସିମେଣ୍ଟ ଗଦା ତଳୁ ଏ ପର୍ଯ୍ୟନ୍ତ ତିନିଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜାପାନର ସର୍ବବୃହତ୍ ଖୁଚୁରା ଓ ଶପିଙ୍ଗ୍ ମଲ ଗ୍ରୁପ୍‌ର ସଭାପତି ଆକିଓ ୟୋଶିଦା ବୁଧବାର ଅପରାହ୍ଣରେ ସୂଚନା ଦେଇଛନ୍ତି।

### ସାର୍ବଜନୀନ ପରୀକ୍ଷା...

ଶୃଙ୍ଖଳିତ ଓ ଦୁର୍ନୀତିମୁକ୍ତ କରିବା ଲାଗି ବିଲ୍‌ରେ କଠୋର ଦଣ୍ଡବିଧାନ କରାଯାଇଛି। ଦୁର୍ନୀତି ଅଭିଯୁକ୍ତଙ୍କୁ ୧୦ ବର୍ଷର ଜେଲଦଣ୍ଡ ସହ ଜଣ ପିଛା ୫୦ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି। ସେହିପରି ପ୍ରଶ୍ନପତ୍ର ପ୍ରଘଟ କରୁଥିବା ସିଣ୍ଡିକେଟ୍ ଲାଗି ୧୦ କୋଟି ଟଙ୍କାର ଜରିମାନା ପ୍ରାବଧାନ ରହିଛି। ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଦିଲ୍ଲୀର ଜନ୍ତର-ମନ୍ତରରେ ବିଶାଳ ଛାତ୍ର ଆନ୍ଦୋଳନ ହେବାର ଦିନକ ପରେ ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିରାକରଣ) ସଂଶୋଧନ ବିଲ୍-୨୦୨୬କୁ ଗତ ୨୭ ତାରିଖ (ସୋମବାର)ରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଗୃହରେ ଆଗତ କରିଥିଲେ। ପୂର୍ବରୁ ଥିବା ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ (ଆଣ୍ଟି-ପେପର ଲିକ୍) ବିଲ୍ ତୁଳନାରେ ଏହି ନୂତନ ସଂଶୋଧିତ ଆଇନ୍‌ରେ ଅଧିକ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରଖାଯାଇଛି ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଜନ୍ତର-ମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ଉପରେ ସରକାର ଗୃହରେ ବିବୃତି ରଖନ୍ତୁ ବୋଲି ଦାବିକରି ବିରୋଧୀଦଳଗୁଡ଼ିକ ଗୃହକୁ ଚଳାଇ ନଦେବା କାରଣରୁ ବିଲ୍ ଉପରେ କୌଣସି ବିଚାରବିମର୍ଶ ହୋଇପାରି ନଥିଲା। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଆମନ୍ତ୍ରଣ କ୍ରମେ ଆଜି ଗୃହର ନିମ୍ନ ସଦନରେ ନୂତନ ସଂଶୋଧିତ ଆଣ୍ଟି-ପେପର ଲିକ୍ ବିଲ୍ ଉପରେ ବିତର୍କ କରାଯାଇଥିଲା ଓ ଉଲ୍ଲେଖନୀୟ ଘଟଣାକ୍ରମରେ ଏଭଳି ପାଟିଗୋଳ ସତ୍ତ୍ୱେ ବିଲ୍‌ଟିକୁ ବାଚସ୍ପତି ଗୃହରେ ବାଚନିକ ଭୋଟ୍‌ରେ ଗୃହୀତ କରାଇନେବାରେ ସଫଳ ହୋଇଛନ୍ତି। ବିଲ୍ ଉପରେ ବିତର୍କରେ ଅଂଶଗ୍ରହଣ କରିବାକୁ ଯାଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦିଲ୍ଲୀ ଜନ୍ତର-ମନ୍ତରରେ ଛାତ୍ରଛାତ୍ରୀଙ୍କ ଉପରକୁ ପୁଲିସ୍ ଗୁଳିମାଡ଼ କରିବା ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଦାୟୀ ବୋଲି କହିବା ପରେ ପୁଣିଥରେ ଗୃହରେ ହୋହାଲ୍ଲା ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରାହୁଲଙ୍କୁ ସମାଲୋଚନା କରିବା ସହ ବିନା ପ୍ରମାଣରେ ରାହୁଲ୍ ଗୃହମନ୍ତ୍ରୀଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆଣିଥିବାରୁ କ୍ଷମାମାଗନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ଲୋକସଭାକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

### ବିଦ୍ୟୁତ୍ ଆଘାତରେ...

ହସ୍ପିଟାଲ୍‌କୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ସେ ଚନ୍ଦନଙ୍କ ଅମର ଆତ୍ମାର ମଧ୍ୟ ସଦ୍‌ଗତି କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ ଚନ୍ଦନ ମାତ୍ର ବର୍ଷେ ତଳେ ଅଗ୍ନିକ ଭାବେ ଯୋଗଦେଇଥିଲେ।

### ନବୀନ ପ୍ରମାଣ...

ପ୍ରଦର୍ଶନ କରିଛନ୍ତି। ପୁରୀ ବଡ଼ଦାଣ୍ଡଠାରୁ ନୂଆଦିଲ୍ଲୀ ବିମାନବନ୍ଦର ପର୍ଯ୍ୟନ୍ତ ଧର୍ମେନ୍ଦ୍ର ନବୀନଙ୍କ ପ୍ରତି ସୌଜନ୍ୟତା ପ୍ରଦର୍ଶନରେ ଅନେକ ଉଦାହରଣ ସୃଷ୍ଟି କରିଥିଲେ ମଧ୍ୟ ରାଜନୀତିରେ ସବୁବେଳେ ସମସ୍ତଙ୍କୁ ଚକ୍‌ମା ଦେଉଥିବା ନବୀନ କିନ୍ତୁ ଏହାକୁ ଭୁଲି ଧର୍ମେନ୍ଦ୍ର ବିରୋଧୀ ହୋଇଛନ୍ତି। ତେବେ ଏସବୁର ମୂଳରେ ରହିଛି ଆଗାମୀ ୨୦୨୯ ଭୋଟ୍। ଏହି ନିର୍ବାଚନ ତାଙ୍କ ନେତୃତ୍ୱରେ ବିଜେଡି ଲଢ଼ିବ ବୋଲି ନବୀନ ଘୋଷଣା କରିଥିବା ବେଳେ ରାଜନୀତିରେ ଧର୍ମେନ୍ଦ୍ରଙ୍କୁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଧରିନେଇ ଗୋଟି ଚାଳନା ଆରମ୍ଭ କରିଦେଇଛନ୍ତି। ତେବେ ନବୀନଙ୍କ ଏହି ନୀଚମନା ରାଜନୀତିକୁ ଓଡ଼ିଶାବାସୀ କିଭଳି ଗ୍ରହଣ କରିବେ ତାହା ଆଗାମୀ ଦିନ ହିଁ କହିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ସୁବର୍ଣ୍ଣରେଖାରେ ବଢୁଛି ବନ୍ୟା ଆଶଙ୍କା



**ବାଲିଆପାଳ, ୨୯।୭ (ସଂଚାର ବ୍ୟୁରୋ)ଃ** ଗଲା କିଛିଦିନ ହେବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ବିଲ ବୁଡି ପାଣି ବାହାରକୁ ବାହାରି ଗଲାଣି ଓ ଚାରିଆଡେ ଜଳ ହିଁ ଜଳ। ଶାରଦ ବୁଣା ଧାନ ଚାଷ, ଧାନ ତଳି, ସୁବର୍ଣ୍ଣ ରେଖା ନଦୀ ତଟ ନଳିତା ଚାଷ ବର୍ଷା ପାଣିରେ ବୁଡି ରହିଛି। ଛୋଟ ଛୋଟ ନଦୀ, ନାଳ, ଜୋରର ପାଣି ଏବେ ସୁବର୍ଣ୍ଣରେଖା ନଦୀକୁ ପ୍ରବଳ ବେଗରେ ପଶୁଛି। ନଦୀର ଉପର ମୁଣ୍ଡ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବା ଜଣାଯାଇଛି। ଝାଡ଼ଖଣ୍ଡ ସରକାର ଚାନ୍ଦିଲ ଡ୍ୟାମ ପାଣି ଏବେ ଛାଡି ନାହାଁନ୍ତି। ତେବେ ଯେକୌଣସି ମୁହୂର୍ତ୍ତରେ ଡ୍ୟାମରୁ ପାଣି ଛଡା ଯାଇ ପାରେ ବୋଲି ସୂଚନା ମିଳିଛି।

ଏବେ ସୁବର୍ଣ୍ଣ ରେଖା ନଦୀର ଜଳସ୍ତର ସାମାନ୍ୟ ବଢ଼ିଥିବା ଜଳସେଚନ ବିଭାଗ ସୂତ୍ରରୁ ପ୍ରକାଶ। ଏବେ ନଦୀର ଜଳ ସ୍ତର ଜଳେଶ୍ୱର ବ୍ଲକ ରାଜଘାଟଠାରେ ବିପଦ ସଂକେତର ଢେର ତଳେ ରହିଛି। ଏଠାରେ ସତର୍କ ସୂଚନା ୯.୪୫ମି ଓ ବିପଦ ସଂକେତ ୧୦.୩୬ ମିଟର ଦିଆଯାଇଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ପ୍ରସ୍ତୁତିରେ ରହିଥିବା ବେଳେ ନଦୀକୂଳିଆ ବାଲିଆପାଳ, ବିଷ୍ଣୁପୁର, ଜାମ କୁଣ୍ଡା, ଡଗରା, ଚୌମୁଖ, ଅସ୍ତି, ଶ୍ରୀରାମପୁର, ଘଣ୍ଟୁଆ, ନିଖିରା, କୁମ୍ଭାରୀ ଆଦି ପଞ୍ଚାୟତର ଅଧିବାସୀମାନେ ଆଶଙ୍କାରେ ରହିଛନ୍ତି।

## ବିଦ୍ୟୁତ ଆଲୋକରୁ ବଞ୍ଚିତ ୪ ଗାଁ

# ୧୨ ବର୍ଷ ହେଲା ବାରଣ୍ଡାରେ ପଡ଼ିଛି ଟ୍ରାନ୍ସଫର୍ମର

**ଫୁଲବାଣୀ, ୨୯।୭ (ସଂଚାର ବ୍ୟୁରୋ)ଃ** ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ କନ୍ଧମାଳ ଜିଲ୍ଲାର ଅନେକ ଦୁର୍ଗମ ଗ୍ରାମର ଲୋକେ ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି। ଏହାର ଏକ ଉଦାହରଣ ଜଳନ୍ତ ହେଉଛି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କୁଏରୀମାଣ୍ଡୁ ଗ୍ରାମ ପଞ୍ଚାୟତର ବେରେଣି, ଦୁବୁସରା, ତିଲିକାପଦର ଓ ଅଡ଼ାବାଲି ଗ୍ରାମ। ଏହି ଚାରିଟି ଗ୍ରାମର ଲୋକେ ଆଜି ବି ପାନୀୟ ଜଳ, ବିଦ୍ୟୁତ୍, ଭଲ ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅତ୍ୟନ୍ତ କଷ୍ଟରେ ଜୀବନଯାପନ କରୁଛନ୍ତି।

ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଦେଖି ନାହାନ୍ତି ଏହି ଗ୍ରାମର ଲୋକ। ଫଳରେ ପିଲାମାନଙ୍କ ପାଠପଢ଼ା, ରାତିରେ ଆଲୋକ, ମୋବାଇଲ ଚାର୍ଜ ଭଳି ଦୈନନ୍ଦିନ ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁନାହିଁ। ଅନ୍ଧାରରେ ଲୋକ ନାହିଁ ନ ଥିବା ଅସୁବିଧାର ଶିକାର ହେଉଥିବା ବେଳେ କିଛି ଲୋକ ସୋଲାର ଲାଇଟ୍ ଦ୍ୱାରା କାମ ଚଳାଉଛନ୍ତି।



ଗ୍ରାମବାସୀଙ୍କ କହିବା ଅନୁସାରେ, ୧୨ ବର୍ଷ ତଳେ ଏହି ଚାରିଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ କାମ ଆରମ୍ଭ ହୋଇଥିଲା। ବାରାହାଲା ଠାରୁ ବେରେଣି ପର୍ଯ୍ୟନ୍ତ ୧୦ରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ପୋତାଯାଇଛି। କିନ୍ତୁ କାମ ସେତିକିରେ ଅଟକି ରହିଛି। ଗାଁ ପାଇଁ ଆସିଥିବା ଏକ ଟ୍ରାନସଫରମର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଆଜି ଯାଏଁ ପଡି ରହିଛି। କାମ ଅଧାରେ ଛାଡ଼ି ଚାଲି ଯାଇଛନ୍ତି ଠିକାଦାର। ଏପଟେ ଆଜି ପର୍ଯ୍ୟନ୍ତ ଏହି ଚାରିଟି ଗ୍ରାମର ୪୦ରୁ ଅଧିକ ପରିବାର ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ହୋଇ ରହିଛନ୍ତି। ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି ଗ୍ରାମବାସୀ। ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାନସ ମହାରଣା କହିଛନ୍ତି, ଅନୁଦାନ ଆସିଛି, ଖୁବଶୀଘ୍ର କାମ ଆରମ୍ଭ ହେବ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

# ଅସହାୟ ଅବସ୍ଥାରେ ମହିଳା

## ସରକାରୀ ସହାୟତା ଦାବି



**ରାଇଘର, ୨୯।୭ (ସଂଚାର ବ୍ୟୁରୋ)ଃ** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା ପଞ୍ଚାୟତର କଳିଆପଦର ଗ୍ରାମରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗତ ୨୭ ଓ ୨୮ ତାରିଖର ଲଗାଣ ବର୍ଷାରେ ଜଣେ ବିଧବା ମହିଳାଙ୍କ ଘରର ଏକ କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘର ଭିତରେ ଥିବା ଆସବାବପତ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ତିନି ସନ୍ତାନଙ୍କୁ ନେଇ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି।

ସୂଚନା ଅନୁଯାୟୀ, କଳିଆପଦର ଗ୍ରାମର ୩୫ ବର୍ଷୀୟା ବିଧବା ପ୍ରଶାନ୍ତି ହରିଜନଙ୍କ ସ୍ୱାମୀଙ୍କର ପ୍ରାୟ ସାତ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ସେ ନିଜର ଦୁଇ ଝିଅ ଓ ଜଣେ ପୁଅଙ୍କୁ ନେଇ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ତାଙ୍କର ବଡ଼ ଝିଅ ଚିନୁ (୧୨), ପୁଅ ସିନୁ (୧୦) ଓ ସାନ ଝିଅ ମାମୁନି (୮) ବର୍ଷ ବୟସ। ଲଗାତାର ବର୍ଷା ଯୋଗୁଁ ଘରର ଏକ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ଭାଙ୍ଗି ପଡ଼ିବା ସହ ଘର ଭିତରେ ଥିବା ଆଲମାରୀ ଉପରେ ଇଟା ପଡ଼ି ତାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଛି। ସୌଭାଗ୍ୟବଶତଃ ଘଟଣା ସମୟରେ ପରିବାରର କେହି ଆହତ ହୋଇନଥିଲେ। ତେବେ ଘରର ଅବସ୍ଥା ବିପଦଜନକ ହୋଇପଡ଼ିଥିବାରୁ ବର୍ଷା ଦିନରେ ପରିବାରର ସୁରକ୍ଷିତ ରହଣିକୁ ନେଇ ଗଭୀର ଚିନ୍ତା ସୃଷ୍ଟି ହୋଇଛି।

ଏହି ଘଟଣା ପରେ ପ୍ରଶାନ୍ତି ହରିଜନଙ୍କୁ ସରକାରୀ ସହାୟତା, କ୍ଷତିପୂରଣ ଏବଂ ପକ୍କା ଘର ଯୋଜନାରେ ସାମିଲ କରିବାକୁ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ବଡ଼ଗାଁ ଡିଗ୍ରୀ କଲେଜରେ କ୍ୟାରିଅର କାଉନସେଲିଂ




**ବଡ଼ଗାଁ, ୨୯।୭ (ସଂଚାର ବ୍ୟୁରୋ)ଃ** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଆଜି ଏକ କ୍ୟାରିଅର କାଉନସେଲିଂ ସମାରୋହ ଅନୁଷ୍ଠିତ ହୋଇଛି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ଯୋଜନାକୁ ରୂପାୟନ କରିବା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀ ମାନେ ସମବେତ ହୋଇଥିଲେ। ଛାତ୍ରୀଛାତ୍ର ମାନଙ୍କ ଉଜ୍ଜଳ ଭବିଷ୍ୟତ ନିର୍ମାଣକୁ ନେଇ ଏକ ଅଭିନବ ପ୍ରୟାସ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇ ଡ୍ରିମ୍ କ୍ୟାରିଅର ସଂସ୍ଥାର ଅଧିକାରୀ ଓ କର୍ମଚାରୀ ପ୍ରଶାନ୍ତ କୁମାର ଓ ସୁରଜ୍ ମହାନନ୍ଦିଆ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି କୌଶଳ ଅଭିବୃଦ୍ଧି ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଗୁଡ଼ିକର ପ୍ରାସଙ୍ଗିକତାକୁ ବୁଝାଇ ଭବିଷ୍ୟତ ନିର୍ମାଣରେ ଛାତ୍ରୀ ଛାତ୍ର ମାନେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନେ ନିଜର ଜ୍ଞାନ ବର୍ଦ୍ଧନ ସହିତ ଜୀବନର ଲକ୍ଷ୍ୟକୁ ହାସଲ କରିବା ପାଇଁ ସାଧନାରେ ବ୍ରତୀ ହେବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀ ଛାତ୍ର ଓ ଅଧ୍ୟାପକ, କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ବୈତରଣୀରେ ବନ୍ୟାଃ କୋରେଇ ବ୍ଲକର ୪୦ ଗାଁ ଜଳବନ୍ଦୀ

**କୋରେଇ, ୨୯।୭ (ସଂଚାର ବ୍ୟୁରୋ)ଃ** ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ଏହାର ପ୍ରଭାବରେ କୋରେଇ ବ୍ଲକ ଅଧିନସ୍ଥ ୭ ଗୋଟି ଗ୍ରାମପଂଚାୟତ ଯଥା ବନ୍ଧାଳ, ମୂଳାପାଳ, ଅମ୍ବୃତୀୟା, ମକୁନ୍ଦପୁର, ଗୌରପୁର, ରଣପୁର, ଅର୍ସନଝର ପ୍ରଭୃତି ପଂଚାୟତ ମାନଙ୍କର ୪୦ ଗୋଟି ଗ୍ରାମ ଜଳବନ୍ଦୀ ଯୋଗୁଁ ବାହ୍ୟ ଜଗତରୁ ବିଛିନ୍ନ ହେବା ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ଆଜି ଏହି ବନ୍ୟାଞ୍ଚଳ ପରିଦର୍ଶନରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଯାଜପୁର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ଓଜେସି, ଯୁବନେତା ମନୋରଞ୍ଜନ ନାୟକ, ବଟକୃଷ୍ଣ ମହାପାତ୍ର ପ୍ରମୁଖ ଏସବୁ ଅଂଚଳ ଗୁଡ଼ିକ ପରିଦର୍ଶନ କରି ଜିଲ୍ଲା ପ୍ରଶାସନ କୌଣସି ପ୍ରତିକାର କରିନଥିବାରୁ ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ବନ୍ୟା ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରିବା ସହ ସ୍ୱଚ୍ଛଜଳ, ରନ୍ଧା ଖାଦ୍ୟ ଓ ସାପ କାମୁଡ଼ା ବ୍ୟକ୍ତିଙ୍କ ପାଇଁ ଇଞ୍ଜେକ୍ସନ ପ୍ରର୍ଯ୍ୟାପ୍ତ ଯୋଗାଇ ଦେବାପାଇଁ ଶ୍ରୀମହାନ୍ତି ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।



# ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ଧାମନଗର, ୨୯।୭ (ସଂଚାର ବ୍ୟୁରୋ)ଃ** ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି-ଧାମନଗର ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ଚୂଡାକୁଟି ବଜାର ନିକଟରେ ଥିବା ଏକ ଘରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗତ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ଭଉଣୀ ଇତିଶ୍ରୀ ସାମଲ ଧାମନଗର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ କେସ ନଂ ୮ / ୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ ମୃତ ଯୁବକ ହେଲେ ଚାନ୍ଦବାଲି ଘଣ୍ଟେଶ୍ୱର ଅଞ୍ଚଳର ଗୟାଧର ସାମଲଙ୍କ ପୁଅ ତୀର୍ଥଙ୍କର ସାମଲ(୩୦)। ମୃତ ତୀର୍ଥଙ୍କର ଘର ଚାନ୍ଦବାଲି ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ମାମୁଁଘର ଚୁଡ଼ାକୁଟି ପଞ୍ଚାୟତର ତାମ୍ପଳା ନିକଟରେ ସେମାନେ ନୂତନ ଘର କରି ପ୍ରାୟ ଏକ ବର୍ଷ ହେବ ମା ଓ ପୁଅ ରହୁଥିଲେ। ତାଙ୍କ ମା ପୁରୀ ରଥଯାତ୍ରା ବୁଲିବାକୁ ଯାଇ ଦୁଇ ଦିନ ତଳେ ଘରକୁ ଫେରିବା ବେଳେ ଦେହ ଅସୁସ୍ଥ ହେବାରୁ ଯାଜପୁର ରୋଡରେ ରହୁଥିବା ନିଜ ଝିଅ ଘରକୁ ଚାଲି ଯାଇଥିଲେ। ଉକ୍ତ ଦିନ ମୃତ ତୀର୍ଥଙ୍କର ତାଙ୍କ ବଡ଼ ମାମୁଁ ରଞ୍ଜନ ସେଠୀଙ୍କ ସହିତ ରାତିରେ ଘରେ ରହିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ମାମୁଁ ଘର ପରିବାର ଲୋକେ ଉକ୍ତ ଘରକୁ ଯିବାବେଳେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଶତାୟୁ ମୁରବିଙ୍କ ପରଲୋକ



**ଯାଜପୁର, ୨୯।୭ (ସଂଚାର ବ୍ୟୁରୋ)ଃ** ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ନୂଆକୂଳ ଗ୍ରାମର ଶତାୟୁ ବରିଷ୍ଠ ମୁରବୀ ତଥା ସମାଜିକ କର୍ମୀ ହାଡିବନ୍ଧୁ ପ୍ରଧାନଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ବାସଭବନ ପରିସରରେ ପରଲୋକ ହୋଇଯାଇଛି। ପରଲୋକ ବେଳକୁ ତାଙ୍କୁ ୧୦୪ବର୍ଷ ହୋଇଥିଲା। ମାତ୍ର କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ପରଲୋକ ସମୟରେ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ବୁଧବାର ସକାଳୁସକାଳୁ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଅଂଚଳ ପରିକ୍ରମା ପରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ବଡପୁଅ ରମେଶ ଚନ୍ଦ୍ର ମୁଖାଗ୍ନୀ ଦେଇଥିଲେ ।

## ଚୁକ୍ତିଭିତ୍ତିକ ଶାରୀରିକ ଶିକ୍ଷକ ନିଯୁକ୍ତିରେ ଅନିୟମିତତା

# ୧୨ ବର୍ଷ ଧରି ନ୍ୟାୟ ପାଇଁ ଲଢୁଛନ୍ତି ରାମ ମୃତ୍ୟୁଞ୍ଜୟ

**କଳାହାଣ୍ଡି, ୨୯।୭ (ସଂଚାର ବ୍ୟୁରୋ)ଃ** କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ିର ରାମ ମୃତ୍ୟୁଞ୍ଜୟ ବାରିକ ୧୨ ବର୍ଷ ଧରି ଚୁକ୍ତିଭିତ୍ତିକ ଶାରୀରିକ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇ ଆସୁଛନ୍ତି। ଶିକ୍ଷା ବିଭାଗ ବିଜ୍ଞପ୍ତି ନମ୍ବର ୧୧୯/ଏସ ଏସ ଏ/୨୦୧୩,୧୧ ଜାନୁଆରି ୨୦୧୩ ଅନୁଯାୟୀ,୧୮୨ ଟି ଚୁକ୍ତିଭିତ୍ତିକ ଶାରୀରିକ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ଯୋଗ୍ୟତା ସତ୍ତ୍ୱେ ତାଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ବାଦ ଦିଆଯାଇଛି।

ସେ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ପରେ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟରୁ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଜଣାପଡିଥିଲା। ବିଜ୍ଞପ୍ତି ବିପି ଏଡ ସିପି ଏଡ୍ ଓ ରାଜ୍ୟ କ୍ରୀଡ଼ା ବିଭାଗରୁ ସାର୍ଟିଫିକେଟ୍ ପାଇଥିବା ସହ ଜାତୀୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ ପାରିଥିବା ପ୍ରାର୍ଥୀମାନେ ଆବେଦନ କରି ପାରିବ ବୋଲି ଉଲ୍ଲେଖ ଥିଲା । ବାସ୍ତବ ନିଯୁକ୍ତି ପ୍ରକ୍ରିୟାରେ ଏହି ନୀୟମ ସମାନ ଭାବରେ ହୋଇନଥିବା ସେ ଅଭିଯୋଗ କରିଛନ୍ତି।

ରାମ ମୃତ୍ୟୁଞ୍ଜୟ ଜାତୀୟସ୍ତରରେ ଟାଇକୋଣ୍ଡୋରେ ଅଂଶଗ୍ରହଣ କରି ସାର୍ଟିଫିକେଟ୍ ହାସଲ କରିଥିଲେ। ତାଙ୍କ ନାମ ତାଲିକାରେ ଥିବା ସତ୍ତ୍ୱେ ଟାଇକୋଣ୍ଡୋ ସାର୍ଟିଫିକେଟ୍ ଗ୍ରହଣଯୋଗ୍ୟ ନୁହେଁ ଦର୍ଶାଇ ତାଙ୍କୁ ନିଯୁକ୍ତିରୁ ବାଦ ଦିଆଯାଇଛି। ଏକ ସମ୍ମାନ ଅନୁଷ୍ଠାନରୁ ଜାତୀୟସ୍ତରୀୟ ଟାଇକୋଣ୍ଡୋ ସାର୍ଟିଫିକେଟ ପାଇଥିବା ୬ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ବାଦ ଦିଆଯାଇଛି । ଏପରି ନିଯୁକ୍ତି ପାଇଥିବା କିଛି ପ୍ରାର୍ଥୀଙ୍କ ସାର୍ଥିଫିକେଟ ଜାଲ ଥିବା ଆରଟିଆଇ ତଥ୍ୟରୁ ସୂଚନା ମିଳିଛି।

ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିବା ବେଳେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଚିଠିଲେଖି ତାଙ୍କ ନାମ ସେଠାରେ ନଥିବା ଦର୍ଶାଇ ରିପୋର୍ଟ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଯଦି ସମାନ ଅନୁଷ୍ଠାନରୁ ୪ ଜଣ କେଉଁ ଆଧାରରେ ନିଯୁକ୍ତି ଦିଆଗଲା ତାହା ତଦନ୍ତ ଆବଶ୍ୟକ ବୋଲି ରାମ ମୃତ୍ୟୁଞ୍ଜୟ ପ୍ରଶ୍ନ ଉଠାଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଜାଲ ସାର୍ଟିଫିକେଟ ବ୍ୟବହାର ଓ ଅନିୟମିତତା ହୋଇଥିବାରୁ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇ ସେ ତଦନ୍ତ ଦାବି କରିଛନ୍ତି।

# ବୈତରଣୀ ନଦୀ ବନ୍ଧରେ ଘାଇ, ୭୦ ପରିବାର ଜଳବନ୍ଦୀ

## ଫସି ରହିଥିବା ପିକଅପ୍ ଓ ଏଟିକା କାର୍ ଉଦ୍ଧାର, ଜଣେ ନିଖୋଜ



**ଆନନ୍ଦପୁର, ୨୯।୭ (ସଂଚାର ବ୍ୟୁରୋ)ଃ** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ରିଙ୍ଗ ରୋଡ଼ ବୈତରଣୀ ନଦୀ ବନ୍ଧ ରାସ୍ତାରେ ୫୦ ଫୁଟ୍ ଲମ୍ବର ଘାଇ। ୭୦ ପରିବାର ଜଳବନ୍ଦୀ। ଅଗ୍ନିଶମ ବିଭାଗ ପକ୍ଷରୁ ଜଳବନ୍ଦୀରେ ଥିବା ପରିବାର ଲୋକଙ୍କୁ ସୁରକ୍ଷିତ ଭାବେ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏଥିରେ ବହୁ ଲୋକଙ୍କ ଅନେକ କ୍ଷୟକ୍ଷତି ହୋଇଥିବା ଜଣା ପଡ଼ିଛି।

ତେବେ ଉପର ମୁଣ୍ଡରେ ଲଗାଣ ବର୍ଷାରେ ବୈତରଣୀ ବିପଦ ସଂକେତ ଥିବା ବେଳେ ବିଳମ୍ବିତ ରାତି ପ୍ରାୟ ଗୋଟାଏ ସମୟରେ ରିଙ୍ଗ ରୋଡ଼ର ମଧ୍ୟ ଭାଗରେ ଘାଇ ସୃଷ୍ଟି ହୋଇଥିଲା। ତେବେ ଏହି ଘାଇରେ ବିଳମ୍ବିତ ରାତିରେ ଗୋଟିଏ ପିକଅପ୍ ଓ ଏଟିକା କାର୍ ଫସି ରହିଥିବା ବେଳେ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଦୀର୍ଘ ୬ଘଣ୍ଟା ପରିଶ୍ରମ ପରେ ଦୁଇଟି ଗାଡ଼ି ଉଦ୍ଧାର କରାଯାଇଛି। ତେବେ ପିକପ ଗାଡ଼ିରେ ଗୋରୁ ଥିବା ନେଇ ଜଣାପଡ଼ିଛି। ତେବେ ପିକପ୍ ଚାଳକ ଚତୁର ତାର ସହ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେ ବର୍ତ୍ତମାନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଯାହା ସୂଚନା ମିଳିଛି । ପିକପ୍ ଏବଂ କାର ଚାଳକଙ୍କ ଘର ଆନନ୍ଦପୁର ଥାନା ଫକୀରପୁର ଗ୍ରାମରେ ବୋଲି ଜଣା ପଡ଼ିଛି । ଏଟିକାରେ ଥିବା ଚାଳକଙ୍କ କୌଣସି ପତ୍ତା ଏପର୍ଯ୍ୟନ୍ତ ମିଳିପାରି ନଥିବା ନେଇ ଆନନ୍ଦପୁର ଅଗ୍ନିଶମ ବାହିନୀ ଅଧିକାରୀ ଅନିଲ କୁମାର ବାରିକ୍ ପ୍ରକାଶ କରିଛନ୍ତି ।

ଏପଟେ ପ୍ରଶାସନ ପକ୍ଷରୁ ଘାଇ ସୃଷ୍ଟି ହୋଇ ଥିବା ସ୍ଥାନକୁ ବାଉଁଶ ସୁଳି ଏବଂ ବାଲି ବସ୍ତା ସାହାଯ୍ୟରେ ବନ୍ୟା ଜଳକୁ ଅଟକାଇବା ପାଇଁ ପ୍ରୟାସ ଚାଲିଛି। ଘଟଣା ସ୍ଥଳରେ ଆଡିଶିନାଲ ଏସିପି ପ୍ରତ୍ୟୁଷ ମହାପାତ୍ର, ଆନନ୍ଦପୁର ଏସଡିପିଓ କମଳା ପଣ୍ଡା,ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଥାନା ଅଧିକାରୀ ଫନିନ୍ଦ୍ର ନାଏକ, ଆନନ୍ଦପୁର ତହସିଲଦାର ପଲ୍ଲବୀ ପ୍ରିୟଦର୍ଶନୀ, ବିଡ଼ିଓ ମନୋଜ ମହାନ୍ତ, ଆନନ୍ଦପୁର ଜଳ ସମ୍ପଦ ବିଭାଗର ଅଧିକାରୀ ଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ



**ନୀଳଗିରି, ୨୯।୭ (ସଂଚାର ବ୍ୟୁରୋ)ଃ** ନୀଳଗିରି ଏନଏସି ୭ନମ୍ବର ୱାର୍ଡ଼ ବାଲିଗୋହିରି ଗ୍ରାମର ସ୍ୱର୍ଗତ ଅନନ୍ତ ମହାପାତ୍ରଙ୍କ ସାନ ପୁଅ କାହ୍ନୁଚରଣ ମହାପାତ୍ର (୩୫) ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ। ଗତ ଦେଢ଼ ମାସ ତଳେ କମ୍ପାନୀରୁ ଡ୍ୟୁଟି ସାରି କ୍ୱାଟରକୁ ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା କାର ଧକ୍କା ଦେବାରୁ ଦୁର୍ଘଟଣା ଗ୍ରସ୍ତ ଜୈନିକ ଯୁବକଙ୍କର ମୁଣ୍ଡ ମାଡ ହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ସେଠାରେ ଥିବା ସ୍ଥାନୀୟ ଏକ ଘରୋଇ ମେଡିକାଲ ୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାର ୧୫ଦିନ ପରେ ତାଙ୍କ ବଡ ଭାଇ ସଂଜୀବ ମହାପାତ୍ର କଟକ ବଡ ମେଡିକାଲ ଆଇସିୟୁରେ ଭର୍ତ୍ତି କରାଇଥିଲେ। ତେବେ ପ୍ରାୟ ଦେଢ଼ ମାସ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ସକାଳ ୯ ଘଟିକା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଜଣେ ମେଳାପି, ମିଷ୍ଟଭାସି ସ୍ୱଭାବର ଯୁବକ ଥିବାରୁ ତାଙ୍କର ମୃତ୍ୟୁରେ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ରାତି ପ୍ରାୟ ୯ ଘଟିକା ସମୟରେ ଜନ୍ମ ମାଟିରେ ପହଞ୍ଚିବା ପରେ ଶୋକାକୋଳ ପରିବେଶରେ ବରିସାହି ସ୍ଥିତ ଶ୍ମାଶନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ୫ ବର୍ଷର ଏକ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି।

# ସୋଆ ପକ୍ଷରୁ ୧୧ଟି ଗ୍ରାମରେ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯।୭ (ସଂଚାର ବ୍ୟୁରୋ)ଃ** କୃଷକଙ୍କ ସଶକ୍ତୀକରଣ, ନିରନ୍ତର କୃଷି ବିକାଶ ଏବଂ କୃଷି ଛାତ୍ରଛାତ୍ରୀଙ୍କ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ୨୦୨୬-୨୭ ନିମନ୍ତେ ଗ୍ରାମୀଣ କୃଷି କାର୍ଯ୍ୟ ଅନୁଭୂତି (ରୁରାଲ୍ ଏଗ୍ରିକଲଚରାଲ୍ ୱର୍କ ଏକ୍ସପିରିଏନ୍ସ-ରାୱେ) ଅଧିନସ୍ଥ ପ୍ରଥମ ପର୍ଯ୍ୟାୟ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଯାଇଛି।

ଜୁଲାଇ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଗ୍ରାମ ସଂଲଗ୍ନତା କାର୍ଯ୍ୟକ୍ରମ (ଭିଲେଜ୍ ଆଟାଚମେଣ୍ଟ ପ୍ରୋଗ୍ରାମ୍) ଅଧୀନରେ ଆୟୋଜିତ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ଜଟଣୀ ଓ ବାଲିଅନ୍ତା ବ୍ଲକର ୧୧ଟି ଗ୍ରାମକୁ ସାମିଲ କରାଯାଇଥିଲା। ଏହି ଗ୍ରାମଗୁଡ଼ିକ ହେଉଛି ଝିଂଟିଶାସନ, ପାଣିକଟା, ଛତାବର, ପୁରୋହିତପୁର, ମେଣ୍ଢାଶାଳ, ବୁଢ଼ିପଡ଼ା, ବରୁଡ଼ାଖଣା, ପୁରୁଣା ପଧାନ, କୁଜିମହଲ, ଭୋଳା ଏବଂ ସିଙ୍ଗିରିଶାସନ।




ଏହି ପରିପ୍ରେକ୍ଷୀରେ କୃଷକଙ୍କ ସ୍ଥାନୀୟ ଆବଶ୍ୟକତାକୁ ଆଧାର କରି ମୋଟ ୧୬ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମ୍ ବ୍ୟୟବହୁଳ, ଜଳବାୟୁ ଅନୁକୂଳ ଓ ଆୟ ବୃଦ୍ଧିକାରୀ କୃଷି ପ୍ରଯୁକ୍ତି ଉପରେ ଏହି ପ୍ରଶିକ୍ଷଣରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ କୃଷି ପ୍ରଣାଳୀ ଓ କୃଷକଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ପ୍ରସ୍ତୁତ ପ୍ରଶିକ୍ଷଣ ମଡ୍ୟୁଲ୍ ମାଧ୍ୟମରେ ଉତ୍ପାଦନ ବୃଦ୍ଧି, ଚାଷ ଖର୍ଚ୍ଚ ହ୍ରାସ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଥିବା ବୈଜ୍ଞାନିକ ପଦ୍ଧତି ସମ୍ପର୍କରେ କୃଷକଙ୍କୁ ଅବଗତ କରାଯାଇଥିଲା।

ରାୱେ କମିଟିର ଅଧ୍ୟାପକମାନଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏଥିରେ ମହିଳା କୃଷକ, ଗ୍ରାମୀଣ ଯୁବକ-ଯୁବତୀ ଏବଂ ରାୱେ ଛାତ୍ରଛାତ୍ରୀମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ସଫଳ କରିଥିଲା। କୃଷକମାନେ ସେମାନଙ୍କର କ୍ଷେତ୍ର ସ୍ତରୀୟ ସମସ୍ୟା ନେଇ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସ୍ଥାନୀୟ ପରିସ୍ଥିତି ଅନୁକୂଳ ବୈଜ୍ଞାନିକ ପରାମର୍ଶ ପାଇଥିଲେ।

## ଖବର ପରେ ଜାଗିଲା ଜଳ ସମ୍ପଦ ବିଭାଗ

# ନଦୀ ବନ୍ଧ ପରିଦର୍ଶନ କଲେ ଏସଡିଓ ସହ ଯନ୍ତ୍ରୀ

**କାକଟପୁର/ଅସ୍ତରଙ୍ଗ, ୨୯।୭ (ସଂଚାର ବ୍ୟୁରୋ)ଃ** ମହାନଦୀରେ ଜଳସ୍ତର ବଢ଼ିବାରୁ ଦେବୀ ନଦୀରେ ମଧ୍ୟ ପାଣି ବିପଦଜନକ ଭାବେ ବଢ଼ିଚାଲିଛି। ଦୁଇ ଦିନ ତଳେ ଅସ୍ତରଙ୍ଗ ବ୍ଲକ ଅସନ ନିକଟରେ ଯେଉଁ ପଥର ବୁରୁଜ ଟିକେ ଦେଖାଯାଉଥିଲା, ଆଜି ତାହା ସମ୍ପୂର୍ଣ୍ଣ ଭାବେ ନଦୀରେ ଲୀନ। ଦ୍ରୁତ ଗତିର ଜଳ ସିଧା ବନ୍ଧ ଉପରେ ଆଘାତ କରୁଛି।

ଟର୍ଣ୍ଣି ପଏଣ୍ଟରେ ଜଳର ଚାପରେ କୂଳର ମାଟି ଖସୁଛି। ଗ୍ରାମବାସୀ ନିଜ ପାଖ ଟଙ୍କାରେ ଆଣିଥିବା ବାଲି ବସ୍ତା ବି ପାଣିରେ ବୁଡିଗଲାଣି। ଅସନ ସମେତ ଆଖପାଖ ୪ରୁ ୭ ଟି ଗାଁ ଏହି ବନ୍ଧ ଉପରେ ନିର୍ଭର। ବନ୍ଧ ଭାଙ୍ଗିଲେ ଶହ ଶହ ଏକର ଜମି ଓ ଘରଦ୍ୱାର ଜଳମଗ୍ନ ହେବ।



ଗତ ଦୁଇ ରାତି ହେଲା ଲୋକ ଜୀବନ ବାଜି ଲଗାଇ ବନ୍ଧ ଜଗୁଛନ୍ତି। ସ୍ଥାନୀୟ ବାସିନ୍ଦା ହିମାଂଶୁ ରାଉତ କହିଥିଲେ , "ଦୁଇ ଦିନ ତଳୁ ବିଭାଗକୁ ଜଣାଇଲୁ। କିନ୍ତୁ ଗାଦିମଡା ଯନ୍ତ୍ରୀଙ୍କ କର୍ଣ୍ଣରେ ପବନ। ନୂଆ ଏସଡିଓ ଆସିଲେନି। ନିମାପଡା ଅଧିକ୍ଷଣ ଯନ୍ତ୍ରୀ ଏସି ରୁମ୍‌ରେ ବସି ଫୋନ୍‌ରେ ତଦନ୍ତ କରୁଛନ୍ତି। ଆମେ ଜାଗିଛୁ, ସେମାନେ ଶୋଇଛନ୍ତି।"

ଆଉ ବୁଧବାର ପ୍ରକାଶିତ ଦୈନିକ ଖବର କାଗଜ "ସଂଚାର" ଖବର ପରେ ହଲଚଲ ଜଳସମ୍ପଦ ବିଭାଗ। ଲଗାତାର ଖବର ପ୍ରକାଶ ପରେ ବୁଧବାର ଅନ୍ତତଃ କାକଟପୁର ଜଳସମ୍ପଦ ବିଭାଗର ଏସଡିଓ ଅଧିକାରିଣୀ ଓ ଯନ୍ତ୍ରୀ ତପନ ନାୟକ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କଲେ। ଯନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, "ଉଚ୍ଚ ସ୍ତରୀୟ ଅଧିକାରୀଙ୍କୁ ଜଣାଇଛୁ। ଟେକ୍ନିକାଲ ଟିମ୍ ଆସି ସର୍ଭେ କରିବ। ତା ପରେ ଟେଣ୍ଡର ହୋଇ କାର୍ଯ୍ୟ ହେବ। ବର୍ତ୍ତମାନ ଜଳସ୍ତର ବଢୁଥିଲେ ମଧ୍ୟ ପ୍ରଶାସନ ପ୍ରସ୍ତୁତ ଅଛି।"

ଗ୍ରାମବାସୀଙ୍କ କଡା ପ୍ରଶ୍ନଃ କେତେ ଦିନ ପରେ କାମ ହେବ? ଟେଣ୍ଡର ପ୍ରକ୍ରିୟା ସରିବା ପୂର୍ବରୁ ବନ୍ଧ ଭାଙ୍ଗିଲେ ଦାୟିତ୍ୱ କାହାର? କେତେ ଜଣ ମଲା ପରେ ତଦନ୍ତ କମିଟି ବସିବ? ସାଧାରଣ ଦାବି ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ପଥର ବୁରୁଜ ନିର୍ମାଣ କରାଯାଉ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ
ମୁଖ୍ୟ କାର୍ଯ୍ୟାଳୟ: ଗଣ୍ଡମୁଣ୍ଡା,ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ଦୂରଭାଷ: ୦୬୭୪-୨୪୦୦୯୨ (ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟ)
ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟ, ଆମର ପାଡୁଆ ଶାଖା ପାଇଁ ୧୦୦ ମିଟର ମଧରେ ଥିବା ଆଗ୍ରହୀ ଭୁ-ସ୍ୱାମୀଙ୍କ ଠାରୁ ପରିସର ଭଡା ସୂତ୍ରରେ ଦେବା ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ କରୁଛି | ବିଶଦ ବିବରଣୀ ପାଇଁ ଆମ ବ୍ୟାଙ୍କ ୱେବସାଇଟ୍ www.odishabank.bank.in-tender ଦେଖନ୍ତୁ।
ସ୍ୱା/- ଆଞ୍ଚଳିକ ପ୍ରବନ୍ଧକ

# ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ଓ କୋଠାବାଡ଼ିର ତୁରନ୍ତ ମରାମତି ନିର୍ଦ୍ଦେଶ



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଅଞ୍ଚଳରେ ରାସ୍ତା ଓ ସରକାରୀ କୋଠା ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ନଜରକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗ ଅଧୀନରେ ଥିବା ରାସ୍ତା ଓ ଜାତୀୟ ରାଜପଥ ଗୁଡ଼ିକର ତୁରନ୍ତ ମରାମତି ଓ ପୁନରୁଦ୍ଧାର କରି ଯାତାୟତ ଉପଯୋଗୀ କରିବା ଓ କୋଠାବାଡ଼ିର ମରାମତି ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଘୁଚାପ ଜନିତ ବର୍ଷା ଓ ବନ୍ୟା ସ୍ଥିତି ନେଇ ପୂର୍ତ୍ତ ମନ୍ତ୍ରୀ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ପ୍ରଭାବିତ ରାସ୍ତା, ସେତୁ ଓ କୋଠା ଗୁଡିକର ଶୀଘ୍ର ମରାମତି ଉପରେ ଗୁରୁତ୍ୱ ଦେଇଥିଲେ ।

ପରେ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ୍ ଲିମିଟେଡ୍, ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍-କମ୍-ରୋଡ୍ସ), ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ), ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ସମେତ ରାସ୍ତା, ସେତୁ ଓ ଜାତୀୟ ରାଜପଥ ସଂଗଠନର ସମସ୍ତ ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ଜାରି କରାଯିବା ସହ କ୍ଷତିଗ୍ରସ୍ତ ସଡ଼କର ତୁରନ୍ତ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ କୁହାଯାଇଛି। ଏଥିସହିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାତାୟତ ସ୍ୱାଭାବିକ କରିବାକୁ ନିର୍ମାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଏହି ପ୍ରସଙ୍ଗକୁ 'ଅତ୍ୟନ୍ତ ଜରୁରୀ' ଭାବେ ବିବେଚନା କରି ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ସ୍ଥିତି ଉପରେ ନିରନ୍ତର ନଜର ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସୁରକ୍ଷିତ ଯାତାୟତ ସୁନିଶ୍ଚିତ କରିବାକୁ ସବୁ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

● ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

ଢେଙ୍କାନାଳ,୨୯।୭(ସଂଚାର ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡ ଓ ୫ ଲକ୍ଷ ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଦଣ୍ଡିତ ହୋଇଥିବା ଏହି ଯନ୍ତ୍ରୀ ଜଣଙ୍କ ପୂର୍ତ୍ତ ବିଭାଗର ଭୁବନେଶ୍ୱର-୨ର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଶିବନାରାୟଣ ପାଳ। ଗତ ୨୦୨୧ରେ ସେ ଚାକିରିରୁ ଅବସର ନେଇଛନ୍ତି। କଟକ ବଡ଼ମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଥିବା ବେଳେ ଶ୍ରୀ ପାଳଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଜୁନ୍ ୨୪ରେ କଟକ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରି ତାଙ୍କର ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇଥିଲା। ଏଥିରେ ବେଆଇନ ଭାବେ ଠୁଳ ସ୍ଥାବର ଓ ଅସ୍ଥାବର ୨୭ ଲକ୍ଷ ୫୬ ହଜାର ୨୦୩ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା।

**ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ**

## ୧ରୁ ୩ ଯାଏ ବାଙ୍କୀରେ ନୋ ଫ୍ଲାଇଂ ଜୋନ୍ ଘୋଷଣା

କଟକ,୨୯।୭(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଗଷ୍ଟ ୩ ତାରିଖରେ ବାଙ୍କୀସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗସ୍ତ କରିବା ସହିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଏନଏସଏସ ଆଇନ, ୨୦୨୩ର ଧାରା ୧୪(୧) ଓ ଧାରା ୧୬୩ ଅନୁଯାୟୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଗଷ୍ଟ ୧ ତାରିଖଠାରୁ ରାଷ୍ଟ୍ରପତିଙ୍କ କଟକ ଜିଲ୍ଲା ଗସ୍ତ ସମାପ୍ତି ପର୍ଯ୍ୟନ୍ତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର, ହେଲିପ୍ୟାଡ୍, ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନ, ଭିଭିଆଇପି ରୁଟ୍ ଓ ସମ୍ପୃକ୍ତ ସୁରକ୍ଷା ସମ୍ବେଦନଶୀଳ ଅଞ୍ଚଳକୁ 'ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ କାର୍ଯ୍ୟକ୍ରମସ୍ଥଳୀ ଓ ଏହାର ଆଖପାଖ ଅଞ୍ଚଳରେ ପାରା ଗ୍ଲାଇଡର୍, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି। ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ-୨୦୨୧, ଏୟାରକ୍ରାଫ୍ଟ ଆଇନ-୧୯୩୪ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଣୁ ସମସ୍ତ ବ୍ୟକ୍ତି ଓ ସଂଗଠନ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

● ରାଜଧାନୀରେ ଚାଞ୍ଚଲ୍ୟ

## ସ୍କୁଲ କ୍ୟାମ୍ପସରୁ ଛାତ୍ରୀ ନିଖୋଜ

ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଭୁବନେଶ୍ୱରରୁ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ସ୍କୁଲ କ୍ୟାମ୍ପସରୁ ନିଖୋଜ ହୋଇଥିବା ଏହି ଛାତ୍ରୀ ଜଣଙ୍କ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ଜଣାପଡ଼ିଛି। ଆଜି ଖାଇବା ଛୁଟିରେ ସେ ଗେଟ୍ ବାହାରକୁ ଚାଲିଯାଇଥିଲେ। ଏହାପରଠାରୁ ତାଙ୍କର ଆଉ କୌଣସି ପତ୍ତା ମିଳିପାରିନାହିଁ। ଏ ନେଇ ସହିଦ ନଗର ଥାନାରେ ଛାତ୍ରୀଙ୍କ ଅଭିଭାବକ ତାଙ୍କ ଝିଅଙ୍କୁ ଅପହରଣ କରିନିଆଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କୁନିଝିଅଙ୍କୁ ଖୋଜିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି। ସ୍କୁଲ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ପୁଲିସ୍ ଉକ୍ତ ଛାତ୍ରୀଙ୍କୁ ଠାବ କରିବା ସକାଶେ ଉଦ୍ୟମ କରିଛି। ସେହିପରି ସ୍କୁଲର ଶିକ୍ଷକ, କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ମଧ୍ୟ ପୁଲିସ୍ ପଚରାଉଚରା କରୁଛି। ସ୍କୁଲ ପରିସର ସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ସଂଗ୍ରହ କରି ଖୋଜାଖୋଜି ଚାଲିଛି। ଏପରିକି ଭିଏଚ୍‌ଏଫ ମାଧ୍ୟମରେ ସମସ୍ତ ଥାନାକୁ ସତର୍କ କରାଇ ଦିଆଯାଇଛି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଥାନାଧିକାରୀଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ଟିମ୍‌ଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ଛାତ୍ରୀଙ୍କ ସନ୍ଧାନ ପାଇଁ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଚାଲିଛି। ଅନ୍ୟ ପକ୍ଷରେ କୁନି ଝିଅକୁ ନ ପାଇ ବାପା-ମା' ଭାଙ୍ଗିପଡ଼ିଛନ୍ତି।

## ପ୍ରସୂତୀ ମୃତ୍ୟୁ ଘଟଣାରେ ନର୍ସିଂହୋମ୍ ସିଲ୍



ବରଗଡ଼,୨୯।୭(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାର ବିଜେପୁରସ୍ଥିତ ଏକ ଘରୋଇ ନର୍ସିଂହୋମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଅମୃତଧାରା ନାମକ ଏହି ଘରୋଇ ନର୍ସିଂହୋମରେ ଚିକିତ୍ସାରେ ଅବହେଳା ଯୋଗୁଁ ଗର୍ଭସ୍ଥ ସନ୍ତାନ ଓ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟି ତା'ର ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ନର୍ସିଂହୋମକୁ ସିଲ୍ କରି ଦିଆଯାଇଛି।

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

ବଞ୍ଜୋ,୨୯।୭(ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସିଙ୍ଗଡୋଭ ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସନ୍ଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇଟି ବାଇକ୍ ପରସ୍ପର ସହ ଧକ୍କା ହେବା ଫଳରେ ମୋଟ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି ଏବଂ ତାଙ୍କ ନାମ ଗୁଲା ବେହେରା ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓ ପୁଲିସ ପହଞ୍ଚି ଉଭୟ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି।

## ଜଳିଗଲା ଇଲେକ୍ଟ୍ରିକ ବାଇକ



ଢେଙ୍କାନାଳ,୨୯।୭(ସଂଚାର ବ୍ୟୁରୋ): ଜଳିଗଲା ଇଲେକ୍ଟ୍ରିକ ବାଇକ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ତଳବେରଣା ନିକଟରେ ରାସ୍ତାରେ ଯାଉଥିବା ବେଳେ ଜଳିଗଲା ଇଲେକ୍ଟ୍ରି ବାଇକ। ବାଇକଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପରଜଙ୍ଗ ଥାନା ତରହତା ଗାଁର ଶିକ୍ଷକ ଗିରିଶଚନ୍ଦ୍ର ମାଟିଆମିଶ୍ର ନିଜ ଶିକ୍ଷୟିତ୍ରୀ ପତ୍ନୀଙ୍କୁ ତଳବେରଣା ପ୍ରାଥମିକ ବିଦ୍ୟାଳୟରେ ଛାଡି ଫେରୁଥିବା ବେଳେ ହଠାତ ଇଲେକ୍ଟ୍ରି ବାଇକରେ ନିଆଁ ଲାଗିଯାଇଥିଲା।

## ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ



ସୁବର୍ଣ୍ଣପୁର,୨୯।୭(ସଂଚାର ବ୍ୟୁରୋ): ସୋନପୁର ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇ ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରବୀର କୁମାର ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ସୋନପୁର-ସମ୍ବଲପୁର ରାସ୍ତାର ପଡ୍ରାପାଲି ନିକଟରେ ଏକ ଶୁଖିଲା ଲଙ୍କା ବୋଝେଇ ଟ୍ରକକୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗାଡ଼ି ଉପରେ ଶୁଖିଲା ଲଙ୍କା ବୋଝେଇ ହୋଇଥିଲେ ହେଁ ତଳେ ଚତୁରତାର ସହ ଲୁଚାଇ ରଖାଯାଇଥିବା ପ୍ରାୟ ୪ କ୍ୱିଣ୍ଟାଲ ଗଞ୍ଜେଇକୁ ଜବତ କରାଯାଇଛି। ଅବକାରୀ ସବ୍‌ଇନ୍ସପେକ୍ଟର ଶାନ୍ତନୁ କୁମାର ପଟ୍ଟନାୟକଙ୍କ କହିବାନୁଯାୟୀ, ପୁଲିସ ଓ ଅବକାରୀ ବିଭାଗକୁ ଚକ୍‌ମା ଦେବା ପାଇଁ ଗଞ୍ଜେଇକୁ ଶୁଖିଲା ଲଙ୍କା ତଳେ ଲୁଚାଇ ଅନ୍ୟତ୍ର ଚାଲାଣ କରାଯାଉଥିଲା। ଏହି ଘଟଣାରେ ଚକ୍ର ପାତ୍ର ଓ ଅଜିତ କର୍ଣ୍ଣ ନାମକ ଦୁଇ ଜଣ ପେଡଲରଙ୍କୁ ଗିରଫ କରାଯାଇଛି। ସେହିପରି ବୀରମହାରାଜପୁର ଅବକାରୀ ବିଭାଗ ପକ୍ଷରୁ ଉଡ଼ପୁର ଛକରେ ଏକ କାର୍‌କୁ ଯାଞ୍ଚ କରାଯାଇଥିଲା। ଗାଡ଼ିରୁ ପ୍ରାୟ ୧ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ ହେବା ସହ ଏହି ମାମଲାରେ ମଧ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଉଭୟ ମାମଲାରେ ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ସାଉଦି ଆରବରୁ ଫେରିଲେ ପ୍ରଳୟ



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ସାଉଦି ଆରବରେ ଫସିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର ଓଡ଼ିଶା ଫେରିଛନ୍ତି। ଏଥିପାଇଁ ସେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ହିଁ ସେ ଏତେଶୀଘ୍ର ଘରକୁ ଫେରିଥିବା କହିଛନ୍ତି ପ୍ରଳୟ ଏବଂ ତାଙ୍କ ପରିବାର ଲୋକେ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇଛନ୍ତି। ଏଥିସହ ତ୍ୱରିତ ହସ୍ତକ୍ଷେପ ପାଇଁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୦୨୪ ମେ ୨୪ ତାରିଖରେ ସାଉଦି ଆରବ ଯାଇଥିଲେ। ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହ୍ୟାଭି ଲୋଡର ଡ୍ରାଇଭର ଭାବେ କାମ କରୁଥିଲେ। ଗତ ଏପ୍ରିଲ ୩୦ ତାରିଖରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନ ଥିଲେ। ପ୍ରଳୟଙ୍କ ମା' ପ୍ରତିମା ସେଠୀ ଏନେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଚିଠି ଲେଖିଥିଲେ ଶିଳ୍ପ ମନ୍ତ୍ରୀ। ଶିଳ୍ପ ମନ୍ତ୍ରୀ ଚିଠି ଲେଖିବା ପରେ ଜେଦ୍ଦାସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କ 'ଫାଇନାଲ୍ ଏକ୍ଜିଟ୍' ଓ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ। ଦୂତାବାସର ହସ୍ତକ୍ଷେପ ଫଳରେ କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକ୍ଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇ ଦେଇଥିଲା। ଏହାପରେ ଓଡ଼ିଶା ଫେରିଛନ୍ତି ପ୍ରଳୟ। ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ। ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ବେଳେ ମାନସିକ ଦୁଶ୍ଚିନ୍ତା ବଢ଼ିଯାଇଥିଲା। ପ୍ରଳୟ ଫେରିବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି।

## ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ



ବାରଙ୍ଗ,୨୯।୭(ସଂଚାର ବ୍ୟୁରୋ): ଆଜି ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ପିସିସିଏଫ, ନନ୍ଦନକାନନ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବାଘମାନଙ୍କ ଖୁଆଡ଼ରେ ରହି ଯତ୍ନ ନେଉଥିବା ଜନ୍ତୁ ରକ୍ଷକମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶପଥ ପାଠ ଓ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପ୍ରତି ବର୍ଷ ଜୁଲାଇ ୨୯ ତାରିଖରେ ବିଶ୍ୱ ବ୍ୟାଘ୍ର ଦିବସ ପାଳନ କରାଯାଇଆସୁଛି। ବାଘମାନଙ୍କ ସଂରକ୍ଷଣ ଏବଂ ବଂଶ ବୃଦ୍ଧି ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଉଛି। ନନ୍ଦନକାନନ ବାଘମାନଙ୍କ ପ୍ରଜନନରେ ଏକ ମାଇଲ ଖୁଣ୍ଟ ହାସଲ କରିଛି। ଧଳା ବାଘ, ମହାବଳ ବାଘ ଓ ମେଲାନିଷ୍ଟିକ ବା କଳା ଲୋମଯୁକ୍ତ ବାଘ ପାଇଁ ନନ୍ଦନକାନନ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବର୍ତ୍ତମାନ ନନ୍ଦନକାନନରେ ମୋଟ ୨୯ଟି ବାଘ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୯ଟି ସାଧାରଣ ରଙ୍ଗର ମହାବଳ ବାଘ, ୬ଟି ଧଳା ବାଘ ଓ ୪ଟି ମେଲାନିଷ୍ଟିକ୍ ବାଘ ରହିଛନ୍ତି। ଆଜିର ଏହି ଦିବସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆଙ୍କ ବ୍ୟତୀତ ପିସିସିଏଫ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ନନ୍ଦନକାନନ ନିର୍ଦ୍ଦେଶକ ସନତ କୁମାର ନାରାୟଣ, ଉପନିର୍ଦ୍ଦେଶକ ମିରାସେ ପ୍ରଦୀପ ଦେବଦାସଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆଖପାଖ ବିଦ୍ୟାଳୟରୁ ଆସିଥିବା କୁନି କୁନି ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

● ମା'-ପୁଅଙ୍କୁ ହତ୍ୟା ମାମଲା

## ମାଈଁ-ଭଣଜାଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର,୨୯।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗାଁରେ ଘଟିଥିବା ବହୁଚର୍ଚ୍ଚିତ ମା'-ପୁଅ ହତ୍ୟାକାଣ୍ଡ ମାମଲାର ଚୂଡ଼ାନ୍ତ ରାୟ ଆଜି ବ୍ରହ୍ମପୁର ଓପିଆଇଡି ବିଚାରପତି ସଙ୍ଗୀତା ପାଣିଙ୍କ କୋର୍ଟରେ ପ୍ରକାଶ ପାଇଛି। କୋର୍ଟ ମାମଲାର ଦୁଇ ଅଭିଯୁକ୍ତ ଭଣଜା ଜି. ଦେବେନ୍ଦ୍ର ରେଡ୍ଡୀ ଓ ସାନ ମାଈଁ ଡି. ଗୋନାମ୍ମାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୨୪ ଫେବ୍ରୁଆରୀ ୧୮ ତାରିଖ ମଧ୍ୟରାତ୍ରିରେ ଚୁଡ଼ିଆଲାଞ୍ଜି ଗାଁର ଡି. ନୀଳାବେଣୀ (୩୫) ଓ ତାଙ୍କର ନାବାଳକ ପୁଅ ଡି. ଋଷିଙ୍କ ମୃତଦେହ ଘର ଭିତରୁ ଉଦ୍ଧାର କରାଯାଇଥିଲା। ପ୍ରଥମେ ଘଟଣାଟି ଆତ୍ମହତ୍ୟା ପରି ଲାଗୁଥିଲେ ମଧ୍ୟ ପୁଲିସ ତଦନ୍ତରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜି. ଦେବେନ୍ଦ୍ର ରେଡ୍ଡୀ ଓ ଡି. ଗୋନାମ୍ମାଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ପ୍ରଘଟ ହୋଇଯିବା ଭୟରେ ଉଭୟ ମିଶି ବଡ଼ ମାଈଁ ନୀଳାବେଣୀ ଓ ତାଙ୍କ ନାବାଳକ ପୁଅଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ମାମଲାର ବିଚାର ସମୟରେ ୩୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଓପିଆଇଡି କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

**ଅନୈତିକ ସମ୍ପର୍କ ଲୁଚାଇବାକୁ ତଣ୍ଟିଚିପି ହତ୍ୟା**

## ୪୦ କିଲୋ ଗଞ୍ଜେଇ ଜବତ: ୪ ଅଭିଯୁକ୍ତ ଗିରଫ



ଫୁଲବାଣୀ,୨୯।୭(ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟି ନିକଟସ୍ଥ ଲାକଟି ଦେବୀ ମନ୍ଦିରଠାରେ ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଖଜୁରୀପଡ଼ା ଥାନାଧିକାରୀ ଚାପଧାରୀ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ଦୀନବନ୍ଧୁ ପ୍ରଧାନ ଓ ପୁଲିସ ବାହିନୀ ଗାଡ଼ିଆପଡ଼ା ଘାଟି ନିକଟରେ ଥିବା ଲାକାଟି ଦେବୀ ମନ୍ଦିରଠାରେଏକ ଧଳା ରଙ୍ଗର କାର୍ (ନଂ.ଓଡି୦୨ଏଏସ୍ ୪୩୮୬)କୁ ଅଟକାଇ ତଲାସୀ କରିବାରୁ ସେଥିରୁ ୪୦ କିଲୋ ଓଜନର ବେଆଇନ ଗଞ୍ଜେଇ ଜବତ କରାଯିବା ସହ କାର୍‌କୁ ବି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଖୋର୍ଦ୍ଧା ବୋଲଗଡ଼ ଅନ୍ତର୍ଗତ ସମ୍ପୁରର ମାନସ କୁମାର ଲେଙ୍କା (୪୨), ଖଜୁରିପଡ଼ା ଥାନାଞ୍ଚଳ ଅନ୍ତର୍ଗତ କେରେଡ଼ିଗୁଡ଼ାର ମନୋଜ କୁମାର ପ୍ରଧାନ (୨୮), ଉତ୍ତର ପ୍ରଦେଶ ଗୋଲାଟୋଲାପୁରର ରାହୁଲ ସୋନକର (୨୦) ଓ ଗୋଲୁ ରାଜଭର (୨୩)ଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ୧୪୪/୨୬ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି।

● ସୁନା ଅଳଙ୍କାର ଚୋରି ର୍‍ୟାକେଟ ଠାବ

## ଗହଣା ଦୋକାନୀ ସମେତ ୫ ଗିରଫ



ନୀଳଗିରି,୨୯।୭(ସଂଚାର ବ୍ୟୁରୋ): ଚୋର ଦଳ ସହ ସମ୍ପର୍କ ରଖୁଥିଲେ ଜନୈକ ଗହଣା ଦୋକାନୀ। ଅଧାରୁ କମ ଦରରେ କିଣୁଥିଲେ ସୁନା ରୁପା ଆଦି ଗହଣା। ଚୋରି ଗହଣା ସବୁ ତରଲାଇ ପୁଣିଥରେ ହଲମାର୍କ ଦେଇ ବନାଉଥିଲେ ନୂଆ ସୁନାଗହଣା। ଯାହାର ପର୍ଦ୍ଦାଫାସ କରିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ପୁଲିସ। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏକ ଚୋର ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ଗହଣା ଦୋକାନୀଙ୍କଠାରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାରୁପା ଗହଣା ଜବତ କରାଯାଇଛି। ସୂଚନାନୁସାରେ, ଉଦଳା ଥାନାଞ୍ଚଳର ପେସାଦାର ଚୋର ବର୍ଣ୍ଣାଢ଼ ବିନ୍ଧାଣୀଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା। ଯେଉଁ ପରିବାର ସନ୍ଧ୍ୟା ବେଳେ ମେଳା, ବଜାର କିମ୍ବା ବନ୍ଧୁବାନ୍ଧବଙ୍କ ଘରକୁ ଯାଉଥିଲେ, ସହଯୋଗୀଙ୍କ ଦ୍ୱାରା ସେମାନଙ୍କୁ ଖବର ମିଳିଯାଉଥିଲା ଓ ଉକ୍ତ ଘରେ ଏମାନେ କଳାକନା ବୁଲାଇଦେଉଥିଲେ। ବିଶେଷକରି ମେଳା ଭିଡ଼ ଭିତରେ ଓ ମେଳାକୁ ଯାଉଥିବା ପରିବାର ଘରକୁ ଏମାନେ ଟାର୍ଗେଟ୍ କରୁଥିବା ତଦନ୍ତରୁ ଜଣାପଡ଼ିଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଏମାନଙ୍କ ନେଟୱର୍କ କାମ କରୁଥିବା ଯୋଗୁଁ ବିଭିନ୍ନ ସମୟରେ ଏମାନେ ଚୋରି କରି ଫେରାର ହୋଇଯାଉଥିଲେ। ତେବେ ଗତ ୧୬ ତାରିଖ ସନ୍ଧ୍ୟାରେ ଉଦଳା ଥାନାଞ୍ଚଳରେ ହୋଇଥିବା ଏକ ଚୋରି ଘଟଣାର ଖୋଳତାଡ଼ କରି ପ୍ରଥମେ ପେସାଦାର ଚୋର ବର୍ଣ୍ଣାଢ଼କୁ ଗିରଫ କରିବା ପରେ ତାକୁ ଧରି ନୀଳଗିରିରେ ପହଞ୍ଚିଥିଲେ ଉଦଳା ଆଇଆଇସି। ନୀଳଗିରି ଥାନା ସବଇନ୍ସପେକ୍ଟର, ଉଦଳା ଥାନା ଏଏସଆଇ ନୀଳଗିରି-ମିତ୍ରପୁର ରାସ୍ତାର ଷ୍ଟେସନ ସାହିସ୍ଥିତ ଏକ ଗହଣା ଦୋକାନରେ ଚଢ଼ାଉ କରି ମାଲିକ ହରଗୋବିନ୍ଦ ରଣାଙ୍କୁ ଗିରଫ କରିଥିଲେ। ଗୋଟିଏ କାର, ୨ଟି ବାଇକ, ୫ଟି ବିଭିନ୍ନ ବ୍ୟାଙ୍କର ପାସବହି, ୪ଟି ମୋବାଇଲ ମଧ୍ୟ ଜବତ କରାଯାଇଛି।

● କଟକ ମହାନଗର ନିଗମରୁ ଅର୍ବାନ ହାଟ ଫାଇଲ ଗାଏବ

## ୩ ବର୍ଷ ପରେ ସୂଚନା ଦେଲେ ଅଧିକାରୀ



କଟକ,୨୯।୭(ସଂଚାର ବ୍ୟୁରୋ): ତାଳଦଣ୍ଡା କେନାଲ ପ୍ରଶସ୍ତିକରଣ ନିମନ୍ତେ ଛତ୍ରବଜାର, ତାଳଦଣ୍ଡା କେନାଲ ରୋଡରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ ପାଇଁ ୪ କୋଟି ଟଙ୍କା ବ୍ୟୟରେ ୫୪୮ ପିଣ୍ଡି ନିର୍ମିତ ହୋଇଥିବା ସତ୍ତ୍ୱେ ଆରମ୍ଭରୁ ସମସ୍ୟା ଆଜି ପର୍ଯ୍ୟନ୍ତ ଲାଗିରହିଛି। ଗତ ୨୦୨୩ ଏପ୍ରିଲ ୬ରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ସଠିକ ହିତାଧିକାରୀ ଚିହ୍ନଟ, ଅର୍ବାନ ହାଟରେ କେଉଁ ଆଧାରରେ ଏହି ପିଣ୍ଡିରେ ଥଇଥାନ ହେବେ ଓ ଅର୍ବାନ ହାଟ ନିର୍ମାଣ ପାଇଁ କେତେ ଅର୍ଥ କେଉଁ କେଉଁ ବାବଦରେ ବ୍ୟୟ ହେବ, ଏନେଇ ତଥ୍ୟ କେଏମସିକୁ ସୂଚନା ଅଧିକାର ଆଇନ ଅଧୀନରେ ମାଗିଥିଲେ। ଏହି ତଥ୍ୟ ନମିଳିବାରୁ ଗତ ୨୦୨୩ ମେ' ୨୯ରେ ସେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲ ପରେ କେଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷ ତିନି ତିନି ଥର ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ ମଧ୍ୟ ଶୁଣାଣି କରି ନ ଥିଲେ। ଏହାପରେ ଶ୍ରୀ ସାହୁ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିବା ସତ୍ତ୍ୱେ ଏହି କେସ୍‌ର ଶୁଣାଣି ଦୁଇ ଦୁଇ ଥର ହୋଇସାରିଥିଲେ ମଧ୍ୟ ତଥ୍ୟ ଦେବା ପରିବର୍ତ୍ତେ କଟକ ମହାନଗର ନିଗମ (କେଏମ୍‌ସି) ବିଭାଗୀୟ ଅଧିକାରୀ ଅର୍ବାନ ହାଟ ଫାଇଲ ଖୋଜାଖୋଜି କରି ମିଳୁନାହିଁ ବୋଲି ଚିଠି ନଂ-୭୦୭୮/୭।୭।୨୬ରେ ଲିଖିତ ଭାବେ ଜଣାଇଛନ୍ତି। ଅର୍ବାନ ହାଟ ଫାଇଲ ନିଗମରୁ ଗାଏବ ହେବା ଘଟଣା ଆଶ୍ଚର୍ଯ୍ୟଜନକ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଅନିୟମିତତା ଓ ଦୁର୍ନୀତି ଲୁଚାଇବା ପାଇଁ ଏଭଳି କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଅର୍ବାନ ହାଟ ଆରମ୍ଭରୁ ପିଣ୍ଡି ଆବଣ୍ଟନ, ଥଇଥାନ ଓ ପିଣ୍ଡିରୁ ୟୁର୍ଜସ ଫି' ଆଦାୟରେ ବ୍ୟାପକ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହେବା ସହ କାଉନସିଲରେ ହୋହାଲ୍ଲା ହେଉଥିବା ବେଳେ ଶେଷରେ ଫାଇଲ ହଜିଯାଇଥିବାରୁ ଏନେଇ ଶ୍ରୀ ସାହୁ ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ରାଜଧାନୀରେ ଖୋଲିବ ଅତ୍ୟାଧୁନିକ କଂସେଇଖାନା



ଭୁବନେଶ୍ୱର,୨୯।୭(ସଂଚାର ବ୍ୟୁରୋ): ଖୁବ୍‌ଶୀଘ୍ର ଖୋଲିବ ରାଜଧାନୀର ଏକମାତ୍ର ଅତ୍ୟାଧୁନିକ କଂସେଇଖାନା। ଦୀର୍ଘଦିନ ପରେ କଳଙ୍କିଲଗା ଅସଜଡ଼ା କଂସେଇଖାନାକୁ କାର୍ଯ୍ୟକ୍ଷମ କରିବା ସକାଶେ ବିଏମ୍‌ସି ଅଣ୍ଟା ଭିଡ଼ିଛି। ଏନେଇ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସେପଟେ ପୂର୍ବପରି

**ମେସିନରେ ମାଂସକଟାକୁ ବ୍ୟବସାୟୀଙ୍କ ନାପସନ୍ଦ**

ମେସିନରେ ମାଂସକଟାକୁ ନାପସନ୍ଦ କରିଛନ୍ତି ବ୍ୟବସାୟୀ। କଂସେଇଖାନା ଭିତରେ ଯଦି ହାତରେ ମାଂସ କାଟିବାକୁ ଅନୁମତି ମିଳିବ, ତା'ହେଲେ ବ୍ୟବସ୍ଥାକୁ ଆପଣାଇବେ ବୋଲି କହିଛନ୍ତି ମାଂସ ବ୍ୟବସାୟୀମାନେ କହିଛନ୍ତି। ଦୀର୍ଘ ଦିନର ଅପେକ୍ଷା ପରେ ଏବେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ସ୍ଥାନୀୟ ଗାଡ଼କଣରେ ନିର୍ମିତ କଂସେଇଖାନା। ଏନେଇ ମେସର୍ସ ଓମନିଭର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଦାୟିତ୍ୱ ଦିଆଯାଇଛି। ଚୁକ୍ତି ଅନୁସାରେ, ୫ ବର୍ଷ ଯାଏଁ ଏହି ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ହେଲେ ଏଥର ମାଗଣା ନୁହେଁ କଂସେଇଖାନାରୁ ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖିଛି ବିଏମସି। ଏଜେନ୍ସିଠାରୁ ରାଜସ୍ୱ ଆକାରରେ ମାସିକ ୨୦ ହଜାର ଟଙ୍କା ଆଦାୟ କରାଯିବ। ପ୍ରତି ଛେଳି ପିଛା ୫୦ ଟଙ୍କା ଦେୟ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୩ଟି ୱାର୍ଡର ବ୍ୟବସାୟୀ ଏଠି ମାଂସ କାଟିବେ। ପରେ ଅନ୍ୟ ୱାର୍ଡର ବ୍ୟବସାୟୀଙ୍କୁ ଏଥିରେ ସାମିଲ କରାଯିବ। ବିଦ୍ୟୁତ ସଂଯୋଗ ପରେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଏମ୍‌ସି ସ୍ପଷ୍ଟ କରିଛି।

୨୦୧୭ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଂସେଇଖାନାକୁ ଉଦ୍‌ଘାଟନ କରିଥିଲେ। ଏହି କଂସେଇଖାନାର ନିର୍ମାଣରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଉଦ୍‌ଘାଟନ ପରଠାରୁ ଏହା ବନ୍ଦ ପଡ଼ିଥିଲା। ପୁନର୍ବାର ଗତ ୨୦୨୧ରେ ନୂଆ ଟେଣ୍ଡର ଡକାଯାଇ ଏହାର ପୁନରୁଦ୍ଧାର କରାଯାଇଛି। ତଥାପି ଏହା ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏକାଧିକ ଟେଣ୍ଡର ପୁନରୁଦ୍ଧାର କାମରେ ଅଦ୍ୟାବଧି ସାଢ଼େ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି କଂସେଇଖାନାରେ ସ୍ୱୟଂଚାଳିତ ଅତ୍ୟାଧୁନିକ ବ୍ୟବସ୍ଥା, ଶୀତଳ ଭଣ୍ଡାର, ଆମିଷ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ, ମାଂସ ଧୋଇବା ପାଇଁ ଉଭୟ ଥଣ୍ଡା ଓ ଗରମ ପାଣି ସହ ସଫେଇ ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ୍ ସରବରାହ ପାଇଁ ଡିଜି ଓ ଟ୍ରାନ୍ସଫର୍ମର ବି ବସିଛି। ହେଲେ ବର୍ଷ ବର୍ଷ ଧରି ବିନା ବ୍ୟବହାରରେ ପଡ଼ି ରହିଥିବାରୁ ଅନେକ ଦାମୀ ଯନ୍ତ୍ରପାତି ଏବେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ତେବେ ଯେତିକି ବି ଯନ୍ତ୍ରପାତି କାର୍ଯ୍ୟ କରୁଛି, ତାକୁ ଆଧାର କରି କଂସେଇଖାନା କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଶିଳ୍ପ କ୍ଷେତ୍ର ଉତ୍ପାଦନ ୭.୩%କୁ ବଢ଼ିଲା



## ବିନିର୍ମାଣ, ବିଜୁଳି, ଗ୍ୟାସ ଯୋଗାଣରେ ଆଖିଦୃଶିଆ ଉନ୍ନତି

**ନୂଆଦିଲ୍ଲୀ,୨୯।୭:** ଚଳିତ ବର୍ଷ ଜୁନ ମାସରେ ଦେଶର ଶିଳ୍ପ ୟୁନିଟ ଗୁଡିକ ଉତ୍ପାଦନରେ ଆଖି ଦୃଶିଆ ଅଭିବୃଦ୍ଧି ରେକର୍ଡ ହୋଇଛି । ଏହି ଅବଧିରେ ଶିଳ୍ପ କ୍ଷେତ୍ର ଉତ୍ପାଦନ ୭.୩% ବୃଦ୍ଧି ହୋଇଛି । ମେ ମାସରେ ଏହା ୫.୧% ଥିଲା । ବିନିର୍ମାଣ କ୍ଷେତ୍ରର ସମ୍ପ୍ରସାରଣ, ବିଜୁଳି ଏବଂ ଗ୍ୟାସ ଯୋଗାଣରେ ଉନ୍ନତି ଯୋଗୁ ଶିଳ୍ପ କ୍ଷେତ୍ର ପ୍ରଦର୍ଶନ ବେଶ ଉନ୍ନତ ରହିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୁପାୟନ ମନ୍ତ୍ରଣାଳୟ ରିପୋର୍ଟରେ ଉଲ୍ଲେଖ ରହିଛି । ମନ୍ତ୍ରଣାଳୟର ସୂଚନା ମୁତାବକ, ୭.୮% ଅଭିବୃଦ୍ଧି ସହ ବିନିର୍ମାଣ ବର୍ଗ ସବୁଠୁ ଆଗରେ ରହିଛି । ବିଜୁଳି ଓ ଗ୍ୟାସ ଯୋଗାଣ କ୍ଷେତ୍ରରେ ୧୦.୬% ବୃଦ୍ଧି ପରିଲକ୍ଷିତ ହୋଇଛି । ଖଣି ଓ ଖନନ କ୍ଷେତ୍ର ୧%, ଜଳ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୬.୧% ବୃଦ୍ଧି ହୋଇଛି । ୨୦୨୬ ଜାନୁଆରିରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ ୧୨୩.୧% ରହିଛି । ଏହା ୨୦୨୫ ଜୁନରେ ୧୧୪.୭% ଥିଲା । ବିନିର୍ମାଣ ଅଧିନରେ ୨୩ ଶିଳ୍ପ ଗ୍ରୁପରୁ ୧୯ଟିରେ ଜୁନ ମାସରେ ସକରାତ୍ମକ ଅଭିବୃଦ୍ଧି ଦେଖାଯାଇଛି । ବିନିର୍ମାଣ ଅଭିବୃଦ୍ଧିରେ ୩ ପ୍ରମୁଖ ଯୋଗଦାନକାରୀ ମଧ୍ୟରେ ସାମିଲ ରହିଛି ଇଲେକ୍ଟ୍ରିକ ଯନ୍ତ୍ରାଂଶ, ମୋଟର ଯାନ,



ଟ୍ରେଲର, ସେମିଟ୍ରେଲର ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦନ । ଏସବୁ କ୍ଷେତ୍ରରେ ଯଥାକ୍ରମେ ୩୪%, ୧୭.୫% ଏବଂ ୧୦.୮% ବୃଦ୍ଧି ହୋଇଛି । ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ ବର୍ଗରେ ଅଭିବୃଦ୍ଧି ଲାଗି ୟୁପିଏସ୍, ସଲିଡ ଷ୍ଟେଟ ଡ୍ରାଇଭର, ଅପ୍ଟିକାଲ ଫାଇବର ଏବଂ କେବଲ ଲାଗି ଏଣ୍ଡଫେସ କନେକ୍ଟର, ଇଲେକ୍ଟ୍ରିକାଲ ସର୍କିଟକୁ ସୁରକ୍ଷା ଦେବା ଲାଗି ଇଲେକ୍ଟ୍ରିକାଲ ଆପାରେଟସ ପ୍ରମୁଖ ଯୋଗଦାନ ଦେଇଛନ୍ତି । ଅନ୍ୟପଟେ ମୋଟର ଯାନ ବର୍ଗ ଅଭିବୃଦ୍ଧିକୁ ଦେଖିଲେ ଅଟୋମୋବାଇଲ ଯନ୍ତ୍ରାଂଶ, ସ୍ପେୟାର ଏବଂ ଆସେସୋରିଜ, ପାସେଞ୍ଜର କାର, ବାଣିଜ୍ୟିକ ଯାନ ପ୍ରମୁଖ ସ୍ଥାନରେ ରହିଛି । ଖାଦ୍ୟ ସାମଗ୍ରୀ ବର୍ଗରେ ଚା, ଚାଉଳ ଅଭିବୃଦ୍ଧିର କାରକ ପାଲଟିଛନ୍ତି । ଉପଯୋଗିତା ଭିତ୍ତିକ ବର୍ଗୀକରଣକୁ ଦେଖିଲେ କ୍ୟାପିଟାଲ ଗୁଡ୍ସ ବା ପୁଞ୍ଜି ଉତ୍ପାଦ ଉତ୍ପାଦନ ୧୪.୨% ବଢ଼ିଛି । ଯାହା ନିରନ୍ତର ନିବେଶ କାର୍ଯ୍ୟକଳାପକୁ ଦର୍ଶାଉଛି। ଇଣ୍ଟରମିଡିଏଟ ଗୁଡ୍ସ ଉତ୍ପାଦନ ୯.୩%, ଭିତ୍ତିଭୂମି ଓ ନିର୍ମାଣ ସାମଗ୍ରୀ ଉତ୍ପାଦନ ୭.୫%, ଖାଉଟି ସାମଗ୍ରୀ ୭.୭%, ପ୍ରାଇମେରୀ ଗୁଡ୍ସ, କଞ୍ଜ୍ୟୁମର ନନ୍ ଡ୍ୟୁରେବୁଲ୍ସ ଉଭୟ କ୍ଷେତ୍ରରେ ୪.୯% ଅଭିବୃଦ୍ଧି ରହିଛି । ଶିଳ୍ପ କ୍ଷେତ୍ର ଉତ୍ପାଦନରେ ଆଖିଦୃଶିଆ ଅଭିବୃଦ୍ଧି ୬ ମାସରେ ସବୁଠାରୁ ତୀବ୍ର ରହିଛି । ୨୦୨୫ ଜୁନ ତୁଳନାରେ ୧.୫% ଅଧିକ ଅଭିବୃଦ୍ଧି ହାସଲ କରିଛି ଶିଳ୍ପ କ୍ଷେତ୍ର । ଜୁନରେ ତୃତୀୟ ଥର ଲାଗି ପରିବର୍ତ୍ତିତ ଶିଳ୍ପ ଉତ୍ପାଦନ ସୂଚକାଙ୍କ ଜାରି ହୋଇଛି । ଏହି ସିରିଜ ଲାଗି ୨୦୨୨-୨୩କୁ ମୂଳ ବର୍ଷ ଭାବେ ବିଚାର କରାଯାଇଛି ।

## ଏୟାର ଇଣ୍ଡିଆକୁ ସୁଧାରିବା ପାଇଁ ଏକ ଦଶନ୍ଧି ଲାଗିବ

**ନୂଆଦିଲ୍ଲୀ,୨୯।୭:** ସରକାରଙ୍କଠାରୁ ୧୮ ହଜାର କୋଟି ଟଙ୍କାରେ ଏୟାର ଇଣ୍ଡିଆକୁ କିଣିଥିବା ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ କହିଛନ୍ତି ଯେ ଏୟାରଲାଇନ୍‌ରେ ସୁଧାର ଆଣିବାକୁ ଏକ ଦଶନ୍ଧି ସମୟ ଲାଗିଯିବ। ବିମାନର କିଛି ଗୁରୁତ୍ୱପୂର୍ଣ୍ଣ ଉପକରଣ ମିଳିବାରେ ଅସୁବିଧା ହେବା, କିଛି ଦେଶର ଆକାଶ ମାର୍ଗରେ କଟକଣା, ଇନ୍ଧନ ଦର ବୃଦ୍ଧି ଓ ଗତବର୍ଷ ଅହମଦାବାଦରେ ଘଟିଥିବା ଭୟଙ୍କର ଦୁର୍ଘଟଣା ପାଇଁ କମ୍ପାନିରେ ସୁଧାର ଆଣିବା ବିଳମ୍ବ ହେବ। ଏୟାର ଇଣ୍ଡିଆକୁ ପାଞ୍ଚ ବର୍ଷ ଭିତରେ ସୁଧାରିବା ପାଇଁ କମ୍ପାନିର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ୱିଲସନ୍ କ୍ୟାମ୍ପବେଲ୍ ୨୦୨୨ ସେପ୍ଟେମ୍ବରରେ ଏକ ଯୋଜନା ଘୋଷଣା କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୩୦ରୁ ସେ ନିଜ ପଦରୁ ଅବ୍ୟାହତି ନେବେ। ଏପର୍ଯ୍ୟନ୍ତ ତାଙ୍କ ଉତ୍ତରାଧିକାରୀ ଘୋଷଣା କରାଯାଇନାହିଁ। ୨୦୨୫-୨୬ ଆର୍ଥିକ ବର୍ଷରେ ଏୟାର ଇଣ୍ଡିଆ ୨୨,୨୩୮ କୋଟି ଟଙ୍କାର କ୍ଷତି ସହିଛି ଯାହା ୨୦୨୪-୨୫ ଆର୍ଥିକ ବର୍ଷର ୧୦,୮୫୯ କୋଟି ଟଙ୍କା କ୍ଷତିଠାରୁ ଦୁଇ ଗୁଣାରୁ ଅଧିକ।




### ଅଟୋ ଇଣ୍ଡଷ୍ଟ୍ରୀ ଉପରେ ବର୍ଷାର ପ୍ରଭାବ

## ବନ୍ଦ ହେଲା ଉତ୍ପାଦନ, ସପ୍ଲାଏ ବି ପ୍ରଭାବିତ

**ଗୁଜରାଟ,୨୯।୭:** ଦେଶର ବିଭିନ୍ନ ରାଜ୍ୟରେ ବର୍ଷା ବିତ୍ପାତ ଲାଗି ରହିଛି । ଗୁଜରାଟରେ ପ୍ରବଳ ବର୍ଷା ଯୋଗୁଁ ଏବେ ଦେଶର ଅଟୋ ଇଣ୍ଡଷ୍ଟ୍ରୀ ଉପରେ ବଡ଼ ପ୍ରଭାବ ପଡ଼ିଛି । ଟାଟା ମୋର୍ଟସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମ୍ୟାନୁଫ୍ୟାକ୍ଚରିଂ ପ୍ଲାଣ୍ଟ ବନ୍ୟା ଯୋଗୁ ପ୍ରଭାବିତ ହୋଇଛି। ଯାହାର ପ୍ରଭାବ କମ୍ପାନୀ ଉପରେ କାର୍ ଉତ୍ପାଦନ ଉପରେ ପଡ଼ିଛି । ଏହି ପ୍ଲାଣ୍ଟରେ କମ୍ପାନୀର ଲୋକପ୍ରିୟ କାର୍ ମ୍ୟାନୁଫ୍ୟାକ୍ଚରିଂ ହୁଏ । ଯଦି ସ୍ଥିତି ସାମାନ୍ୟ ନ ହୁଏ, ତେବେ ଏହାର ପ୍ରଭାବ ଡିଲସିପ ଏବଂ ଅନ୍ୟ ଗାଡ଼ି ସପ୍ଲାଏ ଉପରେ ପଡ଼ିବ । ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ଲିମିଟେଡ୍ ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ମିଳିଛି କି, ଗୁଜରାଟର ସାଣନ୍ଦ ସ୍ଥିତ ପ୍ଲାଣ୍ଟ ଏବଂ ଆଖପାଖରେ ଥିବା ଅନେକ ସପ୍ଲାଇ ୟୁନିଟରେ ବନ୍ୟା ଯୋଗୁଁ କାମ ପ୍ରଭାବିତ ହୋଇଛି । ଅନେକ ଦିନରୁ ପ୍ରବଳ ବର୍ଷା ଯୋଗୁଁ ଫ୍ୟାକ୍ଟ୍ରିରେ ଗାଡ଼ି ପ୍ରଡକ୍ସନ ବନ୍ଦ ପଡ଼ିଛି । ସାଣନ୍ଦ ପ୍ଲାଣ୍ଟ କମ୍ପାନୀ ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଡକ୍ସନ ହବ୍ ମଧ୍ୟରେ ଅନ୍ୟତମ । କମ୍ପାନୀ ତରଫରୁ ପ୍ଲାଣ୍ଟ ଏବଂ ସପ୍ଲାୟର୍ସ ଫ୍ୟାକ୍ଟ୍ରିରେ ଉତ୍ପାଦନ ପୁଣି କରିବାର କାମ ଜୋରଦାର ଚାଲିଛି । ଆଗାମୀ କିଛିଦିନରେ ସ୍ଥିତି ସାମାନ୍ୟ ହୋଇଯିବ ବୋଲି କମ୍ପାନୀ ଆଶା କରିଛି । ବନ୍ୟାରେ କେତେ ଆର୍ଥିକ କ୍ଷତି ହୋଇଛି, ତାହାର ଆକଳନ ହୋଇନାହିଁ । ଟାଟା ମୋର୍ଟସ ପାଖରେ ବନ୍ୟା ଏବଂ ଅନ୍ୟ ପ୍ରାକ୍ତିକ ବିପର୍ଯ୍ୟୟ ପାଇଁ ଇନ୍ସ୍ୟୁରାନ୍ସ କଭର ରହିଛି । କିନ୍ତୁ କମ୍ପାନୀ କେତେ ଏହାର କ୍ଷତିପୂରଣ ଦେବ ତାହା ଜଣାନାହିଁ । ଟାଟା ମୋଟର୍ସ ପାଇଁ ସାଣନ୍ଦ ପ୍ଲାଣ୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି । ଏଠାରେ କମ୍ପାନୀର ସବୁଠାରୁ ଶସ୍ତା କାର୍ ଟାଟା ଟିଗୋ, ଟିଗୋର ସେଡାନ, ନେକ୍ସନ, ସିଆରା ଭଳି କାର୍ ନିର୍ମାଣ ହୁଏ । ଯଦି ଏପରି ସ୍ଥିତି ଖୁବଶୀଘ୍ର ସାମାନ୍ୟ ନ ହୁଏ, ତେବେ ଟାଟାର ଏହି କାର୍ ପ୍ରଡକ୍ସନ ଏବଂ ସପ୍ଲାଏ ଉପରେ ପଡ଼ିବ । ଗୁଜରାଟରେ ଚଳିତବର୍ଷ ପ୍ରବଳ ବର୍ଷା ହୋଇଛି । ପ୍ରବଳ ବର୍ଷା ଯୋଗୁଁ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଅହମଦାବାଦ ଏବଂ ମୁମ୍ବାଇ ମଧ୍ୟରେ ଚାଲୁଥିବା ଅନେକ ଟ୍ରେନ ପ୍ରଭାବିତ ହୋଇଛି ।



### ଜୋହୋର 'ଅରଟ୍ଟାଇ' ଆପ୍‌ର ବଡ଼ ପଦକ୍ଷେପ

## ଆଧାର ଜରିଆରେ ଆକାଉଣ୍ଟ ଭେରିଫିକେସନ୍ ଆରମ୍ଭ




**ନୂଆଦିଲ୍ଲୀ,୨୯।୭:** ମେସେଜିଂ ଆପ୍‌ରେ ନୂଆ ବିପ୍ଳବ ! ଅରଟ୍ଟାଇରେ ଆରମ୍ଭ ହେଲା ଆଧାର ଭେରିଫିକେସନ୍। ଦେଶରେ ମେସେଜିଂ ପ୍ଲାଟଫର୍ମ କ୍ଷେତ୍ରରେ ହ୍ୱାଟ୍ସଆପ୍ ସବୁଠାରୁ ଆଗରେ ଥିଲେ ମଧ, ଶ୍ରୀଧର ଭେମ୍ବୁଙ୍କ କମ୍ପାନୀ 'ଜୋହୋ' ର ସ୍ୱଦେଶୀ ମେସେଜିଂ ଆପ୍ 'ଅରଟ୍ଟାଇ' ଏଭଳି ଏକ କାମ କରିଛି ଯାହା ବିଷୟରେ ହ୍ୱାଟ୍ସଆପ୍ ଚିନ୍ତା ମଧ କରିପାରିନାହିଁ । ଆପ୍ ପକ୍ଷରୁ ଡିଜିଟାଲ୍ ଠକେଇ ରୋକିବା ପାଇଁ ଆଧାର ଆପ୍ ଆଧାରିତ ଭେରିଫିକେସନ୍ ବା ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସରଳ ଭାଷାରେ କହିବାକୁ ଗଲେ, ଅରଟ୍ଟାଇ ଆପ୍ ୟୁଜର୍ସମାନେ ବର୍ତ୍ତମାନ କେବଳ ଭେରିଫାଇଡ୍ ଆକାଉଣ୍ଟଗୁଡ଼ିକଠାରୁ ମେସେଜ୍ ଗ୍ରହଣ କରିବାର ବିକଳ୍ପ ବାଛିପାରିବେ । ଯଦି ଆପଣ ଅରଟ୍ଟାଇ ବ୍ୟବହାର କରୁଛନ୍ତି ଏବଂ ଆପଣଙ୍କ ଆକାଉଣ୍ଟ ଭେରିଫାଇଡ୍ ନାହିଁ, ତେବେ ଆପଣ ସେହି ୟୁଜର୍ସମାନଙ୍କୁ ମେସେଜ୍ ପଠାଇ ପାରିବେ ନାହିଁ ଯେଉଁମାନେ କେବଳ ଭେରିଫାଇଡ୍ ୟୁଜର୍ସଙ୍କଠାରୁ ମେସେଜ୍ ପାଇବାକୁ ଚାହାଁନ୍ତି। ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ଉଭୟରେ ଉପଲବ୍ଧ: ଏହି ନୂତନ ଫିଚର୍ ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସ୍ପାମ୍ ମେସେଜ୍‌ରୁ ରକ୍ଷା କରିବା । ଆକାଉଣ୍ଟ ଭେରିଫାଇ କରିବା ପାଇଁ ୟୁଜର୍ସଙ୍କୁ ଆଧାର ଆପ୍‌ର ସାହାଯ୍ୟ ନେବାକୁ ପଡ଼ିବ । ଅରଟ୍ଟାଇରେ ଏହି ସୁବିଧା ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ସହିତ ୱିଣ୍ଡୋଜ୍ ଏବଂ ମ୍ୟାକ୍ ୟୁଜର୍ସଙ୍କ ପାଇଁ ମଧ ଉପଲବ୍ଧ କରାଯାଇଛି । ୨୦୨୧ ମସିହାରେ ଲଞ୍ଚ ହୋଇଥିବା ଏହି ଆପ୍‌କୁ ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ କରାଯାଇଛି । କୌଣସି ଡାଟା ଟ୍ରାକିଂ, ଟାର୍ଗେଟେଡ୍ ବିଜ୍ଞାପନ ବା ମନିଟରିଂ ବିନା ୟୁଜର୍ସଙ୍କୁ ଏକ ସୁରକ୍ଷିତ ଏବଂ ବିଶ୍ୱାସଯୋଗ୍ୟ ପ୍ଲାଟଫର୍ମ ପ୍ରଦାନ କରିବା ଏହି ଆପ୍‌ର ମୂଳ ଲକ୍ଷ୍ୟ । ଏହା ଜୋହୋର ଇନଫ୍ରାଷ୍ଟ୍ରକ୍ଚର ଉପରେ ନିର୍ମିତ ଭାରତୀୟ ଆପ୍ । ହ୍ୱାଟ୍ସଆପ୍ ପରି ଚାଟ୍ ଏବଂ ଫାଇଲ୍ ଟ୍ରାନ୍ସଫର୍ କରିବାର ସୁବିଧା ରହିଛି । ହିନ୍ଦୀ, ଗୁଜୁରାଟୀ, ଓଡ଼ିଆ ଏବଂ ତାମିଲ ସମେତ ୧୦ଟି ଭାରତୀୟ ଭାଷାରେ ଏହା ଉପଲବ୍ଧ ।

## ଫୋନ୍ ପେ, ଗୁଗଲ୍ ପେ'ରେ ଆଉ ଦେଖାଯିବନି ପୂରା ନମ୍ବର

**ନୂଆଦିଲ୍ଲୀ,୨୯।୭:** ଡିଜିଟାଲ୍ ପେମେଣ୍ଟ କରୁଥିବା ଲୋକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଡିଜିଟାଲ୍ ଡାଟା ଏବଂ ପ୍ରାଇଭେସିକୁ ସୁରକ୍ଷିତ ରଖିବା ପାଇଁ ଏନ୍‌ପିସିଆଇ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ରିପୋର୍ଟ ଅନୁସାରେ, ଭାରତରେ 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ ଆଇନ୍' ଲାଗୁ କରିବା ପାଇଁ ଏନ୍‌ପିସିଆଇ ପ୍ରମୁଖ ୟୁପିଆଇ ଆପ୍ ଏବଂ ବ୍ୟାଙ୍କଗୁଡ଼ିକ ସହିତ ଆଲୋଚନା କରୁଛି । ଏଠାରେ ଏନ୍‌ପିସିଆଇର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାହକଙ୍କ ମୋବାଇଲ୍ ନମ୍ବର ଏବଂ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷିତ ରଖିବା, ଯାହାଫଳରେ ଏହାର କୌଣସି ବି ପ୍ରକାରର ଅପବ୍ୟବହାର କରାଯାଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଏନ୍ପିସିଆଇ ପୂର୍ବରୁ ହିଁ ପେମେଣ୍ଟ ଆପ୍ସଗୁଡ଼ିକୁ ଲୋକଙ୍କ ମୋବାଇଲ୍ ନମ୍ବର ଲୁଚାଇବା ପାଇଁ ନିର୍ଦ୍ଦେଶ ଜାରି କରିସାରିଛି । ଏଭଳି ପରିସ୍ଥିତିରେ କୌଣସି ଅଜଣା ବ୍ୟକ୍ତିଙ୍କୁ ପେମେଣ୍ଟ କରୁଥିବା ବ୍ୟକ୍ତିଙ୍କର ପୂରା ନମ୍ବର ଆଉ ଦେଖାଯିବ ନାହିଁ । କାହିଁକି କରାଗଲା ପରିବର୍ତ୍ତନ ? ୟୁପିଆଇ ପେମେଣ୍ଟ ପାଇଁ ସାଧାରଣତଃ ମୋବାଇଲ୍ ନମ୍ବରଗୁଡ଼ିକୁ ମୁଖ୍ୟ ଭାବରେ ବ୍ୟବହାର କରାଯାଇଥାଏ । ଏହା ସୁରକ୍ଷା ଦୃଷ୍ଟିରୁ ହେଉଥିଲେ ମଧ ପ୍ରାଇଭେସି ପାଇଁ ଏହା ଏକ ବଡ଼ ବିପଦ ମଧ ସୃଷ୍ଟି କରୁଛି । ଏହାକୁ ନେଇ ସୋସିଆଲ୍ ମିଡିଆରେ ଅନେକ ମହିଳା ୟୁଜର୍ସଙ୍କ ଦ୍ୱାରା ପରିଚୟ ଏବଂ ସୁରକ୍ଷାକୁ ନେଇ ଅନେକ ଅଭିଯୋଗ ଦାଖଲ କରାଯାଇଥିଲା । ଏହି କାରଣରୁ ଏନ୍ପିସିଆଇ ଡାଟା ସୁରକ୍ଷା ଆଇନ୍ ଅଧୀନରେ ମୋବାଇଲ୍ ନମ୍ବର ଏବଂ ସମ୍ପୂର୍ଣ୍ଣ ନାମ ଭଳି ସୂଚନାଗୁଡ଼ିକୁ ସୁରକ୍ଷିତ ରଖିବା ଉପରେ ଜୋର ଦେଉଛି । ଆଉ ଦେଖାଯିବ ନାହିଁ ପୂରା ଫୋନ୍ ନମ୍ବରଃ 'ମନିକଣ୍ଟ୍ରୋଲ'ର ରିପୋର୍ଟ ଅନୁସାରେ, ଏନ୍ପିସିଆଇ ପେମେଣ୍ଟ ଆପ୍ସଗୁଡ଼ିକୁ ଗ୍ରାହକମାନଙ୍କର ଫୋନ୍ ନମ୍ବର ଲୁଚାଇବା ପାଇଁ ନିର୍ଦ୍ଦେଶ ଜାରି କରିସାରିଛି । ଏହାପରେ କୌଣସି ବି ଟ୍ରାଞ୍ଜାକ୍ସନ୍ ସମୟରେ ୟୁଜର୍ଙ୍କର ପୂରା ମୋବାଇଲ୍ ନମ୍ବର କୌଣସି ଅଜଣା ବ୍ୟକ୍ତିଙ୍କୁ ଦେଖାଯିବ ନାହିଁ । ଏହାଦ୍ୱାରା ୟୁଜର୍ସଙ୍କ ପ୍ରାଇଭେସି ବହୁ ପରିମାଣରେ ମଜବୁତ ହେବ ଏବଂ ସାଇବର ଫ୍ରଡ୍ ବା ନମ୍ବର ଅପବ୍ୟବହାର ଭଳି ଘଟଣାଗୁଡ଼ିକ ଉପରେ ମଧ ସହଜରେ ରୋକ୍ ଲଗାଯାଇପାରିବ । ଏନ୍ପିସିଆଇ ବର୍ତ୍ତମାନ ସମସ୍ତ ବଡ଼ ବ୍ୟାଙ୍କ ଏବଂ ଗୁଗଲ୍ ପେ, ଫୋନ୍ପେ ପରି ୟୁପିଆଇ ଆପ୍ସଗୁଡ଼ିକ ସହିତ ମିଶି ଏକ ମଜବୁତ ସିଷ୍ଟମ୍ ପ୍ରସ୍ତୁତ କରୁଛି । ରିପୋର୍ଟ ଅନୁସାରେ, ନୂତନ ସୁରକ୍ଷିତ ଏବଂ ପ୍ରାଇଭେଟ୍ ସିଷ୍ଟମରେ ଯେପରି କୌଣସି ପ୍ରକାରର ତ୍ରୁଟି ନରହେ, ସେଥିପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ଦାୟିତ୍ୱକୁ ସ୍ପଷ୍ଟ କରାଯାଉଛି । ଏହାଦ୍ୱାରା ସାଧାରଣ ଲୋକଙ୍କୁ ଏହି ଲାଭ ମିଳିବ ଯେ ଭବିଷ୍ୟତରେ ହେବାକୁ ଥିବା ୟୁପିଆଇ ବା ଡିଜିଟାଲ୍ ପେମେଣ୍ଟ ଅଧିକ ସୁରକ୍ଷିତ ଏବଂ ପ୍ରାଇଭେଟ୍ ହୋଇଯିବ । ବିଶେଷ କରି ମହିଳାମାନଙ୍କୁ ନିଜର ନମ୍ବର ଅଜଣା ଲୋକଙ୍କ ପାଖରେ ପହଞ୍ଚିବାର ଭୟ ଆଉ ରହିବ ନାହିଁ ।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

### ଅଳ୍ପକେ ଟଳିଲା ବଡ଼ ଅଘଟଣ

## ବରଗଛର ଡାଳଭାଙ୍ଗି ଛିଡ଼ିଲା ବିଦ୍ୟୁତ ତାର, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ



କେନ୍ଦ୍ରାପଡ଼ା,୨୯।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭାଗବତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଇଲୋ ୟୁପି ସ୍କୁଲ ସମ୍ମୁଖରେ ଥିବା ଏକ ବିପଦଜନକ ବରଗଛର ବିଶାଳ ଡାଳ ବୁଧବାର ହଠାତ୍ ଭାଙ୍ଗି ପଡ଼ିବାରୁ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଡାଳଟି ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିବାରୁ ବିଦ୍ୟୁତ୍ ତାର ମଧ୍ୟ ଛିଣ୍ଡିଯାଇଥିଲା । ଘଟଣାରେ କେତେକ ଛାତ୍ରଛାତ୍ରୀ ଆହତ ହୋଇଥିବାବେଳେ ଏକ ବଡ଼ ଧରଣର ଦୁର୍ଘଟଣା ଅଳ୍ପକେ ଟଳିଯାଇଛି । ଘଟଣା ସମୟରେ ଅଧିକାଂଶ ଛାତ୍ରଛାତ୍ରୀ ଶ୍ରେଣୀଗୃହ ଭିତରେ ପାଠପଢ଼ାରେ ବ୍ୟସ୍ତ ଥିବାରୁ ବହୁ ସଂଖ୍ୟକ ପିଲା ବିପଦରୁ ରକ୍ଷା ପାଇଯାଇଥିଲେ । ଯଦି ସେହି ସମୟରେ ପିଲାମାନେ ସ୍କୁଲ ପରିସର ବାହାରେ କିମ୍ବା ଗଛ ତଳେ ଥାଆନ୍ତେ ତେବେ ଅଘଟଣ ଅଧିକ ଭୟାବହ ହୋଇପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।

# ସେବା ନାଁରେ ବ୍ଲକ୍ ଅଫିସ୍‌ରେ ଚାଲିଛି ଲୁଟ୍‌ର ବେପାର

### ୩ ଦଫା ଦାବି ନେଇ ବ୍ଲକ ସାମ୍ନାରେ ବିଜୁ ଜନତା ଦଳର ବିକ୍ଷୋଭ



କାକଟପୁର/ଅସ୍ତରଙ୍ଗ,୨୯।୭ (ସଂଚାର ବ୍ୟୁରୋ): ଲୋକଙ୍କ ସେବା ପାଇଁ ଯେଉଁ ବ୍ଲକ୍ ଅଫିସ୍, ସେ ଆଜି ଲୁଟ୍ ର ମଣ୍ଡି ପାଲଟିଗଲାଣି। ଗରିବଙ୍କ ଆବାସ ଟଙ୍କାରୁ ପିସି, ଫାଇଲ୍ ଆଗେଇବା ପାଇଁ ଲାଞ୍ଚ ଆଉ ନିଜ ନିର୍ବାଚନ ମଣ୍ଡଳୀରେ ବସି ଚାଲିଛି ମିଲିଟାରୀ ଶାସନ। ଏହି ଅଭିଯୋଗକୁ ନେଇ ବୁଧବାର ମଧ୍ୟାହ୍ନରେ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ସାମ୍ନାରେ ଗର୍ଜିଛି ବିଜୁ ଜନତା ଦଳ।

କାକଟପୁର ବ୍ଲକ ବିଜେଡି ସଭାପତି ଶ୍ରୀଯୁକ୍ତ ପ୍ରାଣନାଥ ମଲ୍ଲିକଙ୍କ ନେତୃତ୍ୱରେ କାକଟପୁର ବଜାରରୁ ବାହାରିଥିଲା ବିରାଟ ରାଲି। ଶତାଧିକ କର୍ମୀ ହାତରେ ପ୍ଲାକାର୍ଡ ଧରି "ଭୋଟ ଦେଲ ଫୁଲରେ, ଗାଈ ଜଗିବ ବିଲରେ" "ଲାଞ୍ଚଖୋର ବିଡିଓ ଗୋ ବ୍ୟାକ୍" ନାରା ଦେଇ ବ୍ଲକ୍ ଅଫିସ୍ ଆଗରେ ପହଞ୍ଚିଲେ। କାକଟପୁର ବ୍ଲକର ୧୬ଟି ପଂଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଓ ଶହ ଶହ ବିଜୁ ପ୍ରେମୀ ଏହି ଗଣବିକ୍ଷୋଭରେ ସାମିଲ ହୋଇଥିଲେ।

ବିଜେଡି କହୁଛି, କାକଟପୁର ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣକ ସିଧା ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦଲାଲ ସାଜିଛନ୍ତି। ଜନତାଙ୍କ କାମ ବଦଳରେ ଯନ୍ତ୍ରୀଙ୍କ ସହ ମିଶି ବ୍ଲକ୍ ରେ ଖୋଲାଖୋଲି ଭାବେ ପିସି ଓ ଲାଞ୍ଚ ଆଦାୟ କରୁଛନ୍ତି। କିଛି ଦିନ ତଳେ ଲାଞ୍ଚ ନେଉଥିବାର ପ୍ରସଙ୍ଗ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କିନ୍ତୁ ପ୍ରଶାସନ ଆଖି ବୁଜି ଶୋଇପଡିଛି।

ଜିଲ୍ଲାପରିଷଦ ଉପାଧ୍ୟକ୍ଷ ତଥା ରାଜ୍ୟ ବିଜେଡି ସମ୍ପାଦକ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ ସିଧା ବିଡିଓଙ୍କ ନାଁ ନେଇ ବର୍ଷିଥିଲେ । ସେ କହିଥିଲେ , "ବିଡିଓ ସାଧାରଣ ଲୋକଙ୍କ ସେବା କରୁନାହାଁନ୍ତି। ଗାମୁଛା ପକାଇ ଆସୁଥିବା ଦଳୀୟ ଲୋକଙ୍କ କଥାରେ କାମ କରୁଛନ୍ତି।"

ସବୁଠୁ ଚାଞ୍ଚଲ୍ୟକର କଥା ହେଲା, ବର୍ତ୍ତମାନ କାର୍ଯ୍ୟରତ ବିଡିଓ ଶ୍ରୀ ନାରାୟଣ ଦୀକ୍ଷିତ କାକଟପୁର ନିର୍ବାଚନ ମଣ୍ଡଳୀର ହିଁ ଲୋକ। ଏପ୍ରିଲ ୨୦୨୬ ରେ ରାଜ୍ୟ ସରକାର ସ୍ପଷ୍ଟ କହିଥିଲେ କୌଣସି ଅଧିକାରୀ ନିଜ ନିର୍ବାଚନ ମଣ୍ଡଳୀରେ ରହିପାରିବେ ନାହିଁ। କିନ୍ତୁ ବିଡିଓ ଜଣକ ସେହି ନିର୍ଦ୍ଦେଶକୁ ଖାତିର ନ କରି ମିଲିଟାରୀ ଶାସନ ଚଳାଉଛନ୍ତି। କେଉଁ ଆଧାର ରହିଛନ୍ତି ତାହା ପ୍ରଶ୍ନ କରିଥିଲେ। ଫଳରେ ସାଧାରଣ ଲୋକ ନିଜ ସମସ୍ୟା ନେଇ ବ୍ଲକ୍‌କୁ ଯିବାକୁ ଡରୁଛନ୍ତି। ଏହି ବିକ୍ଷୋଭରେ ପୁରୀ

ଦାବୀପତ୍ର ଦେବା ସମୟରେ ସେ ସିଧା ବିଡିଓଙ୍କୁ କହିଲେ, "ଆମେ ତୁମକୁ ଦେବୁନି" ଏବଂ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲେ। କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା କହିଥିଲେ, ପିସି କାରବାର ପ୍ରସଙ୍ଗ ଭିଡିଓ ଭାଇରାଲ ହେବା ପରେ ବିଡିଓଙ୍କ ଅସଲ ଚେହେରା ସାମ୍ନାକୁ ଆସିଲା। ନିଜ ଦାଗ ଘଷ୍ଟ ଘୋଡାଇବାକୁ ସେ ଯନ୍ତ୍ରୀ ଙ୍କ ସହ ମିଶି ଥାନାରେ ମିଛ କେସ୍ କରାଇଲେ। ଯୁବ ନେତା ବିଶ୍ୱଜିତ ଦାଶ କହିଥିଲେ , "୨୪ ବର୍ଷରେ ଏମିତି ନିମ୍ନ ମାନସିକତା ର ପ୍ରଶାସନ ଆମେ ଦେଖିନୁ।"

ବିଜେଡିର ୩ ଦଫା ଦାବି ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ପଂଚାୟତ ସ୍ତରୀୟ ଯାଞ୍ଚ କମିଟି ଗଠନ, ପଂଚାୟତ ସମିତିରେ ଚାଲିଥିବା ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ, ବିଡିଓ ନାରାୟଣ ଦୀକ୍ଷିତଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ।

ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲାପାଳ ଓ ଏସପି ଅଫିସ୍ ଘେରାଉ କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି।

### ୧୯୯୯ ପରେ ପ୍ରଥମ ଥର ବନ୍ୟାଜଳ ଦେଖିଲା ଦଇପୁର ଓ ଚୁଡ଼ାକୁଟି

# ରେବ-ଗେଙ୍ଗୁଟି ବଢ଼ିପାଣିରେ ବୁଡ଼ିଲା ୭ ଗାଁ

### ୫୦୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ, ଲୋକଙ୍କ ମନରେ ଛନକା



ଧାମନଗର,୨୯।୭ (ସଂଚାର ବ୍ୟୁରୋ): ବୈତରଣୀ ଓ ଏହାର ଶାଖାନଦୀ ଗେଙ୍ଗୁଟିର ପ୍ରଳୟଙ୍କରୀ ରୂପ ଯୋଗୁଁ ଧାମନଗର ବ୍ଲକରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗୁରୁତର ହୋଇପଡ଼ିଛି। ତେବେ ଚଳିତ ବନ୍ୟାରେ ଏକ ଅଭାବନୀୟ ଓ ନୂଆ ଚିତ୍ର ଦେଖିବାକୁ ମିଳିଛି। ଧାମନଗର ବ୍ଲକର ସାଧାରଣତଃ ୨୦ରୁ ଅଧିକ ପଞ୍ଚାୟତ ନିୟମିତ ଭାବେ ବନ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ବେଳେ, ଚଳିତ ଥର ପ୍ରଥମ ଥର ପାଇଁ ସୁରକ୍ଷିତ କୁହାଯାଉଥିବା ଦଇପୁର ଓ ଚୁଡ଼ାକୁଟି ପଞ୍ଚାୟତ ଭିତରକୁ ବନ୍ୟା ଜଳ ପ୍ରବେଶ କରିଛି। ୧୯୯୯ ମସିହାର ଭୟଙ୍କର ମହାବାତ୍ୟା ସମୟରେ ଆସିଥିବା ବନ୍ୟା ପରେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ପ୍ରଥମ ଥର ପାଇଁ ଏହି ଦୁଇଟି ପଞ୍ଚାୟତରେ ବନ୍ୟା ଜଳ ପଶିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି।

ଦୀର୍ଘ ବର୍ଷ ପରେ ରେବ ନଦୀର ଅପ୍ରତ୍ୟାଶିତ ବଢ଼ିପାଣି ଏବଂ ଗେଙ୍ଗୁଟି ନଦୀର ବନ୍ୟା ଜଳ ଅସୁରାଳି ବାଟେ ମାଡ଼ି ଆସିବାରୁ ଏହି ଅଞ୍ଚଳରେ ଜଳପ୍ଲାବନ ସୃଷ୍ଟି ହୋଇଛି। ଚୁଡ଼ାକୁଟି ପଞ୍ଚାୟତର ସୋରିଷଡିହି, ତାମ୍ପଲା, ସରେଇ, ବିଦ୍ୟାଧରପୁର ଓ ପଳସା ଗାଁ ବନ୍ୟା ଜଳରେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ସେହିପରି ଦଇପୁର ପଞ୍ଚାୟତର ତାଳସିଠା ଓ ନାରାୟଣପୁର ଗାଁ ଭିତରକୁ ବନ୍ୟା ପାଣି ମାଡ଼ି ଯାଇଛି। ଏହି ଦୁଇ ପଞ୍ଚାୟତର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବନ୍ୟା ଦ୍ୱାରା ସୀଧାସଳଖ ପ୍ରଭାବିତ ହୋଇଛନ୍ତି। ଅନେକ ଲୋକଙ୍କ ଘର ଭିତରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ସେମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି। କେବେ ହେଲେ ବନ୍ୟା ଜଳ ଦେଖି ନଥିବା ଏହି ଅଞ୍ଚଳର ବାସିନ୍ଦାମାନେ ହଠାତ୍ ଘର ଭିତରେ ପାଣି ପଶିଯିବାରୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ଏବଂ ସେମାନଙ୍କ ମନରେ ଏବେ ଗଭୀର ଛନକା ପଶିଛି। ଅପ୍ରତ୍ୟାଶିତ ଭାବେ ଏହି ନୂତନ ଅଞ୍ଚଳଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରିବା ମାତ୍ରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ଅତ୍ୟନ୍ତ ତତ୍ପରତା ପ୍ରକାଶ କରିଛି।

## ଘର ବାଡ଼ିରେ ଅତଡ଼ା ଖସିଲା, ବିପଦରେ ପରିବାର



ନୀଳଗିରି,୨୯।୭ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଧିନସ୍ଥ ସଜନାଗଡ଼ ପଂଚାୟତ ରେ ଗତ ୨୭ତାରିଖ ପ୍ରବଳ ବର୍ଷା ଯୋଗୁଁ ୧୯ନମ୍ବର ରାଜ୍ୟ ରାଜପଥର ସଜନାଗଡ଼ ବେହେରା ସାହି ସମ୍ମୁଖରେ ଘାଘରା ନଦୀ ଉପରେ ପୂର୍ତ୍ତ ବିଭାଗପକ୍ଷରୁ ନିର୍ମିତ ନୂତନ ପୋଲର ଉତ୍ତର ପାର୍ଶ୍ୱରେ ସମନାଥ ନାୟକ, ବିଶ୍ୱନାଥ ନାୟକ, କାଶୀନାଥ ନାୟକ ଓ ଗୋପୀନାଥ ନାୟକ ଘର ରହିଛି। ନଦୀରେ ପ୍ରବଳ ବନ୍ୟା ଜଳ ଆସୁବାରୁ ତାଙ୍କ ବାଡ଼ିରୁ ମାଟି ଅତଡ଼ା ଖସି ପରିବାର ପ୍ରତି ବିପଦ ସୃଷ୍ଟି କରିଛି। ଏନେଇ ବିଶ୍ୱନାଥ ନାୟକ ଡ୍ରେନେଜ ବିଭାଗ ଏକଜୁଟ ଇଞ୍ଜିନିଅର, ଜିଲ୍ଲାପାଳ ବାଲେଶ୍ୱର ଓ ବିଧାୟକ ନୀଳଗିରିକୁ ବାରମ୍ବାର ସାକ୍ଷାତ କରିବା ସହିତ ଲିଖିତ ଜଣାଇବା ପରେ ସରଜମୀନ ତଦନ୍ତ କରାଯାଇ ବର୍ଷାଦିନ ପୂର୍ବରୁ କାର୍ଯ୍ୟ ହେବ ବୋଲି କହିଥିଲେ। ମାତ୍ର ଗୋଟିଏ ଥର ବନ୍ୟାରେ ଯେଉଁ ପରିମାଣ କ୍ଷୟକ୍ଷତି ଘଟିଛି ତୁରନ୍ତ ବାଲି ବସ୍ତା ପକାଇ ରକ୍ଷାଣ ବେକ୍ଷଣ ନକଲେ, ଘରେ ରହିବା ପାଇଁ ବିପଦ ସୃଷ୍ଟି କରିବ। ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ନାୟକ ପରିବାର ସହିତ ଗ୍ରାମବାସୀ ଦାବି କରାଯାଇଛି।

## ଗାଁକୁ ରାସ୍ତା ନାହିଁ, ଷ୍ଟ୍ରେଚରରେ ବୁହା ହେଲେ ରୋଗୀ



ଫୁଲବାଣୀ,୨୯।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଅନେକ ଗ୍ରାମକୁ ଆଜି ବି ପକ୍କା ରାସ୍ତା ନଥିବାରୁ ଲୋକେ ଜରୁରୀ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଗୁରୁତର ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଛି। ଏଭଳି ଏକ ଘଟଣା ଚକାପାଦ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଚକାପାଦ ବ୍ଲକ ଲାଇନପଡ଼ା ପଞ୍ଚାୟତ ଅନ୍ତର୍ଗତ ନେଡିପାକୁ ଗ୍ରାମର ୬୦ ବର୍ଷୀୟା ସୁଭଦ୍ରା କହଁର ଅସୁସ୍ଥ ହୋଇପଡ଼ିବାରୁ ପରିବାର ପକ୍ଷରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଖବର ପାଇ ଆମ୍ବୁଲାନ୍ସ ଗାଁ ଅଭିମୁଖେ ବାହାରିଥିଲେ ମଧ୍ୟ ଗ୍ରାମଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ବାଲୁଗୁଡ଼ା ସାହି ଘାଟି ନିକଟରେ ରାସ୍ତା ଅତ୍ୟନ୍ତ ଖରାପ, କାଦୁଅପୂର୍ଣ୍ଣ ଓ ଅଣଓସାରିଆ ଥିବାରୁ ଆଗକୁ ଯାଇପାରିନଥିଲା। ଏହାପରେ ୧୦୮ ଆମ୍ବୁଲାନ୍ସର ଇଏମ୍‌ଟି ବି. ଜଗନ ପାତ୍ର, ପାଇଲଟ ଗଣେଶ ଦିଗାଲ ଓ ହେଲ୍ପର ସୁନୀଲ କୁମାର ନାୟକ ଷ୍ଟ୍ରେଚର ଧରି ପାଦରେ ଚାଲି ରୋଗୀଙ୍କ ଘରେ ପହଞ୍ଚିଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ କାଦୁଅ ରାସ୍ତା ଦେଇ ପ୍ରାୟ ଦେଢ଼ କିଲୋମିଟର ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଏହାପରେ ରୋଗୀଙ୍କୁ ଖଜୁରୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ସମ୍ଭବ ନହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ରାସ୍ତା ଅଭାବରୁ ଗ୍ରାମବାସୀଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ନିଜ ଜୀବନକୁ ବିପଦରେ ପକାଇ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଆଣିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଓ ସହଯୋଗ କରିଥିବା ଗ୍ରାମବାସୀଙ୍କ ମାନବିକତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ମାନବିକତାର ଉଦାହରଣ ସାଜିଲେ ବ୍ଲକ ଅଧ୍ୟକ୍ଷ

## ଲଗାଣ ବର୍ଷାକୁ ଖାତିର ନକରି ଅସହାୟ ପରିବାର ପାଖରେ ପହଞ୍ଚିଲେ



ରାଇଘର,୨୯।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷାକୁ ଖାତିର ନକରି ବିପଦରେ ପଡ଼ିଥିବା ଜଣେ ଅସହାୟ ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର। ତାଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ପଞ୍ଚାୟତର କଲିଆପଦର ଗାଁରେ ଲଗାଣ ବର୍ଷା ଯୋଗୁଁ ଅସହାୟ ବିଧବା ପ୍ରଶାନ୍ତି ହରିଜନଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ତିନି ସନ୍ତାନଙ୍କୁ ନେଇ ଦୁଃଖକଷ୍ଟରେ ଜୀବନଯାପନ କରୁଥିବା ପ୍ରଶାନ୍ତିଙ୍କ ପରିବାର ଅଧିକ ଅସୁବିଧାରେ ପଡ଼ିଥିଲେ।

ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୭ ବର୍ଷ ବିତିଥିବା ବେଳେ ପ୍ରଶାନ୍ତି ତାଙ୍କ ତିନି ସନ୍ତାନଙ୍କୁ ନେଇ କୁଲି ମଜୁରି କରି ପରିବାର ଚଳାଇ ଆସୁଛନ୍ତି। ଏଭଳି ସମୟରେ ଲଗାଣ ବର୍ଷାରେ ଘର କ୍ଷତିଗ୍ରସ୍ତ ହେବା ପରେ ପରିବାରଟି ଅସହାୟ ହୋଇପଡ଼ିଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଲଗାଣ ବର୍ଷାକୁ ଖାତିର ନକରି ରାଜସ୍ୱ ପରିଦର୍ଶକଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ପରିବାରର ଦୁଃଖଦ ଅବସ୍ଥା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ।

ପଦବୀର ଅହଂକାର ନୁହେଁ, ବରଂ ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ଜଣେ ଜନପ୍ରତିନିଧିଙ୍କ ପ୍ରକୃତ ପରିଚୟ। ଏହି ଘଟଣାରେ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ମାନବିକ ପଦକ୍ଷେପ ଏହାର ଏକ ଉଦାହରଣ ସୃଷ୍ଟି କରିଛି। ବିପଦ ସମୟରେ ଅସହାୟ ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଥିବାରୁ ତାଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

### ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୧ତମ ବଜ୍ରପାତ ବଳିଦାନ ଦିବସ

# ସ୍ମୃତିର ସୁରଭିରେ ୧୦ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି



ବେତନଟୀ,୨୯।୭ (ସଂଚାର ବ୍ୟୁରୋ): କାଳର କୃଷ୍ଣପଟ୍ଟରେ ଯେତେବେଳେ ପ୍ରକୃତିର ତାଣ୍ଡବଲୀଳା କରାଳ ରୂପ ଧାରଣ କରେ, ସେତେବେଳେ ସୃଷ୍ଟି ହୁଏ ଅଭୁଲା ଅଶ୍ରୁର ଇତିହାସ। ଆଜି ଜୁଲାଇ ୨୯ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ, ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ୪୧ ବର୍ଷ ପୂର୍ବେ ବଜ୍ରପାତର ଶରବ୍ୟ ହୋଇ ଅକାଳରେ ଝଡ଼ିପଡ଼ିଥିବା ୧୦ ଜଣ କୋମଳମତି ଶିଶୁଙ୍କର ୪୧ତମ ଦାରୁଣ ସ୍ମୃତି-ତର୍ପଣ ଓ ସ୍ମାରକୀ ସଭା।

ପୁରାତନ ଦୁଃଖର ସେହି ଦିନକୁ ମନେପକାଇ ଗଗନ-ପବନ ଶୋକାକୁଳ ହୋଇଉଠିଥିବା ବେଳେ, ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ତର୍ପଣ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଭାବଗମ୍ଭୀର ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିଥିଲେ ଶ୍ରୀ ସୁରେଶ କୁମାର ବେହେରା ଓ ନିତ୍ୟାନନ୍ଦ ସାହୁ।

ଏହି ସ୍ମୃତି ସଭାରେ ମୟୂରଭଞ୍ଜ ଓଷ୍ଟା ର ସମ୍ପାଦକ କିଶୋର ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ଓ.ଏ.ଏସ. ଅଧିକାରୀ ରମାକାନ୍ତ ମହାନ୍ତି, ସମାଜସେବୀ ପ୍ରାକ୍ତନ ଶିକ୍ଷକ ବିଷ୍ଣୁଚରଣ ସାହୁ, ସମାଜସେବୀ ଶ୍ରୀ ଭୀମଚରଣ ପାତ୍ର, ନଦପୁର ସି.ଆର.ସି.ସି. ଗଙ୍ଗାଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସରୋଜିନୀ ମହାନ୍ତ, ଓଷ୍ଟା ବ୍ଲକ ସଭାପତି ଶିଶିର ନାୟକ, ସମାଜସେବୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ଏସ.ଏମ.ସି. ଉପ-ସଭାନେତ୍ରୀ ରଶ୍ମିତା କରଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାକୁସୁମ ଅର୍ପଣ କରିଥିଲେ।

ଅତିଥିଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ, "କାଳର କରାଳ ଗ୍ରାସରେ ସେଦିନ ଝଡ଼ିପଡ଼ିଥିବା ୧୦ଟି କଳିକା ଆଜି ବି ଆମ ହୃଦୟରେ ଅମର। ସେମାନଙ୍କ ବିଚ୍ଛେଦର ବେଦନା ଆଜି ବି ବିଦ୍ୟାଳୟର ପ୍ରତିଟି କୋଣରେ ଗୁଞ୍ଜରିତ ହୁଏ।" ସେମାନଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ସଭାର ମୂଳ ଲକ୍ଷ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ସଭାର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଚିନ୍ମୟୀ ମହାପାତ୍ର ସମସ୍ତ ଅଭ୍ୟାଗତ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଶ୍ରଦ୍ଧାପୂର୍ଣ୍ଣ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଶ୍ରୁଳ ଆଖି ଓ ନୀରବ ପ୍ରାର୍ଥନା ମଧ୍ୟରେ ଏହି ସ୍ମୃତି ସଭା ଉଦ୍‌ଯାପିତ ହୋଇଥିଲା।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଙ୍ଗୋତ୍ରୀ ଓ କୃଷ୍ଣଙ୍କୁ ସିଲଭର ମେଡାଲ



କେନ୍ଦ୍ରାପଡ଼ା,୨୯।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଭାରତ୍ତୋଳନ ସଂଘର ମିଳିତ ସହଯୋଗରେ ଚଳିତ ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରତ୍ତୋଳନ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଭାରତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବାଳକ ବର୍ଗର ୬୦ କିଲୋଗ୍ରାମ ଓଜନ ବିଭାଗରେ ପଟ୍ଟାମୁଣ୍ଡାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର କୃଷ୍ଣ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ହାସଲ କରିଥିବା ବେଳେ, ୧୪ ବର୍ଷରୁ କମ୍ ବାଳିକା ବର୍ଗର ୫୫ କିଲୋଗ୍ରାମ ଓଜନ ବିଭାଗରେ କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଗଙ୍ଗୋତ୍ରୀ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ଜିତିଛନ୍ତି।ଉଭୟ ପ୍ରତିଯୋଗୀ ପ୍ରତିଯୋଗିତାର ମୁଖ୍ୟ ଅତିଥିମାନଙ୍କଠାରୁ ସିଲଭର ମେଡାଲ ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ସେମାନଙ୍କର ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।ଏହି ସଫଳତା ପଛରେ କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଭାରତ୍ତୋଳନ ପ୍ରଶିକ୍ଷକା ସୂର୍ଯ୍ୟପ୍ରଭା ମହାନ୍ତି ଏବଂ ପଟ୍ଟାମୁଣ୍ଡାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ପ୍ରଶିକ୍ଷକା ସ୍ୱାଗତିକା ବିଶ୍ୱାଳଙ୍କ ଉଲ୍ଲେଖନୀୟ ଅବଦାନ ରହିଛି।

## ସରକାରୀ ମେଡିକାଲ କଲେଜ ହସ୍ପିଟାଲର ନାମକରଣକୁ ବିରୋଧ




ଫୁଲବାଣୀ,୨୯।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା,ଫୁଲବାଣୀ ଠାରେ ନବ ନିର୍ମାଣ ହୋଇଥିବା ମେଡିକାଲ କଲେଜ, ହସ୍ପିଟାଲ ଆଜ କୁ ପ୍ରାୟ ଦେଢ଼ ବର୍ଷ ହେବ ମେଡିକାଲ କଲେଜର ନାମକରଣ "ସରକାରୀ ମେଡିକାଲ କଲେଜ ହସ୍ପିଟାଲ, କନ୍ଧମାଳ" ନାମରେ ହୋଇଥିଲା ବେଳେ, ବର୍ତ୍ତମାନ ୨୭.୭.୨୬ ରିଖରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି କରିଛନ୍ତ ଯେ, କନ୍ଧମାଳ ମେଡିକାଲ କଲେଜର ନାମ ପରିବର୍ତ୍ତନ କରି, "ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ ହସ୍ପିଟାଲ" ନାମରେ କରିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏହି ନାମକୁ ଆଗରୁ କନ୍ଧମାଳ ମିଳିତ ମଞ୍ଚ ବିରୋଧ କରିଥିଲେ କିନ୍ତୁ ସେହି ସମୟରେ ମେଡିକାଲ କଲେଜ ହସ୍ପିଟାଲ ଉଦ୍‌ଘାଟନ କରିବାକୁ ତରବର ହୋଇ ବିଜେପି ସରକାର ସରକାରୀ ମେଡିକାଲ କଲେଜ ହସ୍ପିଟାଲ, କନ୍ଧମାଳ ନାମରେ ଉଦ୍ଘାଟନ କରିଥିଲେ। ହେଲେ ବର୍ତ୍ତମାନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ ହସ୍ପିଟାଲ ନାମକୁ କନ୍ଧମାଳ ଆଦିବାସୀ ଏବଂ କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ଘୋର ବିରୋଧ କରିଛନ୍ତି। ଯଦି ଏହି ନାମକୁ ସରକାର ପୁନଃ ବିଚାର ନ' କରେ ତାହା ହେଲେ, କନ୍ଧମାଳ ମିଳିତ ମଞ୍ଚର ସଭାପତି ସମିର ଘଟାଲ ଏବଂ ଆଦିବାସୀ ନେତା ଲମ୍ବୋଦର କହଁର ଯୋରଦାର ବିକ୍ଷୋଭ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେଠାରେ ପଞ୍ଚାନନ କହଁର ଙ୍କ ସମେତ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ ।

## ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ସହାୟତା



ମାର୍ଶାଘାଇ,୨୯।୭(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ୍ ବଟିରା ପଞ୍ଚାୟତ ଅନ୍ତର୍ଗତ ବଟିରା ଗ୍ରାମର ଅନନ୍ତ ଖଟୁଆଙ୍କ ୪୦ ବର୍ଷ ବୟସରେ ଗତ ଜୁନ୍ ୧୯ ରେ ମୃତ୍ୟୁ ଘଟିଛି। କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ଅନନ୍ତ। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହିସାବରେ ଦିନମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ମିନତି ଓ ଦୁଇ ନାବାଳିକ ସନ୍ତାନ ଏବେ ଅସହାୟ ହୋଇପଡିଛନ୍ତି। ନିତିଦିନିଆ ଜୀବନ ବଞ୍ଚିବାକୁ ମଧ୍ୟ ସେ କଷ୍ଟରେ ରହୁଛନ୍ତି। ଏହି ଖବର ଜାଣିବାକୁ ପାଇ ମହାକାଳପଡ଼ା ବ୍ଲକ୍ ବଡକୁଳର ମାରୁତି ୟୁଥ୍ ସେବା ଟ୍ରଷ୍ଟ ପରିବାର ସହଯୋଗର ହାତ ବଢ଼ାଇଛି। ରାସନ୍ ସାମଗ୍ରୀ ସହିତ ଅନ୍ୟାନ୍ୟ ଜିନିଷ ସହଯୋଗ ଆକାରରେ ଯୋଗାଇ ଦେଇଛନ୍ତି।

## ଏସ୍‌ଆଇଆର୍ ପାଇଁ କଂଗ୍ରେସର ବିଏଲଏ-୨ ପ୍ରଶିକ୍ଷଣ ଶିବିର




ମହାକାଳପଡ଼ା,୨୯।୭(ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାକାଳପଡ଼ା ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ବିଏଲଏ-୨ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ମହାକାଳପଡ଼ାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି।ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଏଲଏ-୧ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ ଏବଂ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା ରାଜନଗର ବିଧାନସଭା କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ବୁଥ୍ ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ବକ୍ତାମାନେ ବୁଥ୍ ସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼, ସକ୍ରିୟ ଓ ପ୍ରଭାବଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବୁଥ୍‌କୁ ସଶକ୍ତ ଓ ବିଜୟୀ କରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ସହ ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଥିଲା। ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସର ସଂଗ୍ରାମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# କମିଲା ବର୍ଷା, ହେଲେ କମିନାହିଁ ଲୋକଙ୍କ ଦୁର୍ଦ୍ଦଶା

ବାରିପଦା,୨୯।୭ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷା ର ପ୍ରଭାବ ମୟୁରଭଞ୍ଜ ଜିଲ୍ଲା ର ସଦର ମହକୁମା ବାରିପଦା ସମେତ ବିଭିନ୍ନ ବ୍ଲକ ରେ ଦେଖିବାକୁ ମିଳିଛି। ବିଶେଷ କରି ସୋମବାର ରାତ୍ରୀ ଏବଂ ମଙ୍ଗଳବାର ଦିନ ଦିନତମାମ ଅହରହ ବର୍ଷା ରେ ମୟୁରଭଞ୍ଜ ଜିଲ୍ଲା ର ସଦର ମହକୁମା ବାରିପଦା ସମେତ ବଡ଼ସାହି, ବେତନଟୀ, ବାରିପଦା ବ୍ଲକ, ଖୁଣ୍ଟା, କପ୍ତିପଦା,ଉଦଳା, କୁସମୀ, ବହଳଦା, ଠାକୁରମୁଣ୍ଡା, ଜି ଓ୍ୱି ନଗର, ତିରିଂ, ବିଶୋଇ, ରସଗୋବିନ୍ଦପୁର, ଶାମାଖୁଣ୍ଟା, ଶୁଳିଆପଦା, ବାଙ୍ଗରିପୋଷୀ, ଖୁଣ୍ଟା, ରାଇରଙ୍ଗପୁର, ଯଶିପୁର, ଶୁକ୍ରୁଳି, ରରୁଆଁ ଆଦି ୨୧ ଗୋଟି ବ୍ଲକର ୩୮ ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୬ଗୋଟି ଗ୍ରାମ ପ୍ରଭାବିତ ହୋଇଅଛି ।



ସେହିପରି ଉଦଳା ଏନଏସି ର ଛଅ ଗୋଟି ଓ୍ୱାର୍ଡ ମଧ୍ୟ ପ୍ରଭାବିତ ହୋଇଅଛି। ଏହିସବୁ ଅଞ୍ଚଳର ଲୋକମାନଙ୍କୁ

### ଲଗାଣ ବର୍ଷାରେ ମୟୁରଭଞ୍ଜ ଜିଲ୍ଲାର ୨୧ଟି ବ୍ଲକର ୪୬ଟି ଗ୍ରାମ ପ୍ରଭାବିତ

ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ୩୪ ଗୋଟି ଆଶ୍ରୟ ସ୍ଥଳରେ ରଖାଯାଇଅଛି । ସେମାନଙ୍କ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଅଛି । ରସଗୋବିନ୍ଦପୁର, ବଡ଼ସାହି ଏବଂ ବେତନଟି ରେ ଚାରିଗୋଟି ଓଡ୍ରାଫ୍ଟ ଟିମ ମୃତ୍ୟୟନ କରାଯାଇଅଛି । ଆଜି ବର୍ଷାର ପରିମାଣ କମ ଥିବା ଯୋଗୁଁ ଜିଲ୍ଲା ଦେଇ ପ୍ରବାହିତ ହୋଇଥିବା ବୁଢ଼ାବଳଙ୍ଗ, ସୁବର୍ଣ୍ଣର୍ଣ୍ଣ ଏବଂ ଜଳକା ଆଦି ନଦୀରେ ଜଳସ୍ତର ମଧ୍ୟ କମିବାରେ ଲାଗିଅଛି ।

ସେହିପରି ଆଜି ପୂର୍ବାହ୍ନ ସୁଦ୍ଧା ଶିମିଳିପାଳ ର ସାତକୋଶିଆରେ ସର୍ବାଧିକ ୧୩୧.୦୬୪ ମିଲିମିଟର ବର୍ଷା ରେକର୍ଡ କରାଯାଇଅଛି । ଜିଲ୍ଲା ର ଦେଓ, କାଳ, ଗାଲୁଡ଼ି, କାନଝାରି ଆଦି ରିଜର୍ଭ ଡ୍ୟାମ ଆଦିରେ ମଧ୍ୟ ଆଜି ଜଳସ୍ତର କମିଛି । ଫଳରେ ଜିଲ୍ଲାରେ ବନ୍ୟା ଆଶଙ୍କା ଟଳିଅଛି । ଅନ୍ୟ ପକ୍ଷରେ ଲଗାଣ ବର୍ଷା ରେ ବିଭିନ୍ନ ସ୍ଥାନରେ ଲୋକମାନଙ୍କର ଚାଳ ଛପର ଘର ମଧ୍ୟ ଭାଙ୍ଗିଯାଇଅଛି। ରାସ୍ତାଘାଟ ର ଅବସ୍ଥା ବେହାଲ ହୋଇଅଛି। ଆଗକୁ ଆହୁରି ବର୍ଷାଦିନ ଅଛି । ତେଣୁ ଲୋକମାନଙ୍କ ମନରେ ବିଗତ ଦିନରେ ୨୦୧୩ ମସିହାରେ ଜିଲ୍ଲା ରେ ଘଟିଥିବା ଫାଇଲିନ ବାତ୍ୟା କଥାର ଭୟାଭୟ ଦୃଶ୍ୟ ଆଜି ବି ମନେ ପଡ଼ିଯାଉଅଛି ।

SANCHAR
ସଂଚାର
ଗୁରୁବାର ୩୦ ଜୁଲାଇ ୨୦୨୬

# ସିନେମା

## ମେକର୍ସ ବାଣ୍ଟିଲେ ସୁନାର ଶଙ୍ଖ





ରଣବୀର କପୁର ଏବଂ ଯଶଙ୍କ ଅଭିନୀତ ଚଳଚ୍ଚିତ୍ର 'ରାମାୟଣ'ର ଟ୍ରେଲର ରିଲିଜ୍ ସ୍ଥଗିତ ରଖାଯାଇଛି। ଯାହା ପ୍ରଶଂସକଙ୍କୁ ନିରାଶ କରିଛି । ତଥାପି, ଆମେରିକାରେ ସାନ ଡିଏଗୋ କମିକ୍ କନ୍ ୨୦୨୬ ରେ ଉପସ୍ଥିତ ଲୋକଙ୍କ ପାଇଁ ଏହି କାର୍ଯ୍ୟକ୍ରମ କେଉଁ ଭିଜୁଆଲ୍ ଟ୍ରିଟରୁ କମ୍ ନଥିଲା । କାରଣ ୨୪ ଜୁଲାଇରେ, ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିତେଶ ତିୱାରୀଙ୍କ 'ରାମାୟଣ'ର ଟ୍ରେଲର ପ୍ରଦର୍ଶିତ ହୋଇଥିଲା । ଯାହାକୁ ଦେଖି ଦର୍ଶକମାନେ ବହୁତ ଖୁସି ହୋଇଥିଲେ । ୪ ହଜାର କୋଟି ବଜେଟ୍ ରେ ନିର୍ମିତ ଏହି ଫିଲ୍ମକୁ ନିର୍ମାତା ଏକ ବିଶ୍ୱସ୍ତରୀୟ ବ୍ଲକବଷ୍ଟର ଭାବରେ ଉପସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ଯେତେ ଖର୍ଚ୍ଚ ହେଉ ନା କାହିଁକି, ଏହାକୁ ବଡ କରିବାରେ କୌଣସି କସରତ ଛାଡ଼ୁ ନାହାଁନ୍ତି । ସମ୍ପୂର୍ଣ୍ଣ ଟିମ୍ ଫିଲ୍ମର ପ୍ରମୋସନରେ ବ୍ୟସ୍ତ । ଏହାରି ଭିତରେ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ଯେଉଁଥିରେ ଦାବି ହେଉଛି ଯେ ମେକର୍ସ ପ୍ରଶଂସକଙ୍କୁ ସୁନାରେ ତିଆରି ଶଙ୍ଖ ଗିଫ୍ଟ କରିଛନ୍ତି । ରଣବୀର କପୁରଙ୍କ 'ରାମାୟଣ' ରିଲିଜ୍ ହେବାକୁ ଆଉ ବେଶି ସମୟ ନାହିଁ । ଏଥି ମଧ୍ୟରେ ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି ।

## ସ୍ମୃତିରେ ଜୀବିତ ଉମ୍ରାଓ ଜାନ୍

ବଲିଉଡ୍‌ର କିଂବଦନ୍ତି ଅଭିନେତ୍ରୀ ରେଖାଙ୍କର ଏକ ପ୍ରସିଦ୍ଧ ଚଳଚ୍ଚିତ୍ର ହେଉଛି 'ଉମ୍ରାଓ ଜାନ୍'। ୧୯୮୧ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ଏହାକୁ ୪ଟି ଜାତୀୟ ପୁରସ୍କାର ମିଳିଥିଲା। ରେଖା ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିଲେ। ଆସନ୍ତା ମାସରେ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ମେଲବୋର୍ନ (ଆଇଆଇଏଫ୍ଏମ୍)ରେ ଏହା ପ୍ରଦର୍ଶିତ ହେବାକୁ ଯାଉଛି। ଏହି ଅବସରରେ ରେଖା କହିଛନ୍ତି ଯେ ଉମ୍ରାଓ ଜାନ୍ ଚରିତ୍ର ଦଶନ୍ଧି ଦଶନ୍ଧି ଧରି ତାଙ୍କ ସହିତ ଉଜ୍ଜୀବିତ ଅଛି।

ତାଙ୍କ ନିଜ ଭାଷାରେ- "ଉମରାଓ ଜାନ ମୋ ସ୍ମୃତି, ମୋ ନିରବତା ଓ ବର୍ଷ ବର୍ଷ ଧରି ତାଙ୍କୁ ଭଲ ପାଇଆସିଥିବା ଲୋକଙ୍କ ହୃଦୟରେ ବଞ୍ଚି ରହିଛି। ବିଶ୍ୱସ୍ତରୀୟ ମଞ୍ଚରେ ଏହି ଚଳଚ୍ଚିତ୍ରକୁ ସମ୍ମାନିତ କରାଯିବା ଦେଖି ମନ ବିନମ୍ରତାରେ ଭରିଯାଉଛି।'' ଅଗଷ୍ଟ ୧୩ରୁ ୨୩ ତାରିଖ ଯାଏ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ମହୋତ୍ସବରେ ରେଖା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ।

ଭାରତୀୟ ସିନେମାକୁ ଅବଦାନ ଲାଗି ତାଙ୍କୁ ସେଠାରେ ସମ୍ମାନଜନକ 'ଏକ୍ସିଲେନ୍ସ ଇନ୍ ସିନେମା ଆୱାର୍ଡ' ମିଳିବ। ରେଖା ଏହି ପୁରସ୍କାରକୁ କୃତଜ୍ଞତାର ସହିତ ଗ୍ରହଣ କରିବାକୁ ଇଚ୍ଛୁକ। ଏହା କେବଳ ତାଙ୍କ ଅଭିନୟକୁ ସ୍ୱୀକୃତି ନୁହେଁ, ତାଙ୍କ ଜୀବନ ଓ ଅଭିନୟକୁ ଆକାର ଦେଇଥିବା ଚଳଚ୍ଚିତ୍ର ନିର୍ମାତା, ଲେଖକ, ସଂଗୀତଜ୍ଞ ଓ ଅନ୍ୟାନ୍ୟ ଅଗଣିତ କଳାକାରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଛନ୍ତି।





## ମା'କୁ ହିନ୍ଦୁ-ମୁସଲିମରେ ବାଣ୍ଟନ୍ତୁ ନାହିଁ, ମା' ନିଜେ ଗୋଟିଏ ଧର୍ମ

ମୁମ୍ବାଇ -ସନ୍ନି ଦେଓଲଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ବଣ୍ଟୱାରା ୧୯୪୭' ର ଟ୍ରେଲର୍ ରିଲିଜ ହୋଇ ଯାଇଛି। ଦୀର୍ଘ ଦିନରୁ ପ୍ରଶଂସକମାନେ ଏହି ଫିଲ୍ମର ଟ୍ରେଲରକୁ ଅପେକ୍ଷା କରିଥିଲେ। ଟ୍ରେଲରରେ ସନ୍ନି ଦେଓଲଙ୍କ ବ୍ୟତୀତ ପ୍ରୀତି ଜିଣ୍ଟା, କରଣ ଦେଓଲ, ଶବାନା ଆଜମୀ ଏବଂ ଅଲ୍ଲୀ ଫଜଲଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଛି। ଟ୍ରେଲରର ଆରମ୍ଭରେ ଭାରତର ତ୍ରିରଙ୍ଗା ପତାକା ନଜର ଆସୁଛି। ପଛରୁ କୁନି ପିଲାମାନଙ୍କର ଭାରତ ମାତା କି ଜୟ ନାରା ଶୁଣାଯାଉଛି। ସେତିକି ବେଳେ ସନ୍ନି ଦେଓଲ ଗାଡ଼ିରୁ ଓହ୍ଲାଉ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହାପରେ ସେ ପ୍ରୀତି ଜିଣ୍ଟାଙ୍କୁ ଦେଶର ସ୍ୱାଧୀନତା ମୁବାରକ ବୋଲି କହୁଛନ୍ତି ଏବଂ ପ୍ରୀତି ମଧ୍ୟ ପ୍ରତିବଦଳରେ କହୁଛନ୍ତି - ଆପଣଙ୍କୁ ବି ମୁବାରକ। ସନ୍ନି ଦେଓଲଙ୍କ ପୁଣି ଦମଦାର ଅନ୍ଦାଜ - ଉକ୍ତ ଫିଲ୍ମରେ ସନ୍ନିଙ୍କୁ ଜଣେ ମୁସଲିମ୍ ଚରିତ୍ରରେ ପ୍ରଦର୍ଶିତ କରାଯାଇଛି। କାହାଣୀରେ ଦଙ୍ଗା ସୃଷ୍ଟି ହେବା ପରେ ସନ୍ନି ନିଜ ପରିବାର ସହ ଏକ ନୂଆ ଘରକୁ ଯାଆନ୍ତି। କିନ୍ତୁ ସେଠାରେ ଜଣେ ବୃଦ୍ଧା ମହିଳା ରହୁ ଥିବା ଦେଖିବାକୁ ମିଳେ, ଯିଏ କହନ୍ତି -ଏହା ମୋ ଘର ଏବଂ ମୁଁ ଏହାକୁ ଛାଡ଼ି ଯିବି ନାହିଁ। ସେହି ବୃଦ୍ଧା ଜଣକ ହିନ୍ଦୁ ଥିଲେ। କିଛି ମୁସଲିମ୍ ଯୁବକ ତାଙ୍କୁ ମାରିବାକୁ ଆସୁ ଥିବା ବେଳେ ସନ୍ନି ସେହି ବୃଦ୍ଧାଙ୍କୁ ବଞ୍ଚାଇବା ପାଇଁ ସମସ୍ତଙ୍କ ସହ ଲଢ଼େଇ କରନ୍ତି। ଏକାଠି ନଜର ଆସିଲେ ସନ୍ନି ଓ କରଣ- ଟ୍ରେଲରରେ କରଣ ଦେଓଲଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ତାଙ୍କର ଯେଉଁ ଡାଏଲଗ୍ ଆସୁଛି ,ତାହା ଖୁବ୍ ପରଫେକ୍ଟ ଲାଗୁଛି ତାଙ୍କ ବାପା ଓ ତାଙ୍କ ପାଇଁ। କରଣ କହୁଛନ୍ତି- ତୁ ମୋ' ବାପାଙ୍କୁ ଜାଣିନୁ, ସେ ଘର ଦେଖିବେନି କି ସୀମା ଦେଖିବେନି, ସିଧା ଘରେ ପଶି ମାରିବେ। ଟ୍ରେଲରରେ କିଛି ଦମଦାର ଡାଏଲଗ୍ ଶୁଣିବାକୁ ମିଳୁଛି, ଯେପରି - ମନ୍ଦିର ଭାଙ୍ଗିବା ଇସଲାମ୍ ନୁହେଁ। ପ୍ରତ୍ୟେକ ପିଲାର ପ୍ରଥମ ଧର୍ମ ହେଉଛି 'ମା'। ମା'କୁ ହିନ୍ଦୁ-ମୁସଲିମରେ ବାଣ୍ଟନ୍ତୁ ନାହିଁ, ମା' ନିଜେ ଗୋଟିଏ ଧର୍ମ।

## 'ଆମିରଙ୍କଠାରୁ ବି ବଡ଼ ପର୍‌ଫେକ୍ସନିଷ୍ଟ'



ଆମିର ଖାଁ ବଲିଉଡ୍ ଶିଳ୍ପର 'ମିଷ୍ଟର୍ ପର୍‌ଫେକ୍ସନିଷ୍ଟ' ବୋଲି ସମସ୍ତେ ଜାଣନ୍ତି। ଏହାର ଅର୍ଥ ହେଉଛି ସବୁ କାମ ନିଖୁଣ ଭାବରେ ସମ୍ପାଦନ କରିବା ତାଙ୍କ ପସନ୍ଦ। ତେବେ ଭେଟେରାନ୍ ଅଭିନେତ୍ରୀ ଶଗୁଫ୍ତା ଅଲୀଙ୍କ ମତରେ ଗୋବିନ୍ଦା ହେଉଛନ୍ତି ଆମିରଙ୍କଠାରୁ ବଡ଼ ପର୍‌ଫେକ୍ସନିଷ୍ଟ। ତାଙ୍କର ଏ ଦାବି ପଛର ନିଜସ୍ୱ ଅଭିଜ୍ଞତା ରହିଛି। ସେ କହିଛନ୍ତି 'ହିରୋ ନମ୍ବର ୧' ଚଳଚ୍ଚିତ୍ର ସେଟ୍‌ରେ ସେମାନେ ଏକାଠି ଅଭିନୟ କରିବା ବେଳେ ଗୋବିନ୍ଦା ଗୋଟିଏ ଗୋଟିଏ ଦୃଶ୍ୟ ଲାଗି ୨୫ ଥର ରିହର୍ସାଲ୍ କରୁଥିଲେ ଏବଂ ସନ୍ତୁଷ୍ଟ ହେବା ଯାଏ ବାରମ୍ବାର ସେହି ଦୃଶ୍ୟର ସୁଟିଂ କରୁଥିଲେ। ଏଥିପାଇଁ ସହଅଭିନେତାମାନେ କ୍ଳାନ୍ତ ହୋଇଯାଉଥିଲେ। ଏପରିକି ନିର୍ଦ୍ଦେଶକ ଡେଭିଡ୍ ଧବନ ସିନ୍‌କୁ ଓକେ କରିଦେବା ସତ୍ତ୍ୱେ ଗୋବିନ୍ଦା ରିଟେକ୍ ପାଇଁ ଅନୁରୋଧ କରୁଥିଲେ ଏବଂ ଅନ୍ୟ ସମସ୍ତଙ୍କୁ ସେଥିପାଇଁ କ୍ଷମା ମଧ୍ୟ ମାଗୁଥିଲେ। ତେଣୁ ଶଗୁଫ୍ତାଙ୍କ ମତରେ ଗୋବିନ୍ଦା ଆମିରଙ୍କଠାରୁ ବି ବଡ଼ ପର୍‌ଫେକ୍ସନିଷ୍ଟ। ତେବେ ଗୋବିନ୍ଦାଙ୍କ ଗୋଟିଏ ନକାରାତ୍ମକ ଦିଗକୁ ମଧ୍ୟ ଶଗୁଫ୍ତା ଉତ୍‌ଥାପନ କରିଛନ୍ତି। ତାହା ହେଲେ ଗୋବିନ୍ଦା କେବେ ସେଟ୍‌କୁ ଠିକ୍ ସମୟରେ ଆସୁ ନଥିଲେ। ୯ଟାରେ ସୁଟିଂ ଆରମ୍ଭ ହେବାର ଥିଲେ ଗୋବିନ୍ଦା ଗୋଟାଏ-ଦୁଇଟାରେ ସେଟ୍‌କୁ ଆସୁଥିଲେ ବୋଲି ଶଗୁଫ୍ତା ପ୍ରଘଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଶଗୁଫ୍ତା ଗୋବିନ୍ଦାଙ୍କ ସହିତ ୩-୪ଟି ଚଳଚ୍ଚିତ୍ରରେ ଏକାଠି ଅଭିନୟ କରିଛନ୍ତି। ନବମ ଦଶକରେ ଗୋବନ୍ଦା ବଲିଉଡ୍‌ର ସବୁଠାରୁ ବଡ଼ ତାରକା ପାଲଟିଯାଇଥିଲେ। ତେବେ ୨୦୦୦ ମସିହା ପରେ ତାଙ୍କ କ୍ୟାରିଅର୍‌ରେ ପତନ ଦେଖାଗଲା। ୨୦୦୭ରେ ତାଙ୍କ 'ପାର୍ଟନର୍' ଚଳଚ୍ଚିତ୍ର ସଫଳତା ପାଇଥିଲା, କିନ୍ତୁ ସେ ସେହି ସଫଳତା ଆଉ ବଜାୟ ରଖିପାରି ନ ଥିଲା। ଶେଷ ଥର ସେ ୨୦୧୯ରେ ମୁକ୍ତିଲାଭ କରିଥିବା 'ରଙ୍ଗୀଲା ରାଜା'ରେ ଦେଖାଦେଇଥିଲେ କିନ୍ତୁ ତାହା ବକ୍ସ ଅଫିସରେ ବିଫଳ ହୋଇଥିଲା। ସେ ସାତ ବର୍ଷର ବ୍ୟବଧାନ ପରେ 'ରୁପା' ଚଳଚ୍ଚିତ୍ର ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି ବୋଲି ନିକଟରେ ଘୋଷଣା କରିଛନ୍ତି।



## ଗୋଟିଏ ଜିଦ୍ ପାଇଁ ଭାଙ୍ଗିଗଲା ସମ୍ପର୍କ



ବଲିଉଡ୍‌ର ସର୍ବକାଳୀନ ଶ୍ରେଷ୍ଠ ସିନେମାଗୁଡ଼ିକ ମଧ୍ୟରେ 'ମୁଗଲ୍-ଏ-ଆଜମ' ଅନ୍ୟତମ । ଏହି ଫିଲ୍ମରେ ଦିଲୀପ କୁମାର ଓ ମଧୁବାଲାଙ୍କ ଅଭିନୟ ଆଜି ବି ମନେ ରଖିଛନ୍ତି ସିନେପ୍ରେମୀ । ରୁପେଲି ପରଦାର ସେହି ପ୍ରେମ କାହାଣୀ ପରଦା ବାହାରେ ବି ଧୀରେ ଧୀରେ ଅଙ୍କୁରିତ ହୋଇଥିଲା । ପରଦା ବାହାରେ ରିଲ୍ ଲାଇଫ୍‌ର ସଲିମ ଓ ଅନାରକଲି ଜଣେ ଅପରର ପ୍ରେମରେ ପଡ଼ିଥିଲେ । ଫିଲ୍ମ ରିଲିଜ୍ ହେବା ପରେ ଦିଲୀପ କୁମାର ଓ ମଧୁବାଲାଙ୍କ ସଂପର୍କ ବିଷୟରେ ପ୍ରାୟତଃ ଅନେକ ଲୋକ ଜାଣି ସାରିଥିଲେ । କେବଳ ଯେ ଦୁହେଁ ପରସ୍ପରର ପ୍ରେମରେ ପଡ଼ିଥିଲେ ତାହା ନୁହେଁ, ବରଂ ପ୍ରାୟ ଗୋଟିଏ ଦଶକର ପ୍ରେମ ପରେ ଦୁହେଁ ବିବାହ କରି ସୁଖରେ ସଂସାର କରିବାର ସ୍ୱପ୍ନ ବୁଣିଥିଲେ । ବିଶେଷ କରି ଦିଲୀପ କୁମାରଙ୍କୁ ସ୍ୱାମୀ ରୂପରେ ପାଇବାକୁ ପାଗଳ ପ୍ରାୟ ହୋଇଉଠିଥିଲେ ମଧୁବାଲା । ଦିଲୀପ କୁମାରଙ୍କ ପରିବାର ଲୋକ ବି ମଧୁବାଲାଙ୍କୁ ଗ୍ରହଣ କରିନେଇଥିଲେ । କେବଳ ଥିଲା ସମୟର ଅପେକ୍ଷା । କିନ୍ତୁ ଭାଗ୍ୟର ପରିହାସ ହେଉ ଅଥବା ନିୟତିର ଅନ୍ୟ କିଛି ଇଚ୍ଛା । ବିବାହ କରିବାର ନିଷ୍ପତ୍ତି ନେଇସାରିବା ପରେ ବି ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିଲେ ନାହିଁ । ସବୁଦିନ ପାଇଁ ଅଧୁରା ରହିଗଲା ଦିଲୀପ କୁମାର ଓ ମଧୁବାଲାଙ୍କ ପ୍ରେମ କାହାଣୀ । ସାମାନ୍ୟ ଗୋଟିଏ ଜିଦ୍ କାରଣରୁ ଦୁହିଁଙ୍କର ଦୀର୍ଘ ବର୍ଷର ସଂପର୍କକୁ ନଷ୍ଟ କରିଦେଇଥିଲା । 'ମୁଗଲ୍-ଏ-ଆଜମ'ସୁଟିଂ ହେବା ଆଗରୁ ୧୯୫୧ ମସିହାରେ ଫିଲ୍ମ 'ତରାନା'ର ସେଟ୍‌ରେ ଜଣେ ଅପରର ପ୍ରେମରେ ପଡ଼ିଥିଲେ ଦିଲୀପ କୁମାର ଓ ମଧୁବାଲା । ଯଦିଓ ସେତେବେଳେ ଏ ନେଇ କେହି କାହା ଆଗରେ କହିନଥିଲେ । ଏହି ଫିଲ୍ମ ପରେ ଏକାଧିକ ସିନେମାରେ ଯୋଡ଼ି ବାନ୍ଧିଛନ୍ତି ସେମାନେ । ସେତେବେଳକୁ ଦୁହିଁଙ୍କ ହୃଦୟରେ ପ୍ରେମର ବୀଣା ଝଙ୍କୃତ ହେଉଥାଏ । ୧୯୬୦ ମସିହାରେ ମୁକ୍ତି ପାଏ ସେମାନଙ୍କ ଅଭିନୀତ ସବୁଠାରୁ ଲୋକପ୍ରିୟ ଫିଲ୍ମ 'ମୁଗଲ-ଏ- ଆଜମ' । ଦିଲୀପ କୁମାର ଓ ମଧୁବାଲାଙ୍କ ପ୍ରେମ ଯେ ଶେଷ ମୁହୂର୍ତ୍ତରେ ତାସ୍‌ର ଘର ଭଳି ଭୁଶୁଡ଼ି ପଡ଼ିବ ସେକଥା କେହି ବି ଅନ୍ଦାଜ କରିପାରିନଥିଲେ । ଏପରିକି ଦୁହିଁଙ୍କ ପରିବାର ଲୋକ ବି ଆଗୁଆ ସଙ୍କେତ ପାଇନଥିଲେ । ମଧୁବାଲାଙ୍କ ଭାଇ ମଧୁର ଭୂଷଣ ଏକ ସାକ୍ଷାତକାରରେ ଜଣାଇଥିଲେ, ଦିଲୀପ କୁମାର ସେମାନଙ୍କ ବାପାଙ୍କ ପାଖରେ ବାରମ୍ବାର କ୍ଷମା ମାଗିଥିଲେ ବି ମଧୁବାଲା ଓ ଦିଲୀପ କୁମାର ସାରା ଜୀବନ ପାଇଁ ବାନ୍ଧି ହୋଇପାରିଲେ ନାହିଁ । ମଧୁର ଭୂଷଣ ଜଣାଇଥିଲେ, ବି. ଆର୍ ଚୋପ୍ରାଙ୍କ ନୂଆ ଫିଲ୍ମ 'ନୟା ଦୌର' ପାଇଁ ସେହି ସମୟରେ ସୁଟିଂ କରୁଥାଆନ୍ତି ମଧୁବାଲା । ଅଚାନକ ସିନେମାର ସୁଟିଂ ସେଟ୍‌ରେ ପରିବର୍ତ୍ତନ କରାଯିବାରୁ ରାଗି ଯାଇଥିଲେ ମଧୁବାଲାଙ୍କ ବାପା । ମଧୁବାଲାଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଇଥିଲେ ତାଙ୍କ ବାପା, ସେ ଯେପରି ଏହି ଫିଲ୍ମର ସୁଟିଂ ନ କରନ୍ତୁ ।



# ବୁଢ଼ାବଳଙ୍ଗରେ ବନ୍ୟା ପରେ ଗମ୍ଭୀର ସ୍ଥିତି



ବୈଶିଙ୍ଗା,୨୯।୭ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବୁଢ଼ାବଳଙ୍ଗ ରେ ଚଳିତ ବର୍ଷର ପ୍ରଥମ ବନ୍ୟାରେ ବହୁ କ୍ଷୟ କ୍ଷତି ଘଟିଥିବା ଖବର ମିଳିଛି। ବୁଧବାର ସକାଳ ସୁଦ୍ଧା ନାଖରା ପୋଲ ଉପରେ ପାଣି ପ୍ରବାହିତ ହେଉଥିବା କାରଣରୁ ତଳି ଅଞ୍ଚଳରେ ପାଣି ଛାଡ଼ି ନଥିବା ବେଳେ ତଳି ଅଞ୍ଚଳର କଚ୍ଚା ଘର ଲୋକଙ୍କୁ ଆଣି ବାତ୍ୟା ଆଶ୍ରୟ ସ୍ଥଳୀରେ ରଖାଯାଇଛି। ଶିମିଳାମୁଣ୍ଡା ଗ୍ରାମର ଝୁନା ସିଂ ଓ ଚୋମାନ ସିଂ ଙ୍କ ଚାଳ ଛପର ଘରଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ତାଙ୍କ ନିକଟରେ ପହଞ୍ଚି ପରିବାରକୁ କିଛି ଖାଦ୍ୟ ପଦାର୍ଥ ଦେବା ସହିତ ସରକାରୀ ସାହାଯ୍ୟ ପାଇଁ ପ୍ରଶାସନ କୁ ଅବଗତ କରାଇଥିଲେ। ସେହିପରି ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ମଧ୍ୟ ବର୍ତ୍ତୀ ଅଞ୍ଚଳ ପାଳ ପାଟଣା ରେ ବହୁ କଚ୍ଚା ଓ ଟାଇଲ ଘର କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀ, ଅକ୍ଷୟ ବାଗ୍, ବନମାଳୀ ବେହେରା, ମଦନ ଦେହୁରୀ, ଗଣେଶ୍ୱର ସେଠୀ, ପଞ୍ଚା ସିଂ ଓ ତ୍ରିଲୋଚନ ବେହେରା ଙ୍କ ଘର ବହୁ କ୍ଷୟ କ୍ଷତି ହୋଇଥିବାର ଆକଳନ କରାଯାଇଛି। ସେଠାରେ ମଧ୍ୟ ଗଣେଶ୍ୱର ପାତ୍ର ପହଞ୍ଚି ସହଯୋଗ କରିବା ସହିତ ଆଖ ପାଖ ଗ୍ରାମର ଶହ ଶହ ଏକର ଚାଷ ଜମି ନଷ୍ଟ ହୋଇ ଥିବା ନେଇ ବିପର୍ଯ୍ୟୟ ପରିଚାଳନା ବିଭାଗ କୁ ଜଣାଇଥିଲେ। ଏହିସହିତ ନାଖରା, ଝେଁଟପିଟା, କୁଚିମୁଣ୍ଡା, ଖଣ୍ଡଦେଉଳି, ଗୋରିଣକୋଠା, ପାଳସିଆ କଲ୍ୟାଣପୁର, ଗଣ୍ଡକି, ପଞ୍ଚପୁକୁରି, ପଦ୍ମକା, ଶଙ୍କରପୁର ଆଦି ଗ୍ରାମରେ ଧାନ ତଳି ସହିତ ପନିପରିବା ଚାଷ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଇଛି। ତୁରନ୍ତ ଏ ସବୁର କ୍ଷୟକ୍ଷତିର ଆକଳନ କରି ପ୍ରଶାସନିକ ସ୍ତରରେ ସହଯୋଗ କରିବାକୁ ଦାବୀ ହୋଇଛି।



## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

କନ୍ଧମାଳ,୨୯।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରେ ଲଗାଣ ବର୍ଷା ରେ ଅନେକ ଅଞ୍ଚଳ ରେ କ୍ଷୟକ୍ଷତି ସହ ଅନେକ ଗ୍ରାମ ଜଳବନ୍ଦୀ ହୋଇଥିବା ଦେଖିବାକୁ ମିଳୁଛି। ଅନେକ ଗ୍ରାମ କୁ ବର୍ଷା ପ୍ରବଳ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଅନେକ କଚ୍ଚା ଘର ଭାଙ୍ଗି ଯାଇଥିବା ଖବର ମିଳିଛି। ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି କ ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ କପୁଗୁଡା ଗାଁ ର ସୁବର୍ଣ୍ଣ ବେହେରା ଙ୍କ ଘର ଲଗାଣ ବର୍ଷା ଯୋଗୁଁ ଘର ଗୋଟିଏ କାନ୍ଥ ଭୁଶୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ପରିବାର ଅଭିଯୋଗ ଅନୁଯାୟୀ ମଙ୍ଗଳବାର ଦିନ ୨ ଟା ସମୟରେ ଅଧିକ ରୁ ଅଧିକ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ଯାହା ଫଳରେ ସାତ ଜଣ ସଦସ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଘର କାନ୍ଥ ଭୁଶୁଡ଼ି ଯିବା ପରେ ସାତ ଜଣ ସଦସ୍ୟ ବର୍ତ୍ତମାନ ନିଜ ଭାଇ ଘରେ ଆଶ୍ରୟ ନେଉ ଥିବା କହିଛନ୍ତି। ତେଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ପରିବାର କୁ କିଛି ସହାୟତା ଯୋଗାଇ ଦେବା ପାଇଁ ପରିବାର ସହ ଗ୍ରାମ ବାସୀ ଦାବି କରିଛନ୍ତି।

## ଆଶ୍ରମ ବିଦ୍ୟାଳୟରେ ଭାଲୁ ଆତଙ୍କ



ଜୟପୁର,୨୯।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟରେ ଭାଲୁ ଆତଙ୍କ ଅଟିବାର ନାଁ ନେଉନି। ଗତକାଲି ରାତିରେ ପୁଣିଥରେ ଏକ ଭାଲୁ ସ୍କୁଲ ପରିସରକୁ ପଶିଥିବା ଦୃଶ୍ୟ କେମେରାରେ କଏଦ ହୋଇଛି। ବାରମ୍ବାର ଭାଲୁ ସ୍କୁଲ ଭିତରକୁ ପଶୁଥିବାରୁ ଛାତ୍ରାବାସରେ ରହୁଥିବା ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି। ବୋରିଗୁମ୍ମା ବ୍ଲକର ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟ ରେ ଗତକାଲି ରାତିରେ ପୁଣିଥରେ ପାଚେରୀ ଡେଇଁ ସ୍କୁଲ ପରିସରକୁ ପଶିଛି ଏକ ଭାଲୁ। ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ସ୍କୁଲ ଭିତରକୁ ଆସୁଥିବା ଭାଲୁ ଏବେ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ବିପଦ ପାଲଟିଛି। ସ୍କୁଲ ଛାତ୍ରାବାସରେ ରହୁଥିବା ୪୦୦ରୁ ଅଧିକ ଛାତ୍ରଛାତ୍ରୀ ସନ୍ଧ୍ୟା ହେଲେ ଭୟରେ ଦିନ କାଟୁଛନ୍ତି। ପୂର୍ବରୁ ମଧ୍ୟ ଭାଲୁ ସ୍କୁଲ ରେ ପଶିଛି। ବାରମ୍ବାର ଭାଲୁର ଉପଦ୍ରବ ଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଆତଙ୍କ ବଢ଼ିଚାଲିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଜଙ୍ଗଲ ବିଭାଗ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେଇ ଭାଲୁର ଚଳପ୍ରଚଳ ରୋକିବା ସହ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକ ଓ ଅଭିଭାବକ ଦାବି କରିଛନ୍ତି।

## ଘରକୁ ଫେରୁଥିଲେ, ବାଟରେ ଦଳିଦେଲା ଦନ୍ତା



ଟିକାବାଲି,୨୯।୭(ସଂଚାର ବ୍ୟୁରୋ): କିଛି ମାସର ବ୍ୟବଧାନ ପରେ ପୁଣିଥରେ ଜି. ଉଦୟଗିରି ବନାଞ୍ଚଳରେ ଦନ୍ତା ହାତୀର ଆତଙ୍କ ଦେଖାଦେଇଛି। ଟିକାବାଲି ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଟିକାବାଲି ବ୍ଲକ ଅନ୍ତର୍ଗତ ଡଙ୍ଗଏୟୁ ଗ୍ରାମ ନିକଟସ୍ଥ ସିରାପାଦେରି ଅଞ୍ଚଳରେ ଏହି ଘଟଣା ଘଟିଛି। ଡଙ୍ଗଏୟୁ ଗ୍ରାମର ପ୍ରଦୀପ ପ୍ରଧାନ ମଙ୍ଗଳବାର ସ୍ତ୍ରୀ ଶୁଭଲତା ଓ ଝିଅ ଶୁଭଲକ୍ଷ୍ମୀଙ୍କ ସହିତ ଗାଁ ପାଖରେ ଥିବା ତାଙ୍କ ବିଲକୁ ଯାଇଥିଲେ। ସନ୍ଧ୍ୟା ବେଳେ ମା' ଝିଅ ଘରକୁ ଫେରି ଆସିଥିବା ବେଳେ ପ୍ରଦୀପ ସେଠାରେ ରହିଯାଇଥିଲେ। ପରେ ସେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୮ରୁ ୯ଟା ମଧ୍ୟରେ ସିରାପାଦେରି ନିକଟସ୍ଥ ମୁଖ୍ୟ ରାସ୍ତାରେ ଏକ ଦନ୍ତା ହାତୀ ସମ୍ମୁଖରେ ପଡ଼ିଯାଇଥିଲେ। ହାତୀକୁ ଦେଖି ସାଙ୍ଗରେ ଥିବା ବ୍ୟକ୍ତି ଜଣଙ୍କ ଦୌଡ଼ି ନିଜ ଜୀବନ ବଞ୍ଚାଇଥିଲେ ହେଁ ପ୍ରଦୀପ ହାତୀ ହାତକୁ ଚାଲିଯାଇଥିଲେ। ଦନ୍ତା ତାଙ୍କୁ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ବ୍ୟକ୍ତି ଜଣଙ୍କ ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ଜଣାଇବାରେ ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରବଳ ବର୍ଷା ଓ ଘଞ୍ଚ ଜଙ୍ଗଲ ଯୋଗୁଁ ପ୍ରଦୀପଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ଏନେଇ ଜି. ଉଦୟଗିରି ବନ ବିଭାଗ ଖବର ଦିଆଯାଇଥିଲେ ମଧ୍ୟ ଭୀଷଣ ବର୍ଷା କାରଣରୁ ବନ ବିଭାଗ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲେ। ବୁଧବାର ସକାଳେ ବନ ବିଭାଗ ସହ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜି. ଉଦୟଗିରି ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ଯଥାଶୀଘ୍ର ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ରାଶି ପ୍ରଦାନ ଦିଗରେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ମଧ୍ୟ ହାତୀ ଆକ୍ରମଣରେ ଡାମ୍ବା ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।

## ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଗଲା ଫରଚୁନର



ବୈଶିଙ୍ଗା,୨୯।୭ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳପଦା ଗ୍ରାମ ପୋଖରୀରେ ଭାରସାମ୍ୟ ହରାଇ ବିଳମ୍ବିତ ରାତିରେ ପଶିଗଲା ଫରଚୁନର କାର୍। ୧୮ନଂ ଜାତୀୟ ରାଜପଥର ଜରକା ଛକରୁ ତିଳପଦା ଯାଉଥିବା ରାସ୍ତାରେ ଘଟିଥିବା ଏହି ଘଟଣାକୁ ନେଇ ବୁଧବାର ସକାଳୁ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଓଡ଼ି-୦୨ସିୟୁ-୧୪୨୨ ନମ୍ବର ବିଶିଷ୍ଟ ଏକ ଫରଚୁନର କାର୍ ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ତୋଷ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ନେଇ ଡ୍ରାଇଭର ତିଳଦା ଗ୍ରାମରେ ଛାଡ଼ି ଫେରୁଥିବା ସମୟରେ ବର୍ଷା ଚାଲିଥିବା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀ ମଧ୍ୟକୁ ପଶିଯାଇଥିଲା। ତେବେ କୌଣସି ମତେ କାର ଭିତରୁ ବାହାରି ପାଣି ଭିତରେ ନିଜର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ଡ୍ରାଇଭର। ବୁଧବାର ସକାଳେ କାରଟି ପୋଖରୀ ଭିତରେ ଭାସୁଥିବା ଦୃଶ୍ୟ ସାମ୍ନାକୁ ଆସିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଥମେ କାର ଭିତରେ କେତେଜଣ ଥିଲେ, କେହି ଫସି ରହିଛନ୍ତି କି ନାହିଁ, ତାହା ନେଇ ଆଶଙ୍କା ବଢ଼ିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଯାଞ୍ଚ ପରେ କାର ଭିତରେ କୌଣସି ବ୍ୟକ୍ତି ନଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରିଛି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବ ପ୍ରସ୍ତୁତି ବୈଠକ



ବଲାଙ୍ଗିର,୨୯।୭ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ ପାଳନ ସମ୍ବନ୍ଧୀୟ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରା ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ଅତ୍ୟନ୍ତ ସଫଳ, ସ୍ମରଣୀୟ ଓ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ, ତା. ୧୫.୦୮.୨୦୨୬ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଣ୍ଟାରେ ରାମଧୂନ, ସକାଳ ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଭାତ ଫେରି, ସକାଳ ୭.୦୦ରୁ ୮.୦୦ ମଧ୍ୟରେ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୭.୩୦ରୁ ୭.୪୫ ମଧ୍ୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସକାଳ ୯.୧୫ରେ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି, ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି, ଜନସାଧାରଣଙ୍କୁ ଉଦ୍ବୋଧନ ଦେବା ସହ କୃତି ପ୍ରତିଯୋଗୀ ଓ ପ୍ରତିଭାମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବେ। ଏହି ସମ୍ମିଳିତ ପ୍ୟାରେଡ୍‌ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ୍, ଗୃହରକ୍ଷୀ ବାହିନୀ, ପୋଲିସ କଲର ପାର୍ଟି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ.ସି.ସି, ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍ ଏବଂ ସିଭିଲିଆନ୍ ଦଳ ଅଂଶଗ୍ରହଣ କରିବେ।

## ଗଞ୍ଜେଇ ଚୋରାଚାଲାଣ ରାକେଟର ପର୍ଦ୍ଦାଫାଶ

ଗଞ୍ଜାମ,୨୯।୭ (ସଂଚାର ବ୍ୟୁରୋ): ଗଞ୍ଜେଇ ଚୋରାଚାଲାଣ ରାକେଟର ପର୍ଦ୍ଦାଫାସ କରି ୩ଅଭିଯୁକ୍ତଙ୍କୁ ଗିରଫ କରିଛି ଏସଟିଏଫ। ଆନ୍ତର୍ରାଜ୍ୟ ଏନଡ଼ିପିଏସ ଅପରାଧୀଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ଅଭିଯୁକ୍ତ ସିବାରାମ ବିଶ୍ୱାଳ, ସିବାରାମ ପାତ୍ର ଓ ବ୍ରହ୍ମପୁରର ମଦ ବ୍ୟବସାୟୀ ମିଟୁ ଓରଫ ମନୋରଞ୍ଜନ ସାବତଙ୍କୁ ଏସଟିଏଫ ଗିରଫ କରିଛି। ସିବାରାମ ବିଶ୍ୱାଳଙ୍କ ଘରୁ ୩.୮୬ ଲକ୍ଷ ନଗଦ, ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନେ ଓଡ଼ିଶାରୁ ରାଜସ୍ଥାନ ସମେତ ଅନ୍ୟ ରାଜ୍ୟକୁ ବ୍ୟବସାୟିକ ପରିମାଣର ଗଞ୍ଜେଇ ଚୋରାଚାଲାଣରେ ସକ୍ରିୟ ଭୂମିକା ନେଉଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବ ଏବଂ ଅଧିକ ତଦନ୍ତ ପାଇଁ ପୁଲିସ ରିମାଣ୍ଡ ଆବେଦନ କରିବ ବୋଲି ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ



ସୁବର୍ଣ୍ଣପୁର,୨୯।୭ (ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିସଭାରେ ବିଶେଷ ଅତିଥିଭାବରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦେବୀ ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମାକ୍ଷ ଡା. ପଦ୍ମହଂସା ଦୋରା ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜାତୀୟ ସ୍ୱାସ୍ଥ୍ୟ ମିଶନ ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ -ହେପାଟାଇଟିସ ରୁ ସୁରକ୍ଷିତ ରହିବା ନିମନ୍ତେ ସମସ୍ତ ଭେଦଭାବ ଓ ପ୍ରତିବନ୍ଧକ କୁ ଦୂର କରିବା, ଜନ୍ମ ର ୨୪ଘଣ୍ଟା ମଧ୍ୟରେ ସବୁ ଶିଶୁ ଙ୍କୁ ହେପାଟାଇଟିସ ପ୍ରତିଷେଧକ ଟୀ କା -ନିଶ୍ଚୟ ଦିଅନ୍ତୁ, ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଉକ୍ତ ରୋଗ ର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା ବିନା ମୂଲ୍ୟ ରେ ଉପଲବ୍ଧ। ଉକ୍ତ ରୋଗ ରୁ ରକ୍ଷା ପାଇବା ପାଇଁ : -କେବଳ ସ୍ୱୀକୃତି ପ୍ରାପ୍ତ ବ୍ଲଡ଼ ବ୍ୟାଙ୍କ ରୁ ରକ୍ତ ଗ୍ରହଣ କରନ୍ତୁ, ଅସୁରକ୍ଷିତ ଯୌନ ସମ୍ପର୍କ ରୁ ଦୁରେଇ ରୁହନ୍ତୁ ଏବଂ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ, ସବୁ ସମୟ ରେ ହାତ ଧୁଆ ଅଭ୍ୟାସ ଜାରି ରଖନ୍ତୁ, ଇତ୍ୟାଦି ନିମନ୍ତେ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ।ଆଜି ଜିଲ୍ଲା ର ଉପକାରାଗାର ଠାରେ ୬୮ଜଣ ଙ୍କ ରକ୍ତ ପରୀକ୍ଷା କରାଯାଇଥିଲା।

## ସଦର ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ବନ୍ୟା ପରର ସ୍ଥିତି ଅନୁଧ୍ୟାନ



ବୈଶିଙ୍ଗା,୨୯।୭ (ସଂଚାର ବ୍ୟୁରୋ): ବୁଢ଼ାବଳଙ୍ଗ ନଦୀ ଅବବାହିକାରେ ଚଳିତ ବର୍ଷର ବନ୍ୟା ପର ସ୍ଥିତି ଅନୁଧ୍ୟାନ ପାଇଁ ସଦର ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ବେତନଟୀ ବିଡିଓ ମୁନ୍ନା ସେଠୀ, ତହସିଲଦାର ଚନ୍ଦ୍ରଜିତ୍ ବେହେରା ପ୍ରମୁଖ ନାଖରା ଠାରୁ ତଳି ଅଞ୍ଚଳ ପର୍ଯ୍ୟନ୍ତ ବନ୍ୟା ପିଡିତ ଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିବାର ଜଣାଯାଇଛି। ଲଘୁଚାପ ଜନିତ ପ୍ରବଳ ବର୍ଷା ଫଳରେ ବିଭିନ୍ନ ନଦୀର ଜଳ ପତନ ବୃଦ୍ଧି ପାଇଥିଲା। ବିଶେଷଭାବେ ବୁଢ଼ା ବଳଙ୍ଗ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସିଥିଲେ ମଧ୍ୟ ବନ୍ୟା ଜଳ ନଦିଗର୍ଭରୁ ବାହାରିନଥିଲା। ମଙ୍ଗଳବାର ବର୍ଷା ଛାଡ଼ିଯିବା ଫଳରେ ନଦୀର ଜଳ ପତନ ବୃଦ୍ଧି ପାଇନଥିଲା। ପାଣି ପାଗ ବିଭାଗର ସୂଚନା ଅନୁଯାୟୀ ମୟୁରଭଞ୍ଜ ଜିଲାର ବେତନଟୀ ରେ ସର୍ବାଧିକ ୨୦୨ ମିମି ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଏହି ବନ୍ୟା ହେବାଫଳରେ ଧନ ଜୀବନ କିମ୍ବା ଗୋ ସମ୍ପଦ କ୍ଷତି ହୋଇନଥିବା ଜଣାପଡ଼ିଛି। ମାତ୍ର ଚାଷୀ ମାନଙ୍କର ଚାଷରେ ବ୍ୟାପକ କ୍ଷତି ହୋଇଥିବା ଜଣାଯାଇଛି। ସଦ୍ୟ ରୁଆ କାମ ହୋଇଥିବା ଏକର ଏକର ରୁଆ ଜମିରେ ଚାଷୀ ରୁଆକାମ ସରିଥିବା ବେଳେ ବନ୍ୟା ପାଣି ମାଡିଯିବା ଫଳରେ ବହୁ ରୁଆ ଜମି ନଷ୍ଟ ହୋଇଥିବା ଜଣାଯାଇଛି। ରୁଆ ଧାନ ଅପେକ୍ଷା ବ୍ୟାପକ ପରିମାଣର ପରିବା ଚାଷ ନଷ୍ଟ ହୋଇଯାଇଛି। ପ୍ରାୟ ଦୁଇଶହ ଏକରରୁ ଉର୍ଦ୍ଧ୍ୱ ପରିବା ଚାଷ ନଷ୍ଟ ହୋଇଯାଇଛିବୋଲି ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ଖଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏକର ଏକର ପନି ପରିବା ଗଛ ନଷ୍ଟ ହେବା ଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ବିଦ୍ୟାଳୟରେ ପାଳିତ ହେଲା ଗୁରୁ ପୂର୍ଣ୍ଣିମା



ବୈଶିଙ୍ଗା,୨୯।୭ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଉପକଣ୍ଠ ବରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସମକକ୍ଷ ସ୍ଥାନ ଦିଆଯାଇଛି। ଗୁରୁ ହିଁ ଜ୍ଞାନର ଆଲୋକ ପ୍ରଦାନ କରି ଜୀବନକୁ ସଠିକ୍ ଦିଗଦର୍ଶନ କରାଇଥାନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଦ୍ୟଧ୍ୱନୀ ଓଁକାର, ମା' ସରସ୍ୱତୀ , ମା ଭାରତୀ ଏବଂ ପରମପୂଜ୍ୟ ଗୁରୁଜନଙ୍କ ଫଟୋ ଛିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବେଦମନ୍ତ୍ର ପାଠ, ଗୁରୁ ବନ୍ଦନା ଓ ପ୍ରାର୍ଥନା ମାଧ୍ୟମରେ ସମଗ୍ର ବିଦ୍ୟାଳୟ ପରିସର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ସମସ୍ତ ଅତିଥି , ଛାତ୍ରଛାତ୍ରୀ , ଗୁରୁଜୀ/ ଗୁରୁମାଙ୍କ ଉପସ୍ଥିତିରେ ଗୈରିକ ଧ୍ୱଜ କୁ ପୂଜାର୍ଚ୍ଚନା କରିବା ସହ ଧ୍ୱଜ ପ୍ରଣାମ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟା କଳ୍ପଲତା ହାଜରା ସଭାରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରି ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ, ସଂସ୍କାରଯୁକ୍ତ ଶିକ୍ଷାର ଆବଶ୍ୟକତା ଏବଂ ଚରିତ୍ର ଗଠନରେ ଗୁରୁଙ୍କ ଅନନ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଯୋଗଦେଇ ଗୁରୁଙ୍କ ସମ୍ମାନ ଓ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ସତ୍ୟନିଷ୍ଠା, ପରିଶ୍ରମ ଓ ଦେଶପ୍ରେମକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରିବା ସହ ଗୁରୁଜନଙ୍କ ପ୍ରତି ସଦା ସମ୍ମାନ ପ୍ରଦର୍ଶନ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ସରୋଜ କୁମାର ପତି ନିଜ ବକ୍ତବ୍ୟରେ କହିଥିଲେ ଯେ ଗୁରୁଙ୍କ ଆଶୀର୍ବାଦ ଓ ସଠିକ୍ ଶିକ୍ଷା ହିଁ ଜଣେ ଛାତ୍ରର ଉଜ୍ଜ୍ୱଳ ଭବିଷ୍ୟତର ଭିତ୍ତି। ସେ ଛାତ୍ରଛାତ୍ରୀଙ୍କୁ ସଂସ୍କାର, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

## ଟ୍ରାକ୍ଟର ଧକ୍କାରେ ଡ୍ରାଇଭର ଗୁରୁତର ଆହତ

ଝାରସୁଗୁଡ଼ା,୨୯।୭(ସଂଚାର ବ୍ୟୁରୋ): ଲଇକେରା ଥାନା ଅଧିନସ୍ଥ ରେଙ୍ଗାଲବେଡ଼ା ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡ ବିଦ୍ୟୁତ୍ ଖୁମ୍ବକୁ ଧକ୍କା ଦେବା ସହ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଗୁରୁତର ଆହତ ହେବା ସହ ବିଦ୍ୟୁତ୍ ଖୁମ୍ବ ଭାଙ୍ଗିଯାଇ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଫେରୁଥିବା ଲଇକେରା ଗୋଷ୍ଠୀ ଶିକ୍ଷାଧିକାରୀ ହିମାଂଶୁ ବାଗ ସ୍ଥାନୀୟ ଲୋକଙ୍କ ସହଯୋଗରେ ଓଲଟି ପଡ଼ିଥିବା ଟ୍ରାକ୍ଟରକୁ ଉଠାଇ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଟ୍ରାକ୍ଟରରେ ଥିବା ଅନ୍ୟ ଜଣେ ଯୁବକ ଦୁର୍ଘଟଣା ପୂର୍ବରୁ ତଳକୁ ଡେଇଁ ପଡ଼ିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ଡ୍ରାଇଭରଙ୍କୁ ପ୍ରଥମେ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର କୁ ଜବତ୍ କରି ଦୁର୍ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି ।

## ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୨୯।୭(ସଂଚାର ବ୍ୟୁରୋ): ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ସଡ଼କ ସୁରକ୍ଷାମୂଳକ ପଦକ୍ଷେପର ଅଗ୍ରଗତିର ସମୀକ୍ଷା ନିମନ୍ତେ ଜିଲ୍ଲା ସଡ଼କ ସୁରକ୍ଷା କମିଟି (ଡିଆରଏସସି) ଏବଂ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସର ସମୀକ୍ଷା ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡିଏସପି ବନିତା ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଏମଭି ଆଇ ଅମିୟ ରଞ୍ଜନ ପାତ୍ର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଭୋଇ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିସ୍ତୃତ ଆଲୋଚନା ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଜୁଆଆଡ୍ଡାରୁ ଜଣେ ମହିଳାଙ୍କ ସମେତ ତିନି ଗିରଫ

ଗଞ୍ଜାମ,୨୯।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲାର ରେଗିଡି ଛକରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ଗତ ରାତିରେ ବେଲଗାଁ ଓ ହିଞ୍ଜିଳି ପୁଲିସ ଜୁଆଆଡ୍ଡା ଉପରେ ମିଳିତ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ତିନି ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୨୭୬୨୦ ନଗଦ ଟଙ୍କା, ତିନୋଟି ମୋବାଇଲ ଓ ଛଅଟି ବାଇକ୍ ଜବତ କରି ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ରାମଚନ୍ଦ୍ର ଦଳାଇ, ମନୋଜ ଦଳାଇ ଓ ଅନୁସୂୟା ନାଏକ। ଏ ସମ୍ପର୍କରେ ବେଲଗାଁ ଥାନାରେ୧୧୨/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଚାନ୍ଦା କରି ରାସ୍ତା ମରାମତି କଲେ ସାହି ବାସିନ୍ଦା

ଜୟପୁର,୨୯।୭(ସଂଚାର ବ୍ୟୁରୋ): ବର୍ଷ ବର୍ଷ ଧରି ପ୍ରଶାସନର ଅଣଦେଖା କାରଣ ରୁ ସାହି ର ରାସ୍ତା ମରାମତି ହୋଇ ପାରିଲା ନାହିଁ।ବର୍ଷା ଦିନ ଆସିଲା ରାସ୍ତା କାଦ ପଚ ହେଲା।କାଦ ରାସ୍ତା ରେ ଲୋକେ ଯିବା ଆସିବା କଷ୍ଟ କର ହେଲା।ଶେଷ ରେ ନିଜ ସାହି ରାସ୍ତାର ମରାମତି ପାଇଁ ଚାନ୍ଦା କରି କାଦ ରାସ୍ତା ଉପରେ ବଜାରୀ ଗୋଡି ଓ ଡଷ୍ଟ ପାଉଡର ପକାଇ ରାସ୍ତା ମରାମତି କଲେ ଗ୍ରାମ ବାସୀ।ଏଭଳି ଦୃଶ୍ୟ ସାମ୍ନା କୁ ଆସିଛି ବୋରିଗୁମ୍ମା-ସହର ର ଅଜଧ୍ୟା ନଗର ପ୍ରଥମ ଗଳିରୁ ଏହି ମରାମତି ନେଇ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି ସ୍ୱତ୍ତେ ମରାମତି ହେଲାନି।

## ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ | 'ଡି'ଟାଇପ କ୍ୱାଟର ନିର୍ମାଣରେ ବ୍ୟାପକ ଅନିୟମିତତା



ତିର୍ତୋଲ,୨୯।୭(ସଂଚାର ବ୍ୟୁରୋ): ତିର୍ତୋଲ ବ୍ଲକ ମଣିଜଙ୍ଗା ଠାରେ ଥିବା ପୂର୍ତ୍ତ କୋଠା ବାଡ଼ି ଉପ ଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଡି ଟାଇପି କ୍ୱାଟର ନିର୍ମାଣ ରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ୨୦୨୫ ମେ ରେ ଉକ୍ତ କ୍ୱାଟର ଅସୁରକ୍ଷିତ ଦର୍ଶାଇ ମଣିଜଙ୍ଗା ସହକାରୀ ଯନ୍ତ୍ରୀ ଏହାକୁ ଭାଙ୍ଗିବା ଓ ନୂତନ କ୍ୱାଟର ନିର୍ମାଣ ପାଇଁଜିଲ୍ଲା ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ଜଗତସିଂହପୁର କୁ ଜଣାଇ ବା ପରେ ଏହି କାର୍ଯ୍ୟ ପାଇଁ ଟେଣ୍ଡରେ କରାଯାଇ ଥିଲା, ଜନୈକ ଠିକାଦାର ଏହାକୁ ନିର୍ମାଣ କରିବା ଓ ଭାଙ୍ଗିବାକୁ ପୂର୍ତ୍ତ ବିଭାଗ ସହିତ ଚୁକ୍ତି ପତ୍ର କରିଥିଲେ ଓ ଡି ଟାଇପି କ୍ୱାଟର ଭଙ୍ଗା ଯାଇଥିଲା ଏହି ସରକାରୀ କ୍ୱାଟର ଭାଙ୍ଗିବା ବାବଦରେ ୨୦୨୫ ମସିହାରେ ଠିକାଦାର ୩ଲକ୍ଷ୍ୟ ଟଙ୍କା ପୂର୍ତ୍ତ ବିଭାଗ ଜଗତସିଂହପୁର ଠାରୁ ପାଇଇଥିଲେ ! 'ଡି'ଟାଇପି କ୍ୱାଟର ଟି ଭଙ୍ଗା ଯାଇ ଥିଲା, ଏହି ଗୃହରୁ ବାହାରି ଥିବା ପୁରୁଣା ଇଟା ଛାତ ର ପୁରୁଣା ରଡ଼ କୁଆଡେ ଗଲା ତାହାର ହିସାବ ମିଳୁନି, ଏ ସବୁକୁ ସମ୍ପୃକ୍ତ ଠିକାଦାର ସେହି ନବ ନିର୍ମିତ ଗୃହର ଫୁଟିଙ୍ଗି ଓ ନିଅଁ ରେ ବେବହୃତ ହେଇଥିବା ଶୁଣିବାକୁ ମିଳୁଛି। ଏତତଃ ବ୍ୟତୀତ ଗୃହ ର ଫ୍ଲୋର ରେ ପୋକ ଉଇ ର ନିବାରଣ ପାଇଁ ଆଣ୍ଟି ଟେରମିଟି କେମିକାଲ ଟ୍ରିଟିମେଣ୍ଟ ଠିକାଦାର କରି ନଥିବା ସୂଚନା ମିଳିଛି ଓ ଏହି ଆଣ୍ଟି ଟେରେମିଟ ଟ୍ରିଟିମେଣ୍ଟ ବାବଦରେ ଲଖ୍ୟା ଧିକ ଟଙ୍କା ମିଥ୍ୟା ବିଲି କରାଯାଇଛି। ଏବଂ ଫ୍ଲୋର ଟାଇଲି ବିଛା କାର୍ଯ୍ୟରେ ଏଷ୍ଟିମେଣ୍ଟ ଠାରୁ ନିମ୍ନ ମାନର ଟାଇଲି ବିଛା ଯାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ କ୍ୱାଟର ନିର୍ମାଣ ଚାଲିଛି। ଏଥିସହିତ ନିମ୍ନ ମାନର ବାଲି ନନ ବ୍ରାଣ୍ଡ ସିମେଣ୍ଟ ବେବହାର କରାଯାଇ ନିର୍ମାଣ ଚାଲିଛି ମଣିଜଙ୍ଗା ପୂର୍ତ୍ତ ସହକାରୀ ଯନ୍ତ୍ରୀ ଙ୍କ ପାଇଁ ସରକାରୀ ବାସ ଗୃହ ନିର୍ମାଣ ଏହା କେତେ ଦୀର୍ଘ ସ୍ଥାଇ ଠିକାଦାର ଓ ନବ ନିଯୁକ୍ତସବ ଡିଭିଜନ ସହକାରୀ ଯନ୍ତ୍ରୀ ଜାଣନ୍ତି ଲୋକେ କହୁଛନ୍ତି ସରକାରୀ ମାଲ ଠିକାଦାର ପେଟମେ ଡ଼ାଲ ପ୍ରକ୍ରିୟା ରେ ଚାଲିଛି ବିକାଶ, ଯେଉଁଠି ବାଡ଼ ଫସଲ ଖାଉଛି କହିବା ପାଇଁ ଆମ୍ଭେମାନେ କିଏ।